ବର୍ଷ-୨୪, ସଂଖ୍ୟା-୨୨୩
ଭୁବନେଶ୍ୱର
୧୨ ସେପ୍ଟେମ୍ବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 223
Bhubaneswar
12 September, 2024, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ପୂର୍ବ ସରକାରଙ୍କ ଗୁମର ଖୋଲିଲେ ସିଏଜି

# ୭୮୨ କୋଟି କାଳିଆ ଟଙ୍କା ଚଳୁ

**ଭୁବନେଶ୍ୱର,୧୧।୯(ମହାଭାରତ):** ବୁଧବାର ବିଧାନସଭାରେ ୬ଟି ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି। ରିପୋର୍ଟରେ ପୂର୍ବର ବିଜେଡ଼ି ସରକାରଙ୍କ ଗୁମର ଖୋଲିଛି। ସିଏଜି ରିପୋର୍ଟ ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକଙ୍କ ୨୦୨୨ମାର୍ଚ୍ଚରେ ସମାପ୍ତ ବର୍ଷ ପାଇଁ ଓଡିଶା ସରକାରଙ୍କ ସମ୍ପର୍କିତ ଅନୁପାଳନ ସମୀକ୍ଷା ପ୍ରତିବେଦନ, ଅନୁସୂଚିତ ଅଞ୍ଚଳରେ ଜମି ପରିଚାଳନା, ୨୦୨୩ ମାର୍ଚ୍ଚରେ ସମାପ୍ତ ବର୍ଷ ପାଇଁ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ସିଏଜି ରିପୋର୍ଟ ଓଡିଶା ବିଧାନସଭାରେ ଉପସ୍ଥାପିତ ହୋଇଛି। ଏହା ପରେ ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଧାନ ମହାଲେଖାକାର ରାଜନୀତି କୁମାର, ମହାଲେଖାକାର ବିଶ୍ୱନାଥ ସିଂହ ଜାଦୋନ ଅଡିଟ ପୁସ୍ତିକା ଉନ୍ମୋଚନ କରିବା ସହ ଖବରଦାତାମାନଙ୍କୁ ସିଏଜି ରିପୋର୍ଟ ସୂଚନା ପ୍ରଦାନ କରିଥିଲେ।

କାଳିଆ ଯୋଜନା ସମ୍ପର୍କରେ ସିଏଜି ରିପୋର୍ଟରେ ଆଶ୍ଚର୍ଯ୍ୟ କଲା ଭଳି ତଥ୍ୟ ପ୍ରକାଶ ପାଇଛି। ୨୦୧୯ରୁ ୨୧ ମଧ୍ୟରେ ୬୫.୬୪ ଲକ୍ଷ ହିତାଧିକାରୀଙ୍କୁ କାଳିଆ ଟଙ୍କା ଦିଆଯାଇଥିଲା। ୪୧.୬୪ ଲକ୍ଷ ହିତାଧିକାରୀଙ୍କୁ ୩ ଥର, ୮.୦୯ ଲକ୍ଷଙ୍କୁ ୨ ଥର ଟଙ୍କା ମିଳିଥିବା ବେଳେ ୧୫ ଲକ୍ଷ ୯୧ ହଜାର ହିତାଧିକାରୀଙ୍କୁ କେବଳ ଥରଟିଏ କିସ୍ତି ଟଙ୍କା ମିଳିଛି। ଯୋଜନା କାର୍ଯ୍ୟକାରୀ ବେଳେ ୯.୭୬ ଲକ୍ଷ ଅଯୋଗ୍ୟ ହିତାଧିକାରୀ ଧରାପଡ଼ିଥିଲେ। ପରେ ଡାଟାବେସ୍ ବିଶ୍ଳେଷଣ ବେଳେ ଆଉ ୨.୯୬ ଲକ୍ଷ ଅଯୋଗ୍ୟ ମିଳିଥିଲେ। ଏହିପରି ମୋଟ୍ ୧୨.୭୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ କାଳିଆର ଯୋଜନାର କିସ୍ତି ଟଙ୍କା ପାଇଥିଲେ। ଏହି ୧୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ ୭୮୨ କୋଟି ନେଇଯାଇଥିବା ବେଳେ ତାଲିମ ନଦେଇ ୧୪.୦୪ ଭୂମିହୀନ କୃଷି ଶ୍ରମିକଙ୍କୁ ଟଙ୍କା ଦିଆଯାଇଥିଲା। ଏହି ଭୂମିହୀନ କୃଷି ଶ୍ରମିକ ୩ଟି କିସ୍ତିରେ ଟଙ୍କା ପାଇଥିଲେ।

ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ମାଟ୍ରିକ ପରବର୍ତ୍ତି ଉଚ୍ଚଶିକ୍ଷା ସ୍କଲାରସିପ (ପିଏମଏସ) ରେ ବ୍ୟାପକ ଦୁର୍ନୀତି ହୋଇଛି। ୨୦୧୭-୧୮ ମସିହାରୁ ୨୦୨୦-୨୧ ମସିହା ମଧ୍ୟରେ ଏହି ସ୍କଲାରସିପ୍ ଦେବା ଆଳରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅଫିସରମାନେ ସବୁ ନୀତିନିୟମକୁ ଫୁ' କରି କୋଟିକୋଟି ଟଙ୍କା ହେରଫେର କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ପିଲାଙ୍କ ନାଁ ଜାଲିଆତି କରି ଏହି ଅଫିସର ମାନଙ୍କୁ ଧରି କୋଟିକୋଟି ଟଙ୍କା ଲୁଟି ନେଇଥିବା ସିଏଜିଙ୍କ ଅଡିଟରୁ ଜଣାପଡ଼ିଛି। ତେଣୁ ଏଭଳି ହେରଫେର କରି ରାଜକୋଷକୁ କ୍ଷତି ପହଂଚଇଥିବା ଅଫିସରମାନଙ୍କୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉତ୍ତରଦାୟୀ କରିବା ସହ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ନିମନ୍ତେ ସିଏଜି ସୁପାରିଶ କରିଛନ୍ତି।

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ସିଏଜି ତାଙ୍କ ଅଡିଟ୍ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଖୋର୍ଦ୍ଧା ଜିଲ୍ଲାରେ ଏହି ସ୍କଲାରସିପ୍ ମନଇଚ୍ଛା ବଂଟନ କରାଯାଇଛି। ୨୦୧୮-୧୯ରେ ପ୍ରାୟ ୮୮ ପ୍ରତିଶତ ଅନୁଷ୍ଠାନ, ୨୦୧୯-୨୦ ଓ ୨୦୨୦-୨୧ରେ ୧୦୦ ପ୍ରତିଶତ ଅନୁଷ୍ଠାନର ଆବେଦନଗୁଡ଼ିକୁ ଖୋର୍ଦ୍ଧା ଡିଡବ୍ଲ୍ୟୁଓ ଯାଞ୍ଚ କରିନଥିଲେ। ୨୦୧୮-୧୯ରୁ ୨୦୨୦-୨୧ ମଧ୍ୟରେ ଅଡିଟ୍ ଦ୍ୱାରା ବିବେଚନା ଭିତ୍ତିରେ ମନୋନୀତ ୧୩ଟି ଅନୁଷ୍ଠାନ ମଧ୍ୟରୁ କୌଣସିଟିରେ ଡିଡବ୍ଲ୍ୟୁଓଙ୍କ ଦ୍ୱାରା ଯାଞ୍ଚ କରାଯାଇନଥିଲା ବୋଲି ସିଏଜି କହିଛନ୍ତି। ଖୋର୍ଦ୍ଧା ଜିଲ୍ଲା ପାଇଁ ଜିଲ୍ଲାସ୍ତରୀୟ କମିଟି ଗଠନ ପ୍ରମାଣ ପ୍ରଦାନ କରିବାରେ ଡିଡବ୍ଲ୍ୟୁଓ ସକ୍ଷମ ହୋଇନଥିଲେ। ଏପରିକି ଏହି ସ୍କଲାରସିପ୍ ମଞ୍ଜୁରୀ ପାଇଁ ରହିଥିବା ମାର୍ଗଦର୍ଶିକାକୁ ମଧ୍ୟ ପାଳନ କରାଯାଇନଥିଲା। ୨୦୧୬-୧୭ରୁ ୨୦୨୦-୨୧ ମସିହା ମଧ୍ୟରେ ୩୮ଟି ଶିକ୍ଷାନୁଷ୍ଠାନର ମୋଟ ୫୬୬୦ଜଣ ଛାତ୍ରଛାତ୍ରୀଙ୍କୁ ଅନିୟମିତତା ଭାବରେ ୧୮.୦୩କୋଟି ଟଙ୍କା ପ୍ରଦାନ କରାଯାଇଛି। ଯଦିଓ ଏହି ଅବଧି ମଧ୍ୟରେ ସେମିଷ୍ଟାର ପରୀକ୍ଷା ଫଳାଫଳରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ନାଁ ସାମିଲ ନଥିଲା।

ଅଡିଟରୁ ଜଣାପଡ଼ିଛି ଯେ, ୨୦୧୭-୧୮ରୁ ୨୦୨୦-୨୧ ମସିହା ମଧ୍ୟରେ ୩୩୨୮ଜଣ ଛାତ୍ରଛାତ୍ରୀଙ୍କୁ ସେମିଷ୍ଟାର ପରୀକ୍ଷାରେ ଯୋଗ ଦେବା ପାଇଁ ପଞ୍ଜିକୃତ ନକରି ୨୬.୫୮କୋଟି ଟଙ୍କାର ସ୍କଲାରସିପ୍ ପ୍ରଦାନ କରାଯାଇଛି। ଏପରିକି ଏସବୁର ଆବଶ୍ୟକ ରେକର୍ଡ ପ୍ରଦାନ କରିବାରେ ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ଫେଲ୍ ମାରିଥିଲେ। ଖୋର୍ଦ୍ଧା ଜିଲ୍ଲାର ୪ଟି କଲେଜରେ ଇଞ୍ଜିନିୟରିଂ ପାଠ ପଢୁଥିବା ୩୨୨୮ଜଣ ଛାତ୍ରଛାତ୍ରୀଙ୍କୁ ସେମିଷ୍ଟାର ପରୀକ୍ଷା ପାଇଁ ପଞ୍ଜିକୃତ ନକରି ଏହି ସ୍କଲାରସିପ୍ ଦିଆଯାଇଛି।

ରାଜ୍ୟର କୌଣସି ସହରରେ ମାଷ୍ଟର ପ୍ଲାନ ହୋଇନାହିଁ। ପୁରୀର କୌଣସି ହୋଟେଲ କମର୍ସିଆଲ କାଟାଗୋରିରେ ନାହିଁ। ସମସ୍ତ କିସମ ଚାଷ ଜମି ରହିଛି। ଏହା ଦ୍ୱାରା ସରକାରଙ୍କ ରାଜସ୍ୱ ନଷ୍ଟ ହେଉଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଯୋଜନାର ପ୍ରକୃତ ଅର୍ଥ ଥିଲା ମୁଖ୍ୟ ରାସ୍ତା ସହ ସଂଯୋଗ। କେଉଁଠି ସଡ଼କ ନିର୍ମାଣ ହେବ ଏହାକୁ ଜେଇଇ ମାନେ ନିଜେ ସ୍ଥିର କରିଥିଲେ। ଏନେଇ କୌଣସି ସର୍ଭେ ହୋଇନାହିଁ। ୨୦୧୯ ସୁଦ୍ଧା ରାଜ୍ୟର ସମସ୍ତ ଗାଁକୁ ମୁଖ୍ୟ ରାସ୍ତା ସହ ସଂଯୋଗ କରିବାର ଲକ୍ଷ୍ୟ ଥିଲା। ଅଧିକାଂଶ ରାସ୍ତା ବ୍ୟବହାରରେ ଆସୁନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଖରାପ ଯୋଜନା ପାଇଁ ଉଭୟ ଭୁବନେଶ୍ୱର ଏବଂ ରାଉରକେଲା ସ୍ମାର୍ଟ ସିଟିରେ ଯୋଜନାର ମାତ୍ର ୩୬ ଏବଂ ୩୭ ପ୍ରତିଶତ କାର୍ଯ୍ୟକାରୀ ହୋଇଥିବା ରିପୋର୍ଟ ଦର୍ଶାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପ-ମହାଲେଖାକାର ତାନ୍ୟା ଆମ୍ବାସ୍ତା, ଶୁଭମ ସ୍ୱାମୀ,ସଚିନ କ୍ରିଷ୍ଣା କୌଶିକ, ଏସ. ରାଧିକା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ସୁକାନ୍ତ ମଲ୍ଲ, ଅରୁଣ କୁମାର ସେଠୀ, ଅଶୋକ କୁମାର ନନ୍ଦ, ଶ୍ରୀମନ୍ତ ପଣ୍ଡା, ବି.ଏନ ଦାସ, ନିରଞ୍ଜନ ପଣ୍ଡା, ହୃଦୟ ରଞ୍ଜନ ବିଶ୍ୱାଳ, ଚିତ୍ରସେନ ମହାନ୍ତି,ଚିନ୍ମୟ ହୋତା ଉପସ୍ଥିତ ଥିଲେ।

## ଶେଷ ହେଲା ବିଧାନସଭା ବଜେଟ ଅଧିବେଶନ

**ଭୁବନେଶ୍ୱର,୧୧।୯(ମହାଭାରତ):** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଧାନସଭାର ପ୍ରଥମ ବଜେଟ୍ ଅଧିବେଶନ ଆଜି ଶେଷ ହୋଇଛି। ଜୁଲାଇ ୨୨ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନକୁ ଆଜି ଅନିର୍ଦ୍ଦିଷ୍ଟ କାଳ ପାଇଁ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନରେ ବିରୋଧୀ ବିଜେଡି ଓ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ଦିଶାହୀନ ହୋଇ ରହିଥିଲେ। ଆଉ ସରକାର ପରିଚାଳନାରେ ନବାଗତ ବିଜେପିକୁ ଏହାର ଫାଇଦା ମିଳିଥିବା ଦେଖିବାକୁ ମିଳିଛି। ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନିୟମିତ ଅନୁପସ୍ଥିତି ହିଁ ବିରୋଧୀ ଦଳର ଦିଶା ନିର୍ଦ୍ଧାରଣରେ ପ୍ରତିବନ୍ଧକ ସାଜିଥିଲା। ଆଉ କଂଗ୍ରେସ ବିଧାୟକ ମାନଙ୍କ ମଧ୍ୟରେ ତାଳମେଳ ନଥିବା ଯୋଗୁ ଶାସକ ବିଜେପିକୁ ଏହାର ଫାଇଦା ମିଳିଛି। ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଜୁଲାଇ ୨୨ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଛି। ଏହି ଅବଧି ମଧ୍ୟରେ ଗୃହରେ ୧୯ଟି ମୁଲତବୀ ପ୍ରସ୍ତାବ ସମେତ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଛି। ୬ଟି ସିଏଜି ରିପୋର୍ଟ ପାରିତ ହୋଇଛି। ମୋଟ ୨୫ଦିନ ବୈଠକ ବସିଛି।

## ଜେଇଇଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଭୁବନେଶ୍ୱର,୧୧।୯ (ମହାଭାରତ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଞ୍ଜନଗର ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ ସ୍ୱାଇଁଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ପ୍ରସନ୍ନଙ୍କ ଭଞ୍ଜନଗର ବାଗଦେବୀ ରୋଡରେ ଥିବା ଦୁଇଟି ତିନି ମହଲା ଘର, ବ୍ରହ୍ମପୁର ତୁଳସୀନଗରର ୪ ମହଲାବିଶିଷ୍ଟ ବିଲଡିଂ, ଭଞ୍ଜନଗର, ରଘୁନାଥ ବିହାରରେ ଥିବା ଜଣେ ସଂପର୍କୀୟଙ୍କ ଘର, ବାଗଦେବୀ ରୋଡରେ ଥିବା ତାଙ୍କର ଜଣେ ଭାଇଙ୍କ ଘର, ଭଞ୍ଜନଗର ଅଫିସ୍ ଓ ଲୁଡୁଲୁଡିରେ ଥିବା ପୈତୃକ ଘର ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉରେ ୭ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର ଓ ଏଏସଆଇ ସାମିଲ୍ ହୋଇଛନ୍ତି। ପ୍ରସନ୍ନ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଘଟଣାର ତଦନ୍ତ କରି ଆଜି ତାଙ୍କ ଘରେ ଚଢ଼ାଉ କରିଛନ୍ତି। ବ୍ରହ୍ମପୁର ଓ ଫୁଲବାଣୀର ଭିଜିଲାନ୍ସ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି।

## ବର୍ଷା ଓ ବନ୍ୟା ବିପନ୍ନଙ୍କୁ ଦିଆଯିବ ସହାୟତା

**ଭୁବନେଶ୍ୱର,୧୧।୯(ମହାଭାରତ):** ଲଘୁଚାପ ଜନିତ ବର୍ଷା ଯୋଗୁଁ କୋରାପୁଟ ଓ ମାଲକାନାଗିରିରେ ଯେଉଁ ବର୍ଷା ବିପର୍ଯ୍ୟୟ ଘଟିଛି ସେଥିପାଇଁ ବିପନ୍ନ ଲୋକମାନଙ୍କୁ ରିଲିଫ୍ କୋର୍ଡ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବେ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୁଜାରୀ ଆଜି ବିଧାନସଭାରେ କହିଛନ୍ତି।

ବିଧାନସଭାର ଶୂନ୍ୟକାଳରେ ଏହି ଦୁଇ ଜିଲ୍ଲାର ବର୍ଷା ଓ ବନ୍ୟା ବିପର୍ଯ୍ୟୟ ସମ୍ପର୍କରେ ବିରୋଧି ଦଳ ପକ୍ଷରୁ କି କି କାର୍ଯ୍ୟାନଷ୍ଠାନ ଗ୍ରହଣ କରାଯାଇଛି ବୋଲି ବିରୋଧି ଦଳ ସଦସ୍ୟ ପ୍ରତାପ ଦେବ ପ୍ରଶ୍ନ ଉତ୍ଥାପନ କରିଥିଲେ।

ଶୂନ୍ୟକାଳରେ ମାଲକାନଗିରି ଏବଂ କୋରାପୁଟରେ ବଡ ବର୍ଷା ଓ ବନ୍ୟା କ୍ଷୟକ୍ଷତି ନେଇ ପ୍ରଶ୍ନ ଉଠାଇଲେ ପ୍ରତାପ ଦେବ ଏବଂଏହାର ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଗତ ବର୍ଷାରେ କୋରାପୁଟ ଓ ମାଲକାନାଗିରିର ବହୁ କ୍ଷୟକ୍ଷତି ଘଟିଛି। ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବହୁ ପୋଲ ଭାସି ଯାଇଛି। ଗମନା ଗମନ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ବ୍ୟାପକ ରିଲିଫ୍ କାର୍ଯ୍ୟ ସହିତ ୬ଟି ଓଡ୍ରାଫ ଟିମ୍, ୫ଟି ଅଗ୍ନିଶମ ମୁତୟନ ଅଛନ୍ତି। ଅଗ୍ନିଶମ ଓ ହୋମଗାର୍ଡ ଡିଜି ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ଏସସି ଏସ୍‌ଟି ବିଭାଗର ଦୁଇ ଅଫିସର ସେଠାରେ ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। କ୍ଷୟକ୍ଷତି ସମ୍ପର୍କରେ ଏସ୍‌ସି ଏସ୍‌ଟି ବିଭାଗର ଅଫିସର ମାନେ କେନ୍ଦ୍ର ଗୃହମନ୍ତ୍ରୀ ଓ ବିଭାଗର ସଚିବଙ୍କ ସହ କଥା ହୋଇଛନ୍ତି। ଏନ୍‌ଡିଆରଏଫ୍‌ର ଦୁଇ ପ୍ଲାଟୁନ୍ ବିଏସ୍ଏଫ୍ ଓ ଚପରକୁ ସେଠାରେ ରଖାଯାଇଥିଲା। ଏବେ ପାଣି କମି ଆସିଛି। ୧୭୮୦ ଜଣ ଲୋକଙ୍କୁ ରିଲିଫ କେନ୍ଦ୍ରରେ ରଖାଯାଇ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ନିୟୋଜିତ ଅଛନ୍ତି। ପାଣି ଛାଡ଼ିବା ପରେ କ୍ଷୟକ୍ଷତି ଆକଳନ କରାଯାଇ ଓଡ଼ିଶା ରିଲିଫ କୋଡ଼ ଅନୁସାରେ କ୍ଷତିପୂରଣ ଦିଆଯିବ। ଶ୍ରୀ ଦେବ ତାଙ୍କ ଭାଷଣରେ କହିଥିଲେ ବିପର୍ଯ୍ୟୟକୁ ୭୨ ଘଣ୍ଟା ବିତି ଯାଇଥିଲେ ମଧ୍ୟ ସରକାର କିଛି କରି ନାହାଁନ୍ତି କି କୌଣସି ବିଧିବଦ୍ଧ କୌଣସି ଘୋଷଣା କରାଯାଇ ନାହିଁ।

## ଅକ୍ଷୟ ଶକ୍ତି ଦ୍ୱାରା ସବୁଜ ବିଦ୍ୟୁତ୍ ଉତ୍ପାଦନ ହେବ

**ଭୁବନେଶ୍ୱର,୧୧।୯(ମହାଭାରତ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ପମ୍ପ୍‌ଡ ଷ୍ଟୋରେଜ ପ୍ରୋଜେକ୍ଟ (ପିଏସ୍‌ପି) ସମ୍ପର୍କିତ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ରିନିଉ ଗ୍ରୀନ ଏନର୍ଜି ଗ୍ରୁପର ପ୍ରତିନିଧି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଅକ୍ଷୟ ଶକ୍ତିର ଉତ୍ସ ଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେହି ସ୍ଥାନରେ ଥିବା ଜଳର ଉତ୍ସରୁ ପମ୍ପ ସାହାଯ୍ୟରେ ପାଣିକୁ ଉଠାଇ ଗୋଟିଏ ସ୍ଥାନରେ ଏକତ୍ରିତ କରି ରଖାଯିବ ଓ ସେହି ଜଳକୁ ବ୍ୟବହାର କରି ସେଥିରୁ ବିଦ୍ୟୁତ ଶକ୍ତି ଉତ୍ପାଦନ କରାଯିବ। ଆଜିର ସମୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ସବୁଜ ବିଦ୍ୟୁତ ଓ ଅକ୍ଷୟ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶା ମଧ୍ୟ ସେହି ଅନୁରୂପ ଜଳବାୟୁ ଓ ପରିବେଶ ଅନୁକୂଳ ସବୁଜ ବିଦ୍ୟୁତ ଉତ୍ପାଦନକୁ ପ୍ରୋତ୍ସାହନ ଦେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଗଚ୍ଛିତ ଥିବା ଅକ୍ଷୟ ଶକ୍ତିକୁ ବ୍ୟବହାର କରି ସବୁଜ ବିଦ୍ୟୁତ ଉତ୍ପାଦନ, ଗ୍ରୀନ ଆମୋନିଆ, ଗ୍ରୀନ ମିଥାନଲ୍ ପ୍ଲାଣ୍ଟ କରିବାକୁ ରିନିଉ ଗ୍ରୀନ ଏନର୍ଜି ଆଗ୍ରହୀ ବୋଲି ବୈଠକରେ ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ରିନିଉ ଗ୍ରୁପର ପ୍ରତିନିଧି କହିଥିଲେ।

# ଶ୍ରମିକଙ୍କ ଅନୁକମ୍ପା ସହାୟତା ରାଶି ବୃଦ୍ଧି

**ଭୁବନେଶ୍ୱର,୧୧।୯(ମହାଭାରତ):** ଶ୍ରମିକଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିର୍ମାଣ ଶ୍ରମିକମାନେ ପୂର୍ବରୁ ପାଉଥିବା ସହାୟତା ରାଶିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ ନିର୍ମାଣ ଶ୍ରମିକଙ୍କର ଦୁର୍ଘଟଣାରେ ମୃତ୍ୟୁ ହେଲେ ୬ଲକ୍ଷ ଟଙ୍କା ସହାୟତା ରାଶି ଦିଆଯିବ। ସେହିଭଳି ସ୍ୱାଭାବିକ ମୃତ୍ୟୁ ହେଲେ ଶ୍ରମିକଙ୍କ ପରିବାରକୁ ୩ଲକ୍ଷ ଟଙ୍କା ଦିଆଯିବ। ପୂର୍ବରୁ ନିର୍ମାଣ ଶ୍ରମିକଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଘଟଣାରେ ଅନୁକମ୍ପାମୂଳକ ସହାୟତା ୪ଲକ୍ଷ ଟଙ୍କା ମିଳୁଥିବା ବେଳେ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କା ମିଳୁଥିଲା।



ବୁଧବାର ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଆପଣମାନେ ହେଉଛନ୍ତି ନିର୍ମାଣର ମେରୁଦଣ୍ଡ। ରାସ୍ତା, ଘାଟ, କୋଠା ବାଡ଼ି, କଳ କାରଖାନା, ବନ୍ଦର, ବିମାନ ବନ୍ଦର, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଯେ କୌଣସି ନିର୍ମାଣ ହେଉ, ଆପଣମାନଙ୍କ ବିନା ଏସବୁର ପରିକଳ୍ପନା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଈଶ୍ୱରଙ୍କ ପରିକଳ୍ପନାରେ ମଣିଷ ହିଁ ଏଭଳି ଏକ ସୃଷ୍ଟି, ଯିଏ ସର୍ଜନା କରିପାରେ, ଭାବିପାରେ ଓ ନିର୍ମାଣ କରିପାରେ। ଗଢିବାର ପ୍ରକ୍ରିୟାଟି ହେଲା ନିର୍ମାଣ। ନିର୍ମାଣ ପାଇଁ ଶ୍ରମର ଯୋଗଦାନ ସବୁଠୁ ଅଧିକ। ଆମ କୁଶଳୀ ଶ୍ରମିକମାନେ ସାଧାରଣକୁ ଅସାଧାରଣ କରିପାରନ୍ତି। ସିମେଣ୍ଟ, ବାଲି, ଗୋଡିକୁ ବ୍ୟବହାର କରି ଗଢି ପାରନ୍ତି ସୁନ୍ଦର ଅଟ୍ଟାଳିକା। ଲୁହା, ଇସ୍ପାତ, ଆଲୁମିନିୟମକୁ ବ୍ୟବହାର କରି ତିଆରି କରନ୍ତି କଳ କାରଖାନା। ପିଚୁ, ଗୋଡି, ବଜୁରିକୁ ମିଶ୍ରଣ କରି ନିର୍ମାଣ କରନ୍ତି ସୁନ୍ଦର ରାସ୍ତା।

ତେଣୁ ଯଥାର୍ଥରେ ସେମାନେ ହେଉଛନ୍ତି ପ୍ରକୃତ ରାଷ୍ଟ୍ର ନିର୍ମାତା। ନିର୍ମାଣ କ୍ଷେତ୍ର କେବଳ ଆମ ଅର୍ଥନୀତିକୁ ସମୃଦ୍ଧ କରେ ନାହିଁ, ଏହା ମଧ୍ୟ ବ୍ୟାପକ କର୍ମସଂସ୍ଥାନ ଯୋଗାଇଥାଏ। ନିର୍ମାଣ କ୍ଷେତ୍ରରେ ଦେଖିବାକୁ ମିଳେ ପାରମ୍ପରିକ ଜ୍ଞାନ ସହିତ ଆଧୁନିକ ବୈଷୟିକ ବିଦ୍ୟାର ସମିଶ୍ରଣ। ଭୁବନେଶ୍ୱରକୁ ଆଧୁନିକତାର ରୂପ ଦେବାର ବିଦ୍ଧାଣୀ ହେଉଛନ୍ତି ଆମର ଏହି ଶ୍ରମିକ ଭାଇଭଉଣୀ ମାନେ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶ୍ରମିକ ଭାଇମାନଙ୍କ ଅଭାବ ଅସୁବିଧା ଓ ପ୍ରତିକୂଳତାକୁ ସରକାର ଗୁରୁତ୍ୱର ସହ ଦୃଷ୍ଟି ରଖିଛନ୍ତି। ସେମାନେ କିପରି ସୁରକ୍ଷିତ ରହିବେ, ସେମାନଙ୍କ ଅଭାବ, ଅସୁବିଧା ସମୟରେ, ସେବା ନିବୃତ୍ତ ହେବା ପରେ କିମ୍ବା ଦୁର୍ଘଟଣା ଅଥବା ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରର ମଙ୍ଗଳକୁ ଦୃଷ୍ଟିରେ ରଖି ଗଢା ହୋଇଛି 'ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ'।

ସେଥିପାଇଁ ସମସ୍ତେ ତାଙ୍କର ସାମାଜିକ ନିରାପତ୍ତା ପାଇବା ପାଇଁ ବୋର୍ଡରେ ନିଜ ନିଜର ନାମ ପଞ୍ଜିକୃତ କରିବା ଆବଶ୍ୟକ। ଅସୁବିଧା ସମୟରେ, ଏହି ସଂସ୍ଥା କେବଳ ଏକ ସରକାରୀ ସଂସ୍ଥା ନୁହେଁ, ବରଂ ଆପଣଙ୍କ ପ୍ରିୟ ବନ୍ଧୁ ଭାବେ ମଧ୍ୟ ସାବ୍ୟସ୍ତ ହେବ। ପ୍ରତି ଜିଲ୍ଲାରେ ଆପଣଙ୍କୁ ସାହଯ୍ୟ କରିବା ପାଇଁ ଶ୍ରମ ଅଧିକାରୀମାନେ ମଧ୍ୟ କାର୍ଯ୍ୟରତ ଅଛନ୍ତି। 'ମୋ ସେବା' ନାମରେ ଏକ ପୋର୍ଟାଲ ମଧ୍ୟ ଏଥିପାଇଁ କାର୍ଯ୍ୟ କରୁଛି।

ନିର୍ମାଣ ଶ୍ରମିକଙ୍କ ପରିବାରର ଭବିଷ୍ୟତକୁ ସୁଦୃଢ କରିବା ପାଇଁ ବୋର୍ଡ ପକ୍ଷରୁ ଏସବୁ ସୁବିଧା ସୁଯୋଗ କରାଯାଇଛି। ତେଣୁ ଆପଣମାନେ ସମସ୍ତେ ନିଜକୁ ଏହି 'ଶ୍ରମିକ କଲ୍ୟାଣ ବୋର୍ଡ'ରେ ସାମିଲ କରନ୍ତୁ ଓ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନିଅନ୍ତୁ। ଆମ ସରକାର ଆପଣମାନଙ୍କ ସହିତ ଅଛି ଓ ସବୁବେଳେ ରହିବ ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିର୍ମାଣ ଶ୍ରମିକଙ୍କ କଲ୍ୟାଣାର୍ଥେ ଓଡିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ପୂର୍ବରୁ ମିଳୁଥିବା ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ରାଶିକୁ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ସହାୟତା ରାଶିକୁ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା ବୋଲି ଘୋଷଣା କରିଥିଲେ।

## ଆୟୁଷ୍ମାନ ଯୋଜନାରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମିଲ

**ଭୁବନେଶ୍ୱର,୧୧।୯(ମହାଭାରତ):** ସ୍ୱାସ୍ଥ୍ୟ ବୀମା ଯୋଜନା ଆୟୁଷ୍ମାନ ଭାରତକୁ ନେଇ ଆଜି ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଏଣିକି ଆୟୁଷ୍ମାନ ଭାରତ ଯୋଜନାରେ ଯୋଡ଼ି ହେବେ ନୂଆ ହିତାଧିକାରୀ। ଏବେ ୭୦ ବର୍ଷ ବୟସ୍କ ସବୁ ଲୋକ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ଚିକିତ୍ସା ସେବାର ସୁବିଧା ପାଇବେ। ସେମାନଙ୍କ ଆର୍ଥିକ ସ୍ଥିତି ଯାହା ହେଉ ନା କାହିଁକି, ସେମାନେ ଆୟୁଷ୍ମାନ ଭାରତର ଫାଇଦା ହାସଲ କରିପାରିବେ। ଏନେଇ ଆଜି କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟରେ ଏପରି ନିଷ୍ପତ୍ତି ହୋଇଛି। କେନ୍ଦ୍ର ସରକାର ଗୋଟିଏ ବିବୃତିରେ କହିଛନ୍ତି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ-ଜେଏୱାଇ) ୪.୫ କୋଟି ପରିବାରକୁ ଫାଇଦା ଦେବ। ଏହି ପରିବାରରେ ଥିବା ୬ କୋଟି ବରିଷ୍ଠ ନାଗରିକ ଲାଭବାନ ହେବେ। ୫ ଲକ୍ଷ ଟଙ୍କା ଲେଖାଏ ଯାଏ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ଓ ଏହା ପରିବାର ଆଧାରରେ ଖର୍ଚ୍ଚ କରାଯାଇ ପାରିବ।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୮, ୩୫୧ ହସ୍ପିଟାଲ ପଞ୍ଜୀକୃତ ହୋଇଛି। ସେଥିରେ ୧୨,୮୨୪ ଘରୋଇ ହସ୍ପିଟାଲ ରହିଛନ୍ତି। ୨୦୨୨-୨୩ ବର୍ଷରେ ପ୍ରାୟ ୫୬% ରୋଗୀଙ୍କ ଆଡମିଶନ ଘରୋଇ ହସ୍ପିଟାଲ ହୋଇଥିବା ବେଳେ ୪୪%ଙ୍କ ଚିକିତ୍ସା ସରକାରୀ ହସ୍ପିଟାଲରେ ହୋଇଛି।

# ମିଛ କଥା କହି ଲୋକଙ୍କ ହୃଦୟ ଜିଣିପାରିବେ ନାହିଁ

**ଭୁବନେଶ୍ୱର,୧୧।୯(ମହାଭାରତ):** ରାଜ୍ୟ ସରକାର ଆଇ ମା' କାହାଣୀ ନ ଗପି ଲୋକଙ୍କ ପାଇଁ କାର୍ଯ୍ୟ କରନ୍ତୁ ବୋଲି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଆଜି ଶଙ୍ଖ ଭବନଠାରେ ବିଜୁ ଯୁବ ଜନତା ଦଳର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକରେ ଭାଷଣ ଦେଇ ନବୀନ ରାଜ୍ୟ ସରକାରଙ୍କ ଉପରେ ଭୀଷଣ ବର୍ଷିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ନୂତନ ସରକାର ଆସିବା ୩ମାସ ହୋଇଗଲାଣି। କୌଣସି ଆଖିଦୃଶିଆ କାମ ଏପର୍ଯ୍ୟନ୍ତ ହାତକୁ ନେଇପାରିଲେ ନାହିଁ। କେବଳ ଲୋକମାନଙ୍କୁ ଆଇ ମା' କାହାଣୀ ଶୁଣାଇବାରେ ଲାଗିଛନ୍ତି। ସୁଭଦ୍ରା ଯୋଜନା ଠାରୁ ଆରମ୍ଭ କରି



ମାଗଣା ବିଜୁଳି ଓ ଭତ୍ତା ଆଦି ବିଷୟରେ ଯାହା କହୁଛନ୍ତି ସେସବୁ ତାହା ମିଛ। କୌଣସି ମିଛ କଥାକୁ ବଡ ପାଟିରେ କହିଲେ ତାହା ସତ ହୋଇଯାଏ ନାହିଁ। ସେମାନେ ମିଛ କଥା କହି ସରକାରକୁ ଆସିପାରନ୍ତି କିନ୍ତୁ ଲୋକଙ୍କ ହୃଦୟ ଜିଣିପାରିବେ ନାହିଁ। ଶ୍ରୀ ପଟ୍ଟନାୟକ ଯୁବଗୋଷ୍ଠୀକୁ ଆହ୍ୱାନ ଦେଇ କହିଛନ୍ତି ଯେ କିଛି ଲୋକ ବରପୁତ୍ରମାନଙ୍କୁ ଅପମାନିତ କରିବାକୁ ଲାଗିଲେଣି। ଏହା କଣ ଓଡ଼ିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହିତ ନିକଟ ଅତୀତରେ ଦଳ ଛାଡ଼ିଥିବା ନେତାମାନଙ୍କୁ ନବୀନ କଟାକ୍ଷ କରିଛନ୍ତି। ନବୀନ ତାଙ୍କର ଅଭିଭାଷଣରେ କହିଛନ୍ତି, ବିଜେଡି ଆଜି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଆମ ଆଦର୍ଶ ହେଉଛି ସେବା, ସ୍ୱାଭିମାନ ଓ ସଂଗ୍ରାମ। ମୁଁ ରାଜନୀତିକୁ ଲୋକଙ୍କ ସେବାର ମାଧ୍ୟମ ଭାବେ ଦେଖେ, ବିଜେଡି ବ୍ୟକ୍ତିଙ୍କ ଉପରେ ନିର୍ଭରଶୀଳ ନୁହେଁ। ବିକଶିତ ଓଡ଼ିଶାର ସ୍ୱପ୍ନ ନେଇ ବିଜେଡି ଗଠନ ହୋଇଛି। ତେବେ ଦଳରେ ଥିବା ସୁବିଧାବାଦୀ ନେତାମାନେ ବିଜେଡି ଛାଡୁଛନ୍ତି। ଏହା ଆମକୁ ଅଧିକ ଶକ୍ତିଶାଳୀ କରିବାକୁ ବଳ ଯୋଗାଇବ। ବିଜେଡ଼ିର ଆଦର୍ଶ ସେବା, ସ୍ୱାଭିମାନ, ସଂଗ୍ରାମ ଓ ସଚେତନତା। ନବୀନ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ସରକାରଙ୍କୁ ସମାଲୋଚନା କରିଥିଲେ। ଏଥିରେ ସେ ସାମ୍ପ୍ରତିକ ଘଟଣାକୁ ନେଇ ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ।ସଫଳତାର ଉଲ୍ଲାସରେ ମଦମତ୍ତ ନେତାମାନେ ଆଜି ନୂଆ ଇତିହାସ ଲେଖିବା ଆରମ୍ଭ କରିଛନ୍ତି। ସେମାନେ ମନେ ରଖିବା ଉଚିତ, ହିମାଳୟ ପରି ଉତ୍ତୁଙ୍ଗ ବରପୁତ୍ରମାନଙ୍କ ବ୍ୟକ୍ତିତ୍ୱକୁ ମଳିନ କରିବାକୁ ଚେଷ୍ଟା କଲେ ନିଜର ଅସ୍ତିତ୍ୱ ହରାଇ ବସିବେ।

## ‘ମଲାଇ ମଶରୁମ୍’

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। ‘ମଲାଇ ମଶରୁମ୍’। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



### ଖବର

## ଆଲିଆଙ୍କ ଆଙ୍ଗ୍ରି ୟଙ୍ଗ୍ ଓମ୍ୟାନ୍ ଅବତାର



ଭାସନ୍ ବାଲାଙ୍କ ନିର୍ଦ୍ଦେଶିତ କ୍ରାଇମ ଥ୍ରୀଲର ଫିଲ୍ମ ‘ଜିଗ୍ରା’ର ପ୍ରଥମ ଟିଜର ରିଲିଜ ହୋଇଛି। ଏଥିରେ ଅଭିନେତ୍ରୀ ଆଲିଆ ଭଟ୍ଟ ଜଣେ ଆଙ୍ଗ୍ରି ୟଙ୍ଗ୍ ଓମ୍ୟାନ୍‌ଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ଉକ୍ତ ଟିଜର ଏକ ଭାବପ୍ରବଣ ଦୃଶ୍ୟରୁ ଆରମ୍ଭ ହୋଇଛି, ଯେଉଁଠାରେ ଆଲିଆ ଅଭିନୟ କରୁଥିବା ଚରିତ୍ରର ପୃଷ୍ଠଭୂମିକୁ ଦର୍ଶାଯାଇଛି।ସେ କିପରି ବିନା ମା’ବାପାଙ୍କ ସ୍ନେହରେ ବଢ଼ିଛନ୍ତି ସେନେଇ ଟିଜରର ପ୍ରାରମ୍ଭିକ ଦୃଶ୍ୟରେ ଆଲିଆ କହୁଥିବା ଦେଖିବାକୁ ମିଳିଛି। ଏହି ଦୃଶ୍ୟରେ ଆଲିଆ ତାଙ୍କ ସଂଘର୍ଷ ବିଷୟରେ କହୁଛନ୍ତି। ପରିବାରର ଏକମାତ୍ର ସଦସ୍ୟ ତଥା ତାଙ୍କ ଭାଇ ବିଦେଶରେ ଜେଲରେ ଥିବା ଜାଣି ଆଲିଆଙ୍କ ହୃଦୟ ଭାଙ୍ଗିପଡ଼ିଛି। ତେବେ ଟିଜରଟି ଆଗକୁ ବଢ଼ିବା ସହ ଆଲିଆ ତାଙ୍କ ଭାଇଙ୍କୁ ଉଦ୍ଧାର କରିବା ପାଇଁ କ’ଣ ସବୁ କରିଛନ୍ତି ତାହା ଦେଖିବାକୁ ମିଳିଛି। ଫିଲ୍ମରେ ଅଭିନେତା ବେଦାଙ୍ଗ ରାଇନା ଆଲିଆଙ୍କ ଭାଇ ଚରିତ୍ରରେ ଅଭିନୟ କରିଛନ୍ତି। ଏହି ଟିଜରରେ ଅନେକ ହାଇ ଆକ୍ସନ୍ ସିକ୍ୱେନ୍ସ ଏବଂ ମାରପିଟ ଦୃଶ୍ୟ ରହିଛି, ଯେଉଁଥିରେ ଆଲିଆଙ୍କ ଆକ୍ସନ ଅବତାର ଦେଖିବାକୁ ମିଳିଛି। ଟିଜରର ଏକ ଦୃଶ୍ୟରେ ଅଭିନେତା ଅମିତାଭ ବଚ୍ଚନଙ୍କ ବିଷୟରେ ଆଲିଆ ଉଲ୍ଲେଖକରି କହିଛନ୍ତି, ସେ ହେଉଛନ୍ତି ପରବର୍ତ୍ତୀ ଆଙ୍ଗ୍ରି ୟଙ୍ଗ୍ ଓମ୍ୟାନ୍। ଆସନ୍ତା ଅକ୍ଟୋବର ୧୧ରେ ‘ଜିଗ୍ରା’ ମୁକ୍ତିଲାଭ କରିବ। ପ୍ରଥମ ଥର ପାଇଁ ଆଲିଆ ଜଣେ ଫିଲ୍ମ ନିର୍ମାତା ଭାବେ କରନ୍ ଜୋହରଙ୍କ ମିଶି ଏହି ଚଳଚ୍ଚିତ୍ରକୁ ପ୍ରସ୍ତୁତ କରିଛନ୍ତି।



## ଶରୀର: ଈଶ୍ୱରଙ୍କ ପବିତ୍ର ନିବାସସ୍ଥାନ



ଶରୀର, ଈଶ୍ୱରଙ୍କ ପବିତ୍ର ନିବାସ ସ୍ଥାନ । ଖରାପ ଅଭ୍ୟାସ ଦ୍ୱାରା ଶରୀରରୂପୀ ମନ୍ଦିରକୁ ରୁଗ୍ଣ କରିବା ପ୍ରକୃତି ଦୃଷ୍ଟିରେ ବଡ଼ ଅପରାଧ । ଏହାର ଫଳସ୍ୱରୂପ ଯନ୍ତ୍ରଣା, ଅସ୍ଥିରତା, ଆସକ୍ତି, ଅଳ୍ପାୟୁ, ଆର୍ଥିକ ହାନି, ତିରସ୍କାର ଭଳି ଦଣ୍ଡ ଭୋଗିବାକୁ ପଡ଼ିଥାଏ । ଆହାର ଏବଂ ବିହାରରେ ସଂଯମତା ନରହିଲେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଉପରେ କୁପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଶରୀର ଦୁର୍ବଳ ଏବଂ ରୋଗଗ୍ରସ୍ତ ହୋଇଥାଏ। ଶରୀରକୁ ନିରୋଗୀ ରଖିବା କଠିନ ନୁହେଁ । ସେଥିପାଇଁ ଆହାର, ଶ୍ରମ ଏବଂ ବିଶ୍ରାମରେ ସନ୍ତୁଳନ ବଜାୟ ରଖିବା ଉଚିତ । ଆଳସ୍ୟମୁକ୍ତ, ଶ୍ରମଯୁକ୍ତ ବ୍ୟବସ୍ଥିତ ଜୀବନଶୈଳୀ ନିର୍ଦ୍ଧାରଣ କରିବା କଠିନ ନୁହେଁ । ଶରୀରକୁ ମନ୍ଦିର ଭଳି ମହତ୍ତ୍ୱ ଦେବା ଉଚିତ। ସ୍ୱଚ୍ଛ, ସୁସ୍ଥ ଏବଂ ସକ୍ଷମ ଶରୀର ନିର୍ମାଣ କରିବାକୁ ନିଜ ପାଇଁ ପୂଣ୍ୟ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ। ଉପବାସ ଦ୍ୱାରା ସ୍ୱାଦ ଏବଂ ଅତିଆହାର ଭଳି ଦୁଷ୍ପ୍ରବୃତ୍ତି ଉପରେ ଅଧିକାର ପାଇବା ଲାଗି ପ୍ରୟାସ କରିବା ଉଚିତ୍ । ଏହାପରେ ଏହି ଶରୀରରୁ ଲାଭ ପାଇବା ସମ୍ଭବ । ଏହାକୁ ଋଷିମୁନି ଓ ବୈଜ୍ଞାନିକମାନେ ମଧ୍ୟ ସ୍ୱୀକାର କରିଛନ୍ତି ।

## ମଙ୍ଗଳସୂତ୍ରର ମହତ୍ତ୍ୱ



ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି। ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

**ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-**

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।

**ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-**

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୂତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।

## କେମିତି ଜନ୍ମନେଲେ ରାବଣ ଓ ତା’ର ଭାଇ-ଭଉଣୀ ?

ସୃଷ୍ଟି ଆରମ୍ଭ ସମୟରେ ଭଗବାନ ବ୍ରହ୍ମା ଅନେକ ଜଳ-ଜନ୍ତୁଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ସମୁଦ୍ର ଜଳର ସୁରକ୍ଷା ଦାୟିତ୍ୱ ଦେଲେ । ସେହି ଜନ୍ତୁମାନଙ୍କ ମଧ୍ୟରୁ କେତେକ କହିଲେ, ଆମେ ସମୁଦ୍ର ଜଳର ରକ୍ଷା କରିବକୁ ଏବଂ କିଛି କହିଲେ ଆମେ ଏହାକୁ ଯକ୍ଷଣ(ପୂଜା) କରିବୁ । ଏହାପରେ ବ୍ରହ୍ମା କହିଲେ, ଯେଉଁମାନେ ରକ୍ଷଣ କରିବେ ସେମାନେ ‘ରାକ୍ଷସ’ ନାମରେ ପରିଚିତ ହେବେ ଏବଂ ଅନ୍ୟ ଯେଉଁମାନେ ଯକ୍ଷଣ କରିବେ ସେମାନେ ‘ଯକ୍ଷ’ ନାମରେ ପରିଚିତ ହେବେ।

ପୁରାଣ କାଳରେ ହେତି ଏବଂ ପ୍ରହେତି ନାମରେ ଦୁଇ ରାକ୍ଷସ ଭ୍ରାତା ଥିଲେ । ପ୍ରହେତି ତପସ୍ୟା କରିବାକୁ ଚାଲିଗଲା, କିନ୍ତୁ ହେତି ଜଣେ ରାକ୍ଷସୀ ଭୟାକୁ ବିବାହ କଲା । ସେମାନଙ୍କ ଠାରୁ ବିଦ୍ୟୁତ୍‌କେଶ ନାମକ ପୁତ୍ର ଉତ୍ପନ୍ନ ହେଲା । ବିଦ୍ୟୁତ୍‌କେଶର ସୁକେଶ ନାମରେ ଏକ ପରାକ୍ରମୀ ପୁତ୍ର ଥିଲା । ସୁକେଶର ୩ ଜଣ ପୁତ୍ର ଥିଲେ- ମାଲ୍ୟବାନ, ସୁମାଳୀ ଏବଂ ମାଳୀ । ଏହି ତିନି ଜଣ ବ୍ରହ୍ମାଙ୍କୁ ତପସ୍ୟା କରି ବରଦାନ ଲାଭ କଲେ ଯେ ସେମାନଙ୍କ ମଧ୍ୟରେ ସର୍ବଦା ସ୍ନେହପୂର୍ଣ୍ଣ ସମ୍ପର୍କ ରହିବ । କେବେ ସେମାନେ ଅଲଗା ହେବ ନାହିଁ ଏବଂ କେହି ସେମାନଙ୍କୁ ପରାଜିତ କରିପାରିବେ ନାହିଁ । ବରଦାନ ଲାଭ କରି ୩ରାକ୍ଷସ ନିର୍ଭୟ ହୋଇଗଲେ । ଏହାପରେ ସେମାନେ ଜଗତବାସୀଙ୍କୁ ହଇରାଣ କରିବାକୁ ଲାଗିଲେ । ସେମାନେ ବିଶ୍ୱକର୍ମାଙ୍କୁ ଅତ୍ୟନ୍ତ ସୁନ୍ଦର ନଗର ନିର୍ମାଣ କରିବାକୁ କହିଲେ । ବିଶ୍ୱକର୍ମା ସେମାନଙ୍କୁ ଲଙ୍କାପୁରୀର ଠିକଣା କହିଲେ ଏବଂ ସେମାନେ ଅତି ଆନନ୍ଦରେ ସେଠାରେ ରହିବାକୁ ଲାଗିଲେ । ସମୟ ବିତିବା ପରେ ମାଲ୍ୟବାନ ରାକ୍ଷସର ୭ଜଣ ପୁତ୍ର ଜନ୍ମ ନେଲେ- ବଜ୍ରମୁଷ୍ଟି, ବିରୂପାକ୍ଷ, ଦୁର୍ମୁଖ, ସୁପ୍ତଘ୍ନ, ଯଜ୍ଞକୋପ, ମତ୍ତ ଏବଂ ଉନ୍ମତ୍ତ । ସୁମାଳୀର ଦଶ ଜଣ ପୁତ୍ର ଥିଲେ- ପ୍ରହସ୍ତ, ଅକମ୍ପନ, ବିକଟ, କାଳିକାମୁଖ, ଧମ୍ରାକ୍ଷ, ଦଣ୍ଡ, ସୁପାର୍ଶ୍ୱ, ସହ୍ରଦି, ପ୍ରଧସ ଏବଂ ଭାରକର୍ଣ୍ଣ । ମାଳୀ ଠାରୁ ଅନଳ, ଅନୀଳ, ହର ଏବଂ ସମ୍ପାତି ନାମରେ ୪ଜଣ ପୁତ୍ର ଜନ୍ମ ନେଲେ । ଏମାନେ ସମସ୍ତେ ଶକ୍ତିଶଳୀ ଏବଂ ଦୁଷ୍ଟ ପ୍ରକୃତିର ହୋଇଥିବା କାରଣରୁ ଋଷି-ମୁନିଙ୍କୁ କଷ୍ଟ ଦେଲେ । ସେମାନଙ୍କ ପ୍ରତାଡ଼ନା ସହିନପାରି ଋଷିଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ବିଷ୍ଣୁ ସେମାନଙ୍କୁ ଆଶ୍ୱାସନା ଦେଲେ ଯେ ମୁଁ ଦିନେ ନିଶ୍ଚେ ଏହି ଦୁଷ୍ଟ ରାକ୍ଷସମାନଙ୍କୁ ସଂହାର କରିବି । ଭଗବାନ ବିଷ୍ଣୁଙ୍କ ଆଶ୍ୱାସନାର ଖବର ପାଇବା ପରେ ରାକ୍ଷସଗଣ ମନ୍ତ୍ରଣା କରି ସଂଗଠିତ ହେଲେ । ମାଳିର ସେନାପତିତ୍ୱରେ ଇନ୍ଦ୍ରଲୋକ ଉପରେ ଆକ୍ରମଣ କଲେ । ଏହି ସୂଚନା ପାଇଁ ଭଗବାନ ବିଷ୍ଣୁ ନିଜ ଅସ୍ତ୍ର-ଶସ୍ତ୍ର ସହ ରାକ୍ଷସଙ୍କୁ ସଂହାର କରିବାକୁ ଲାଗିଲେ । ସେନାପତି ମାଳି ସହିତ ବହୁତ ରାକ୍ଷସ ପ୍ରାଣ ହରାଇଲେ । ଆଉ କିଛି ପଳାୟନ କଲେ । ପଳାୟନ କରୁଥିବା ଅବସ୍ଥାରେ ମଧ୍ୟ ନାରାୟଣ ସେମାନଙ୍କୁ ସଂହାର କରିଚାଲିଲେ । ମାଲ୍ୟବାନ କ୍ରୋଧିତ ହୋଇ ପୁଣିଥରେ ଯୁଦ୍ଧ ଭୂମିକୁ ଫେରିଲା । ହେଲେ ଭଗବାନ ବିଷ୍ଣୁ ସେହି ରାକ୍ଷସକୁ ବଧ କରିଦେଲେ । ଶେଷରେ ଯୁଦ୍ଧରୁ ବଞ୍ଚିଯାଇଥିବା ସୁମାଳି ନିଜ ସୈନ୍ୟସାମନ୍ତଙ୍କୁ ଧରି ପାତାଳ ଲୋକରେ ଲୁଚିଗଲା । ଏହାପରେ ଧନପତି କୁବେର ଲଙ୍କାରେ ନିଜ ରାଜ୍ୟ ପ୍ରତିଷ୍ଠା କଲେ ।

ରାକ୍ଷସଙ୍କ ବିନାଶ ଦ୍ୱାରା ଦୁଃଖିତ ହୋଇ ସୁମାଳି ନିଜ କନ୍ୟା କୈକେସୀକୁ କହିଲା ଯେ ହେ ପୁତ୍ରୀ! ତୁମେ ରାକ୍ଷସ ବଂଶର କଲ୍ୟାଣ ଚାହୁଁଥିଲେ ପରମତପସ୍ୱୀ ମହର୍ଷି ବିଶ୍ରବାଙ୍କ ପାଖକୁ ଯାଇ ପୁତ୍ର ପ୍ରାପ୍ତି କର । ସେହି ପୁତ୍ର ହିଁ ହି ଦେବତାମାନଙ୍କର ବିନାଶ କରି ପୁଣିଥରେ ରାକ୍ଷସ କୁଳର ଉଦ୍ଧାର କରିବ । ପିତାଙ୍କ ଆଜ୍ଞା ପ୍ରାପ୍ତ କରି କୈକେସୀ ବିଶ୍ରବାଙ୍କ ନିକଟକୁ ଗଲା । ସେ ସମୟରେ ଭୟଙ୍କର ବର୍ଷାଝଡ଼ ହେଉଥିଲା। ଆକାଶରେ ମେଘ ଗର୍ଜୁଥିଲା । କେକେସୀର ଅଭିପ୍ରାୟ ଜାଣିବା ପରେ ବିଶ୍ରବା କହିଲେ, ମୁଁ ତୁମକୁ ପୁତ୍ର ଦେଇପାରେ, କିନ୍ତୁ ତୁମ ସନ୍ତାନ ଦୁଷ୍ଟ ସ୍ୱଭାବ ତଥା କ୍ରୂର ହେବେ । ମୁନିଙ୍କ କଥା ଶୁଣି କୈକେସୀ ତାଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ଆପଣ ବ୍ରହ୍ମଜ୍ଞାନୀ ମହାତ୍ମା। ଆପଣଙ୍କ ଠାରୁ ଦୁରାଚାରୀ ପୁତ୍ର ପାଇବା ଲାଗି ମୁଁ ଆଶା କରୁନାହିଁ । ଏଣୁ ଆପଣ ମୋ ଉପରେ କୃପା କରନ୍ତୁ । କୈକେସୀଙ୍କ ବଚନ ଶୁଣି ମୁନି ବିଶ୍ରବା କହିଲେ, ଠିକ୍ ଅଛି ତୁମର କନିଷ୍ଠ ପୁତ୍ର ସଦାଚାରୀ ଏବଂ ଧର୍ମାତ୍ମା ହେବ । ଏହାପରେ କୈକେସୀଙ୍କ ପ୍ରଥମ ପୁତ୍ର ରୂପରେ ରାବଣ, ଦ୍ୱିତୀୟ ପୁତ୍ର ରୂପେ କୁମ୍ଭକର୍ଣ୍ଣ, କନ୍ୟା ସୂର୍ପଣଖା ଏବଂ ବିଭୀଷଣ ଜନ୍ମ ନେଲେ । ରାବଣ ଏବଂ କୁମ୍ଭକର୍ଣ୍ଣ ଅତ୍ୟନ୍ତ ଦୁଷ୍ଟ ପ୍ରକୃତିର ଥିଲେ, କିନ୍ତୁ ବିଭୀଷଣ ଧର୍ମାତ୍ମା ପ୍ରକୃତିର ଥିଲା ।

## ତ୍ୱଚ୍ଚ କୁଂଚନ ଦୂର କରିବ ନଡିଆ ତେଲ

ସାଧାରଣତଃ ବୟସ ବଢ଼ିବା ସହ ଧୀରେ ଧୀରେ ସୌନ୍ଦର୍ଯ୍ୟ ମଧ୍ୟ ହ୍ରାସ ପାଇଥାଏ। ବିଶେଷ କରି ଏହାର ପ୍ରଭାବ ମୁଖ୍ୟତଃ ମୁହଁରେ ପ୍ରଥମେ ଦେଖାଯାଇଥାଏ। ଆଖି ତଳ କଳା ପଡିବା, ଚର୍ମ କୁଂଚନ ବା ରିଙ୍କଲ୍ସ



ହେବା ଭଳି ସମସ୍ୟା ଆସିଥାଏ । ଏହି ସମସ୍ୟାକୁ ଦୂର କରିବା ପାଇଁ ଅନେକ ଲୋକେ ଡାକ୍ତରଙ୍କ ସହାୟତା ନେଇଥାନ୍ତି। ତେବେ କମ୍ ଖର୍ଚ୍ଚରେ ମଧ୍ୟ ଘରୋଇ ଉପଚାରରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ।

■ ଗୋଟିଏ ଚାମଚ ଦହି ସହ ଗୋଟିଏ ଚାମଚ ମହୁ ମିଶାନ୍ତୁ । ଏଥିରେ କିଛି ବୁନ୍ଦା ଗୋଲାପ ଜଳ ପକାଇ ଏକ ମିଶ୍ରଣ ତିଆରି କରନ୍ତୁ। ଏହାକୁ ୨୦ ମିନିଟ ଯାଏଁ ମୁହଁରେ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁରୁ ରିଙ୍କଲ୍ସ ଦୂର ହେବା ସହ ତ୍ୱଚ୍ଚ ସଫା ହୋଇଯାଇଥାଏ।

■ ଗୋଟିଏ ଚାମଚ ନଡିଆ ତେଲରେ ଗୋଟିଏ ଚୁଟକି ହଳଦି ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ରିଙ୍କଲ୍ସ ହୋଇଥିବା ସ୍ଥାନରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ।। ତେଲରେ ମୁହଁର ମାଲିସ କରନ୍ତୁ । ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚ୍ଚ ହାଇଡ୍ରେଟ ହେବା ସହ ରିଙ୍କଲ୍ସ ଦୂର ହୋଇଥାଏ।

■ ଏଲୋବେରା ଜେଲ, ଦହି ଏବଂ କାକୁଡି ରସକୁ ଏକାଠି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ ଯାଏଁ ମାଲିସ କରି ଧୋଇ ଦିଅନ୍ତୁ।

■ଦହିରେ କାକୁଡି ରସ ମିଶାଇ ୨୦ ମିନିଟ ପର୍ଯ୍ୟନ୍ତ ମୁହଁରେ ଏହି ପେଷ୍ଟକୁ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହ ଭିତରେ ୨ ରୁ ୩ ଥର ଏହି ଉପାୟକୁ କରନ୍ତୁ। ଏହାଦ୍ୱାରା ତ୍ୱଚ୍ଚର ଉଜ୍ଜ୍ୱଳତା ବର୍ଦ୍ଧିବା ସହ ମୁହଁରେ ପଡିଥିବା କୁଂଚନ ବା ରିଙ୍କଲ୍ସ ମଧ୍ୟ ଧୀରେ ଧୀରେ କମିଯିବ।

## ଡମଣା ଦୁର୍ଗାପୂଜା ମାଟି ଅନୁକୂଳ



ଭୁବନେଶ୍ୱର,୧୧।୯ (ମହାଭାରତ): ଡମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ପବିତ୍ର ରାଧାଷ୍ଟମୀ ତିଥିରେ କୁଆଖାଇ ନଦୀ ପଠାରୁ ଯଥାବିଧି, ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ମାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ମୃର୍ତ୍ତିକା ଆନୟନ କରାଯାଇଥିଲା। ଏହି ଉତ୍ସବରେ କର୍ତ୍ତା ଭାବରେ ଡମଣା ସାର୍ବଜନୀନ ଦୁର୍ଗାପୂଜାର ପ୍ରତିଷ୍ଠାତା ତଥା ସଭାପତି ନିଶାକର ସାହୁ ମାଟି ଅନୁକୂଳ କରିଥିଲେ। ମାଙ୍କ ଆନୟନ ମୃର୍ତ୍ତିକାକୁ ଘଣ୍ଟ, କିର୍ତ୍ତନ, ଶଙ୍ଖ ଓ ହୁଳହୁଳି ହରିବୋଲ ଧ୍ୱନୀରେ ଗ୍ରାମ ପରିକ୍ରମା କରାଯାଇ ମଣ୍ଡପରେ ସ୍ଥାନିତ କରାଯାଇଥିଲା। ଏହି ଉତ୍ସବରେ ଗ୍ରାମର ଯୁବକ, ପୁରୁଷ ଓ ମହିଳାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## 'ଗ୍ଲୋବାଲ୍ ବାୟୋ ଇଣ୍ଡିଆ' ରେ ପ୍ରଦର୍ଶନ କରିବ ଓଡ଼ିଶା

ଭୁବନେଶ୍ୱର,୧୧।୯ (ମହାଭାରତ): ଭାରତର ଅର୍ଥନୀତିକୁ ଆଗାମୀ ଦିନରେ ବାୟୋଟେକ୍ନୋଲୋଜି କ୍ଷେତ୍ର ବିଶେଷ ଭାବେ ସମୃଦ୍ଧ କରିବାକୁ ଯାଉଛି। ଏଥିରେ ଓଡ଼ିଶାର ଏକ ବଳିଷ୍ଠ ଯୋଗଦାନ ରହିବ। ଆସନ୍ତା ୧୨ରୁ ୧୪ ତାରିଖ ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ହେବାକୁ ଥିବା 'ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪' ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀରେ ଏହି ବାର୍ତ୍ତା ଦେବାକୁ ଯାଉଛି ଓଡ଼ିଶା। ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବିଭାଗୀୟ ବରିଷ୍ଠ ଅଧିକାରୀ, ବୈଜ୍ଞାନିକ ଏବଂ ବିଭିନ୍ନ ଷ୍ଟାର୍ଟଅପକୁ ନେଇ ଓଡ଼ିଶା ସରକାରଙ୍କ ଏକ ଟିମ୍ ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ଯାଉଛି।

ଓଡ଼ିଶାରେ ବ୍ୟାପକ ପ୍ରାକୃତିକ ସମ୍ପଦ ସହିତ ଜୈବ ବିବିଧତାର ଅପୂର୍ବ ସମ୍ଭାର ରହିଛି। ଘଞ୍ଚ ଜଙ୍ଗଲ ଓ ଜୈବମଣ୍ଡଳ, ବିଭିନ୍ନ ଔଷଧୀୟ ବୃକ୍ଷରେ ଭରପୂର ପର୍ବତ, ହେନ୍ତାଳ ବଣ, ବିରଳ ବନ୍ୟପ୍ରାଣୀଙ୍କ ଅଭୟାରଣ୍ୟ, ଚିଲିକା ହ୍ରଦ, ସୁଦୀର୍ଘ ବେଳାଭୂମି ଏବଂ ବିସ୍ତୀର୍ଣ୍ଣ କୃଷି କ୍ଷେତ୍ର ଭଳି ପ୍ରାକୃତିକ ଉତ୍ସ ବାୟୋଟେକ୍ନୋଲୋଜି କ୍ଷେତ୍ର ପାଇଁ ବିପୁଳ ସମ୍ଭାବନା ସୃଷ୍ଟି କରିଛି। ଏହା ସହିତ ଆବଶ୍ୟକ ଗବେଷଣା, ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ଶିଳ୍ପ ଭିତ୍ତିଭୂମିର ସୃଷ୍ଟି ଫଳରେ ବାୟୋଟେକ୍ନୋଲୋଜି ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶା ଭାରତର ଏକ ପ୍ରମୁଖ ଲକ୍ଷ୍ୟସ୍ଥଳ ହେବାକୁ ଯାଉଛି।

ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଭାରତର ବର୍ତ୍ତମାନ ଏବଂ ଭବିଷ୍ୟତର ରୂପରେଖ ଉପସ୍ଥାପନ କରିବା ପାଇଁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟ ଅଧୀନରେ ପ୍ରତିବର୍ଷ 'ଗ୍ଲୋବାଲ ବାୟୋ ଇଣ୍ଡିଆ' କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଭାଗନେଇ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶାର ବିପୁଳ ସମ୍ଭାବନାକୁ ପ୍ରଦର୍ଶନ କରିବାକୁ ଯାଉଛି।

'ଜୈବ ସମ୍ବଳରେ ସମୃଦ୍ଧ ଓଡ଼ିଶା ବାୟୋଟେକ୍ନୋଲୋଜି କ୍ଷେତ୍ର ପାଇଁ ଏକ ବିରାଟ ସମ୍ଭାବନା ସୃଷ୍ଟି କରିଛି। ରାଜ୍ୟରେ ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ବାୟୋଟେକ୍ନୋଲୋଜିକୁ ଶିଳ୍ପ ନୀତି-୨୦୨୨ରେ ରାଜ୍ୟ ସରକାର ଏକ ଅଗ୍ରାଧିକାର କ୍ଷେତ୍ର ଭାବେ ଘୋଷଣା କରିଛନ୍ତି। ତା' ସହିତ ସ୍ୱତନ୍ତ୍ର ବାୟୋଟେକ୍ନୋଲୋଜି ନୀତି ପ୍ରସ୍ତୁତ କରାଯାଇ ଏ କ୍ଷେତ୍ରରେ ଷ୍ଟାର୍ଟଅପ୍ ଓ ବୃହତ୍ ଉଦ୍ୟୋଗ ପ୍ରତିଷ୍ଠା ଲାଗି ପ୍ରୋତ୍ସାହନ ଦିଆଯାଉଛି। ଆଗାମୀ ଦିନରେ ଅର୍ଥନୈତିକ ବିକାଶ ସହ ରାଜ୍ୟରେ ନିଯୁକ୍ତି କ୍ଷେତ୍ରରେ ଏହା ନୂତନ ସମ୍ଭାବନା ସୃଷ୍ଟି କରିବ,' ଏହି ଅବସରରେ କହିଛନ୍ତି ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

'ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪' କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ପାଭିଲିୟନ ଖୋଲାଯାଉଛି। ଏଥିରେ ରାଜ୍ୟର ୧୦ଟି ଅଭିନବ ବାୟୋଟେକ୍ନୋଲୋଜି ଷ୍ଟାର୍ଟଅପ ଅଂଶଗ୍ରହଣ କରି ସେମାନଙ୍କ ଜ୍ଞାନକୌଶଳ ଓ ଉତ୍ପାଦ ପ୍ରଦର୍ଶନ କରିବେ।

ଏହି କାର୍ଯ୍ୟକ୍ରମରେ ୧୩ ତାରିଖ ଦିନ ହେବାକୁ ଥିବା 'ଷ୍ଟେଟ୍ ରାଉଣ୍ଡ ଟେବଲ୍' ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ୍ ଯୋଗଦେବେ। ଓଡ଼ିଶାର ବାୟୋଟେକ୍ନୋଲୋଜି କ୍ଷେତ୍ରର ବିପୁଳ ସମ୍ଭାବନା ଏବଂ ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାର ଦେଉଥିବା ବିଭିନ୍ନ ପ୍ରୋତ୍ସାହନ ବିଷୟରେ ସେ ଉପସ୍ଥାପନ କରିବେ। ସେହିପରି ୧୪ ତାରିଖରେ ଭାରତର ସାମୁଦ୍ରିକ ସମ୍ବଳକୁ ନେଇ 'ବ୍ଲୁ ଇକୋନମି' ଶୀର୍ଷକରେ ଏକ ବିଶେଷ ଅଧିବେଶନ କରାଯିବ। ଏଥିରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବାୟୋଟେକ୍ନୋଲୋଜି କ୍ଷେତ୍ରର ପ୍ରସାର ଦିଗରେ ଓଡ଼ିଶାର ସୁଦୀର୍ଘ ବେଳାଭୂମି ଏବଂ ସାମୁଦ୍ରିକ ସମ୍ପଦର ଉପଯୋଗ ସମ୍ପର୍କରେ ତାଙ୍କର ଭିତ୍ତି ବକ୍ତବ୍ୟ ଉପସ୍ଥାପନ କରିବେ।

'ବାୟୋଟେକ୍ନୋଲୋଜି କ୍ଷେତ୍ରରେ ବିଭିନ୍ନ ଗବେଷଣା ଓ ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ପାଇଁ ସହାୟତା ଦିଆଯିବା ସହ ରାଜ୍ୟରେ ଥିବା ବିଭିନ୍ନ ବାୟୋ-ଇନକ୍ୟୁବେଟର ତଥା ଅଭିନବ ବାୟୋଟେକ୍ନୋଲୋଜି ଷ୍ଟାର୍ଟଅପଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଉଛି। ଏହାସହିତ ରାଜ୍ୟ ସରକାର ଯେଉଁ ବାୟୋଟେକ୍ନୋଲୋଜି ନୀତି ଆଣିଛନ୍ତି, ତାହା ଏ କ୍ଷେତ୍ରରେ ଆଧୁନିକ ଶିଳ୍ପ ବିକାଶ ପାଇଁ ସହାୟକ ହେବ। ଗ୍ଲୋବାଲ ବାୟୋ ଇଣ୍ଡିଆ ଭଳି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ଏହି ସମ୍ଭାବନାକୁ ଉପସ୍ଥାପନ କରାଯିବ,' କହିଛନ୍ତି ବିଜ୍ଞାନ ଓ ବୈଷୟିକ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ୍। କାର୍ଯ୍ୟକ୍ରମରେ ଓଡ଼ିଶାର ବାୟୋଟେକ୍ନୋଲୋଜି କ୍ଷେତ୍ରରେ କାମ କରୁଥିବା ଉଚ୍ଚଶିକ୍ଷା ଓ ଗବେଷଣା ଅନୁଷ୍ଠାନର ମୁଖ୍ୟ, ଅଧ୍ୟାପକ ଏବଂ ବୈଜ୍ଞାନିକମାନଙ୍କର ଏକ ପ୍ରତିନିଧି ଦଳ ଯୋଗଦେବେ। ଭାରତରେ ଆଜି ଏ କ୍ଷେତ୍ରରେ ହେଉଥିବା ବିଭିନ୍ନ ବୈଜ୍ଞାନିକ ଗବେଷଣା ଓ ଔଦ୍ୟୋଗିକ ପରୀକ୍ଷା ନିରୀକ୍ଷା ବିଷୟରେ ସେମାନେ ଅନୁଭୂତି ହାସଲ କରିବେ।

## ମାଲେସିୟାରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆଲୋଚନାରେ ଓଡ଼ିଶା ପ୍ରତିନିଧିଙ୍କ ଯୋଗଦାନ

ଭୁବନେଶ୍ୱର,୧୧।୯ (ମହାଭାରତ): ଦୁଇ ଦିନ ଧରି କୁଆଲାଲମପୁର ଠାରେ ଆନ୍ତର୍ଜାତୀୟ ନିର୍ମାଣ ଶ୍ରମିକ ମହାସଂଘ ଦ୍ୱାରା ଆୟୋଜିତ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ବିଶ୍ୱ ଶ୍ରମିକମାନଙ୍କ ଉପରେ ପ୍ରଭାବ ସମ୍ବନ୍ଧୀୟ ଆଲୋଚନା ଚକ୍ରରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସାଂଗଠନିକ ସମ୍ପାଦକ ତଥା ରାଜ୍ୟ ଉପସଭାପତି ମଦନ ମୋହନ ଧଳ ଅଂଶ ଗ୍ରହଣ କରି ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ମତ ରଖି କହିଲେ ଯେ ସୂର୍ଯ୍ୟ କିରଣ ପରିବର୍ତ୍ତନ, ଜଙ୍ଗଲକ୍ଷୟ, କଳକାରଖାନାରୁ ନିର୍ଗତ, ଅଙ୍ଗାରକାମ୍ଳ ବାୟୁର ପ୍ରଭାବରେ ପୃଥିବୀର ତାପମାତ୍ରାର ଊର୍ଦ୍ଧ୍ୱ ହେବା ଯୋଗୁ ଭୂମିକମ୍ପ, ବାତ୍ୟା, ବନ୍ୟା ତଥା ଅହେତୁକ ଦୁର୍ବିପାକର ପ୍ରଭାବରେ ସାରା ମଣିଷ ସମାଜ ଠାରୁ ଆରମ୍ଭ କରି ପଶୁପକ୍ଷୀ ତଥା ବନ୍ୟଜନ୍ତୁମାନେ ଜୀବନ ହାରୁଛନ୍ତି। କଳକାରଖାନାରୁ ନିର୍ଗତ ପାଉଁଶ ତଥା ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ପରିବେଶକୁ ଦୂଷିତ କରିବା ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ। ସରକାରୀ ସ୍ତରରେ ଜଙ୍ଗଲ ଆଇନ ପ୍ରଣୟନ ନ କରିବା, ମାଫିଆ ମାନଙ୍କ ଦ୍ୱାରା ଅହେତୁକ ଜଙ୍ଗଲ କାଟିବା, ସରକାର ନିଜ ଇଚ୍ଛାରେ ଜଙ୍ଗଲ ଜମିକୁ କୋହଳ ସୂତ୍ରରେ କଳକାରଖାନା ନିର୍ମାଣ ନିମିତ କର୍ପୋରେଟ ସେକ୍ଟରକୁ ହସ୍ତାନ୍ତର ନ କରିବା, ପୃଥିବିରେ କୋଠାଘର ନିର୍ମାଣ ଅହେତୁକ ବୃଦ୍ଧି ଏବଂ କଂକ୍ରିଟ ରାସ୍ତା ନିର୍ମାଣ ପ୍ରଭୃତି ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ। ଏହାର ପ୍ରଭାବରେ ମଣିଷ ସମାଜ ଠାରୁ ଆରମ୍ଭ କରି ଜୀବଜନ୍ତୁ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଜୀବିକା ବିପଦ ସଙ୍କୁଳ ହେଉଛି। ଏହାକୁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବନ୍ଦ କରିବାକୁ ଉଭୟ ଚେଷ୍ଟା କରିବା ଦରକାର।

ଯଦିଓ ଆମ ଭାରତ ସରକାର ବିକଳ୍ପ ବିଦ୍ୟୁତ ଶକ୍ତି ଭାବରେ ସୌରଶକ୍ତି ତଥା ପବନ ଶକ୍ତିକୁ ପ୍ରୋତ୍ସାହନ କରୁଛନ୍ତି କିନ୍ତୁ ସମୟସୀମା ଭିତରେ ଏହାକୁ କାର୍ଯ୍ୟକାରୀ ନ କଲେ ଫଳ ଭିନ୍ନ ହେବ। ଅନ୍ୟପକ୍ଷରେ ଭାରତ ସରକାର ଜଙ୍ଗଲ ଆଇନ୍-୨୦୦୬ କୁ ତ୍ୱରାନ୍ୱିତ କଲେ ଜଙ୍ଗଲଜନିତ ସମସ୍ୟାରୁ ତ୍ରାହି ମିଳିବ। ଏ ସମ୍ବନ୍ଧରେ ଗାଁ ଗଣ୍ଡାରେ ବୃକ୍ଷରୋପଣ କାର୍ଯ୍ୟକୁ ସରକାର କରିବା ପାଇଁ ସଚେତନତା ସୃଷ୍ଟି କରିବା, ସରକାରଙ୍କ ନିୟମାନୁସାରେ ନିର୍ଦ୍ଧାରିତ ଶକ୍ତି ସମ୍ପନ୍ନ ସୌରଶକ୍ତି ବା ପବନଶକ୍ତି ବ୍ୟବସ୍ଥା କଳକାରଖନାରେ ବାଧ୍ୟତାମୂଳକ ବୋଲି ଆଇନ ପ୍ରଣୟନ ହୋଇଥିଲେ ବି ସରକାର ତାକୁ ଅଣଦେଖା କରୁଛନ୍ତି।

## ରେଳ ମହାପ୍ରବନ୍ଧକଙ୍କ ଦ୍ୱାରା ଛଅଟି ରେଳ କର୍ମଚାରୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୧।୯ (ମହାଭାରତ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ରେଳ ସଦନ ଠାରେ ଛଅଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ସତର୍କତା ପାଇଁ ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କାର ପ୍ରଦାନ କରିଛନ୍ତି।



ରମ୍ଭା ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକମ୍ୟାନ୍ ଗୋପାଳ ପ୍ରଧାନ; ନିରାକାରପୁରର ଷ୍ଟେସନ ମ୍ୟାନେଜର ଚିନ୍ମୟ କୁମାର ପରିଡ଼ା; ବିଶାଖାପାଟନମ ଡିଜେଲ ଲୋକୋ ସେଡରେ କାର୍ଯ୍ୟ କରୁଥିବା ଜି କ୍ରିଷ୍ଣା ପ୍ରସାଦ ଏବଂ ଅଯୋଦଳା ଷ୍ଟେସନରେ କାର୍ଯ୍ୟରତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ଦିଲୀପ ଭୋଇ ସେମାନଙ୍କର କାର୍ଯ୍ୟ ସମ୍ପାଦନ ସମୟରେ ଅସାଧାରଣ ବିଫଳତାକୁ ଚିହ୍ନଟ କରି ନିରାପଦ ଟ୍ରେନ୍ ଚଳାଚଳ ପାଇଁ ତୁରନ୍ତ ପଦକ୍ଷେପ ନେଇଥିଲେ। ଉପରୋକ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରି ଶ୍ରୀ ଫୁଙ୍କୱାଲ କହିଛନ୍ତି ଯେ, ଟ୍ରାକମ୍ୟାନ୍, ଷ୍ଟେସନ୍ ଅପରେଟିଂ ଷ୍ଟାଫ୍, ଟେକ୍ନିସିଆନ୍ ଏବଂ ସୁରକ୍ଷା ଏବଂ ରେଳ ନିରାପତ୍ତା କାର୍ଯ୍ୟରେ କାର୍ଯ୍ୟ କରୁଥିବା ଅନ୍ୟ କର୍ମଚାରୀମାନେ ଟ୍ରେନ୍ ଗୁଡିକର ନିରାପଦ ଚଳାଚଳ ପାଇଁ ଦିନରାତି କଠିନ ପରିଶ୍ରମ କରୁଛନ୍ତି। ରେଳପଥର ମହାପ୍ରବନ୍ଧକ ଉକ୍ତ କର୍ମଚାରୀ ମାନଙ୍କର କର୍ତ୍ତବ୍ୟ ପାଇଁ ସେମାନଙ୍କର ପ୍ରତିବଦ୍ଧତା ଏବଂ ଉତ୍ସର୍ଗୀକୃତତାକୁ ଉତ୍ସାହିତ କରିବା ସହିତ ରେଳ ସେବକ ମାନଙ୍କରେ କିମ୍ବା ନିରାପତ୍ତା କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ଏହି ଭଳି କର୍ମଚାରୀଙ୍କୁ ଚିହ୍ନଟ କରି ପୁରସ୍କୃତ କରିବାକୁ ପରାମର୍ଶ ମଧ୍ୟ ଦେଇଥିଲେ।

### ମତ୍ସ୍ୟ, ପଶୁପାଳନ ବିଭାଗର ବୈଠକ

## ଗତ ନଅ ବର୍ଷରେ ଦୁଗ୍ଧ ଉତ୍ପାଦନ ୫୭.୬୨% ବୃଦ୍ଧି ପାଇଛି

ଭୁବନେଶ୍ୱର,୧୧।୯ (ମହାଭାରତ): ମତ୍ସ୍ୟ, ପଶୁପାଳନ ଏବଂ ଡେୟରୀ ମନ୍ତ୍ରଣାଳୟ ଅଧୀନସ୍ଥ ପଶୁପାଳନ ଏବଂ ଡେୟରୀ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ମୌସୁମୀ ବୈଠକ ଆହୂତ ହୋଇଛି । କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂ ଓରଫ୍ ଲଲନ ସିଂ ଆସନ୍ତା ୧୩ ତାରିଖ ଶୁକ୍ରବାର ଦିନ ଲୋକସେବା ଭବନ କନ୍‌ଭେନସନ୍ ହଲ୍‌ରେ ଆୟୋଜିତ ଏହି ବୈଠକରେ ଯୋଗଦେବେ । ଏହି ବୈଠକରେ କେନ୍ଦ୍ର ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂ ବାଘେଲ ଏବଂ ମତ୍ସ୍ୟ, ପଶୁପାଳନ ଏବଂ ଡେୟରୀ ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ଶ୍ରୀ ଜର୍ଜ କୁରିଆନ ମଧ୍ୟ ଉପସ୍ଥିତ ରହିବେ । ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଏବଂ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେବେ । ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ । ତୃଣମୂଳସ୍ତରରେ ପ୍ରଭାବୀ କାର୍ଯ୍ୟକ୍ରମ ଗ୍ରହଣପୂର୍ବକ ସଂଯୋଜନ ଢାଞ୍ଚା ସୃଷ୍ଟି କରିବା, ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା ସମେତ ଫଳାଫଳ ଏବଂ ମଧ୍ୟବର୍ତ୍ତୀ ସଂଶୋଧନ ନେଇ ଆଲୋଚନା ସାଙ୍ଗକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ କାଯରଯପନ୍ଥା ଆକଳନ ଏହି ମୌସୁମୀ ବୈଠକର ଉଦେଶ୍ୟ । ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସଂପୃକ୍ତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ରହିବେ ।

୨୦୧୪-୧୫ ରୁ ୨୦୨୨-୨୩ ପଯରୟନ୍ତ ପଶୁପାଳନ କ୍ଷେତ୍ରରେ ଯୌଗିକ ବାର୍ଷିକ ଅଭିବୃଦ୍ଧି ହାର ଉଲ୍ଲେଖନୀୟ ଭାବରେ ୯.୮୨ ପ୍ରତିଶତ ବୃଦ୍ଧି ପାଇଛି । କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଏହାର ଯୋଗଦାନ ୨୪.୩୬ ପ୍ରତିଶତ ରୁ ୩୦.୨୨ ପ୍ରତିଶତ କୁ ବୃଦ୍ଧି ପାଇଛି । ୨୦୨୨-୨୩ ମସିହାରେ, ସମୁଦାୟ ଜିଭିଏ (ଗ୍ରସ୍ ଭାଲ୍ୟୁ ଆଡେଡ୍)ରେ ଏହି କ୍ଷେତ୍ର ୫.୫ ପ୍ରତିଶତ ଯୋଗଦାନ ଦେଇଥିଲା ଏବଂ ଏହା ଆମ ଅର୍ଥନୀତିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଗତ ନଅ ବର୍ଷ ମଧ୍ୟରେ ଆମ ଦେଶର ଦୁଗ୍ଧ ଉତ୍ପାଦନ ୫୭.୬୨% ବୃଦ୍ଧି ପାଇଛି । ୨୦୧୪-୧୫ ମସିହାରେ ଏହା ୧୪୬.୩ ମିଲିୟନ ଟନ ଥିବାବେଳେ ୨୦୨୨-୨୩ ରେ ତାହା ୨୩୦.୬୦ ମିଲିୟନ ମେଟ୍ରିକ ଟନ୍‌ରେ ପହଞ୍ଚିଛି । ଏହି ଅଭିବୃଦ୍ଧି ହାର, ବାର୍ଷିକ ହାରାହାରି ୫.୯%, ବୈଶ୍ୱିକ ହାରାହାରି ୨% ଠାରୁ ଅଧିକ । ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୨୦୧୩-୧୪ ରେ ଦୈନିକ ୩୦୭ ଗ୍ରାମରୁ ୨୦୨୨-୨୩ ରେ ଦୈନିକ ୪୫୯ ଗ୍ରାମରେ ପହଞ୍ଚିଛି । ଏହିସବୁ ସଫଳତା ପଶୁପାଳନ କ୍ଷେତ୍ରକୁ 'ସୂର୍ଯ୍ୟୋଦୟ କ୍ଷେତ୍ର' (ସନ୍‌ରାଇଜ୍ ସେକ୍ଟର) ଭାବରେ ଅଗ୍ରଣୀ କରାଉଛି ।

ଦେଶରେ ପ୍ରଚଳିତ ବିଭିନ୍ନ କାର୍ଯ୍ୟକ୍ରମ, କାର୍ଯ୍ୟାନ୍ୱୟନରେ ବିଭିନ୍ନ ଆହ୍ୱାନଗୁଡ଼ିକ ସଂପର୍କରେ ବିସ୍ତୃତ ଆଲୋଚନା କରିବା ପାଇଁ ଏହି ବୈଠକ ଅଭିପ୍ରେତ । କେନ୍ଦ୍ର ମନ୍ତ୍ରୀଙ୍କ ସହିତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭାଗୀୟ ମନ୍ତ୍ରୀମାନଙ୍କ ବିଚାର ଆଲୋଚନାରେ ବିଭିନ୍ନ ରାଜ୍ୟର ସଫଳତା ଉପସ୍ଥାପିତ ହେବ ଏବଂ ଏହା ସମସ୍ତଙ୍କ ପାଇଁ ଶିକ୍ଷଣ ଅଭିଜ୍ଞତା ଆଣିଦେବ । ମୌସୁମୀ ବୈଠକରେ କେତେକ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବାର ସମ୍ଭାବନା ରହିଛି ।

## ସୋଆ କୃଷି ମହାବିଦ୍ୟାଳୟ ସମ୍ମାନିତ



ଭୁବନେଶ୍ୱର,୧୧।୯ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)କୁ ଗତ ରବିବାର ଦିନ ନୂଆଦିଲ୍ଲୀ ଠାରେ 'ଆଉଟ୍‌ଲୁକ୍ ଏଗ୍ରି-ଟେକ୍ ସମ୍ମିଟ୍'ରେ ସମ୍ମାନଜନକ 'ଆଉଟଷ୍ଟାଣ୍ଡିଂ ଏଗ୍ରିକଲ୍‌ଚର ଇନ୍‌ଷ୍ଟିଚ୍ୟୁଟ୍ / ୟୁନିଭର୍ସିଟି' ସମ୍ମାନରେ ସମ୍ମାନିତ କରାଯାଇଛି। ଆଇଏଏସ୍‌ର ଡିନ୍ ପ୍ରଫେସର ସଂୋଷ କୁମାର ରାଉତ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଶ୍ରୀ ଦେବେଶ ଚତୁର୍ବେଦୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ଅବସରରେ ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଓଏସ୍‌ଡି ଶ୍ରୀ ପ୍ରୀତମ ନାୟକ ମଧ୍ୟ ଉପସ୍ଥିତ ଥିଲେ।

କୃଷି ଶିକ୍ଷା, ଗବେଷଣା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ଉଚ୍ଚକୋଟୀର ସଫଳତା ନିମନ୍ତେ ଆଇଏଏସ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମର ପ୍ରସଙ୍ଗ ଥିଲା 'ଫ୍ୟୁଚର ଅଫ୍ ଫାର୍ମିଙ୍ଗ୍: ସୋଇଙ୍ଗ୍ ସିଡ୍‌ସ ଅଫ୍ ଚେ'। ଏହି ଅବସରରେ ପ୍ରଫେସର ରାଉତ କହିଛନ୍ତି ଯେ ଏହି ସମ୍ମାନ କୃଷି ମହାବିଦ୍ୟାଳୟ ପାଇଁ ଏକ ଉଲ୍ଲେଖନୀୟ ମାଇଲଖୁଂଟ।

ପୁରସ୍କାର ଗ୍ରହଣ କରିବା ପରେ ବୁଧବାର ପ୍ରଫେସର ରାଉତ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ଏହି ସମ୍ମାନ ନେଇ ପ୍ରଫେସର ନାୟକ କୃଷି ମହାବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଆଇଏଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ଅଂଶୁମାନ ଜେନା ଓ ଡକ୍ଟର ଶୁଭପ୍ରଦ ଦାଶ ଉପସ୍ଥିତ ଥିଲେ।

## ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳିତ

ଭୁବନେଶ୍ୱର,୧୧।୯ (ମହାଭାରତ): ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ମନସ୍ତତ୍ତ୍ୱବିତ ଡାକ୍ତର ଆଲୋକଜ୍ୟୋତି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଟି ଆୟୋଜିତ ହୋଇଥିଲା । ଦିନକୁ ଦିନ ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଥିବାବେଳେ ଏଥିରେ କିପରି ବ୍ରେକ୍ ଲାଗିବ, ସେ ଦିଗରେ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ଉଦ୍ୟମ କରାଯାଉଛି । ଏହି ଉଦ୍ଦେଶ୍ୟରେ ଆତ୍ମହତ୍ୟା ନିବାରଣ ଦିବସ ପାଳନ କରାଯାଉଥିବା ଡା. ସାହୁ କହିଥିଲେ । ଆତ୍ମହତ୍ୟା ଏକ କାପୁରଷତା ବୋଲି କୁହାଯାଉଛି । ତଥାପି ବିଭିନ୍ନ ଚାପର ବଶବର୍ତ୍ତୀ ହୋଇ ଅଧିକାଂଶ ଯୁବପିଢ଼ୀ ଏଭଳି କୁପନ୍ଥାକୁ ଆପଣାଉଛନ୍ତି । ମାନସିକ ଦୁଶ୍ଚିନ୍ତା ଯୋଗୁ ଭାରସ୍ୟାମ ହରାଇ ବ୍ୟକ୍ତି ଆତ୍ମହତ୍ୟ କରୁଥିବା କୁହାଯାଉଥିବାବେଳେ ଏହାକୁ ରୋକିବା ଲାଗି ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି । ଅଧିକାଂଶ ଯୁବପିଢ଼ୀ ଏଭଳି ପନ୍ଥାକୁ ଆପଣାଉଥିବାବେଳେ ବୟସ୍କ ମଧ୍ୟ ଏଥିରୁ ବାଦ ପଡିନାହାନ୍ତି । କେଉଁଠି ପାରିବାରିକ କଳହ, ସାମାଜିକ ପ୍ରତିପତିର କ୍ଷୁର୍ଣ୍ଣତା ତ ଆଉ କେଉଁଠି ପ୍ରେମ ପାଇଁ ଘଟୁଛି ଆତ୍ମହତ୍ୟା । ଆଉ ତାସହ ଏବେ ଯୋଡି ହୋଇଛି ନୂତନ ଯୁବପିଢ଼ୀଙ୍କ ଲାଗି ମୋବାଇଲ ଗେମ ନିଶା । ୧୫ ରୁ ୨୯ ବର୍ଷର ନାବାଳକ ଓ ଯୁବପିଢ଼ୀ ଆତ୍ମହତ୍ୟା କରୁଥିବା ନଜିର ମଧ୍ୟ ରହିଛି । ବିଶେଷତଃ ୩ଟି ବୟଷରେ ଲୋକେ ଆତ୍ମହତ୍ୟା କରୁଥିବା ନଜରକୁ ଆସୁଛି । ଯୁବକ ଅବସ୍ଥାରେ ଶିକ୍ଷା ଓ ସଂସ୍କାର ର ଚାପ ଏବଂ ପ୍ରେମ ହିଁ ଆତ୍ମହତ୍ୟାର ମୂଳକାରଣ ହୋଇଥାଏ । ସେହିପରି ୩୦ବର୍ଷ ପରେ ବୈବାହିକ ଜୀବନରେ ଅଶାନ୍ତି ଏବଂ ନିଶା ସେବନ, କର୍ମକ୍ଷେତ୍ରରେ ଅତ୍ୟଧିକ ଚାପରେ ପୀଡିତ ହୋଇ ଏଭଳି ଭୁଲ ବାଟ ବାଛିଥାନ୍ତି । ଏହା ବ୍ୟତୀତ ପିଲା ଛୁଆଙ୍କ ପାଇଁ ଚିନ୍ତିତ ହୋଇ ମଧ୍ୟ ଅନେକ ଆତ୍ମହତ୍ୟା କରିଥାନ୍ତି । ବୟସ୍କମାନଙ୍କ କ୍ଷେତ୍ରରେ ଜଟିଳ ରୋଗ ଏବଂ ପିଲା ଛୁଆଙ୍କ ଠାରୁ ଦୁରେଇ ନିଜକୁ ଅସହାୟ ମାନେ କରି ମଧ୍ୟ ବୟସ୍କମାନେ କେତେକ ସ୍ଥାନରେ ଆତ୍ମହତ୍ୟା କରିଥିବା ନଜିର ରହିଛି । ଏହାକୁ ରୋକିବାକୁ ହେଲେ ସଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସା ହେବା ଆବଶ୍ୟକ । ଚିନ୍ତାଗ୍ରସ୍ତ ରହୁଥିବା ଲୋକମାନେ ପରିବାର ସଦସ୍ୟ ବା ବନ୍ଧୁ ମାନଙ୍କ ସହ ମନଖୋଲି କଥା ହେବା ଉଚିତ୍।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ଭୁବନେଶ୍ୱର,୧୧।୯ (ମହାଭାରତ): ନୀଳାଦ୍ରି ବିହାର ସେକ୍ଟର ତିନି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ବୈଜ୍ଞାନିକ ଡ. ସୁମନ୍ତ କୁମାର ମିଶ୍ର କହିଥିଲେ ବର୍ତ୍ତମାନ ଆମର ସବୁ କ୍ଷେତ୍ରରେ ବିଜ୍ଞାନର ଆବଶ୍ୟକତା ରହୁଛି। ଶିଶୁମାନେ ବିଜ୍ଞାନ ପ୍ରତି ରୁଚି ରଖି ଅଧ୍ୟୟନ ଓ ପ୍ରକଳ୍ପ ଉପସ୍ଥାପନ କଲେ ଭବିଷ୍ୟତରେ ଜଣେ ଜଣେ ଭଲ ବୈଜ୍ଞାନିକ ହୋଇପାରିବେ। ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଡ. ମନୋଜ କୁମାର ଦାସ, ଚିତ୍ତରଞ୍ଜନ ସାହୁ, ସାମ୍ବାଦିକ ସୁକାନ୍ତ ରାଉତ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକ ମାନଙ୍କର ପ୍ରକଳ୍ପ ବୁଲି ଦେଖିବା ସହିତ ପ୍ରସଂଶା କରିଥିଲେ। ବିଦ୍ୟାଳୟର ପ୍ରଧାନ ଅଚାର୍ଯ୍ୟ ଦୀନବନ୍ଧୁ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଗୁରୁଜୀ, ଗୁରୁମା ସହଯୋଗ କରିଥିଲା ବେଳେ ବରିଷ୍ଠ ଗୁରୁମା ଦୀପ୍ତିମୟୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଧାନୀରେ ଡେଙ୍ଗୁ ସ୍ଥିତି ନିୟନ୍ତ୍ରଣାଧୀନ

ଭୁବନେଶ୍ୱର,୧୧।୯ (ମହାଭାରତ): ଭୁବନେଶ୍ୱରରେ ଡେଙ୍ଗୁ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ନେଇ ମଙ୍ଗଳବାର ଦିନ କହିଛନ୍ତି ମେୟର ସୁଲୋଚନା ଦାସ।

ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯଦିଓ ଡେଙ୍ଗୁ ସଂଖ୍ୟା ଅଧିକ ରହିଛି ତେବେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ରାଜ୍ୟର ସମସ୍ତ ପ୍ରମୁଖ ଡାକ୍ତରଖାନା ରାଜଧାନୀରେ ଅଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଆସି ଭୁବନେଶ୍ୱରରେ ଟେଷ୍ଟିଂ ସହ ଚିକିତ୍ସିତ ହେଉଛନ୍ତି। ସେଥିପାଇଁ ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି।

ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ (ବିଏମସି) କର୍ମଚାରୀମାନେ ଏହାର ମୁକାବିଲା ପାଇଁ ସମସ୍ତ ଉଦ୍ୟମ କରୁଛନ୍ତି। ପ୍ରତି ଶୁକ୍ରବାର ଦିନ 'ଡ୍ରାଏ ଡେ ମୁଭମେଣ୍ଟ'ରେ ସାମିଲ ହେବାକୁ ମେୟର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହାବ୍ୟତୀତ ମଶୁରି ବ୍ୟବହାର କରିବାକୁ ଏବଂ ଜ୍ୱର ହେଲେ ଡାକ୍ତରଙ୍କୁ ଦେଖାଇବାକୁ ସେ ଅନୁରୋଧ କରିଛନ୍ତି।

## ମମିତା, ନବ ଦାସ ଓ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବି

ଭୁବନେଶ୍ୱର,୧୧।୯ (ମହାଭାରତ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା, ମନ୍ତ୍ରୀ ନବ ଦାସ ହତ୍ୟା, ମମିତା ମେହେର ହତ୍ୟା ଏବଂ ଗୋବିନ୍ଦ ସାହୁଙ୍କର ରହସ୍ୟଜନକ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ କରାଯିବାକୁ ଆଜି ବିଧାନସଭାରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମିଶ୍ର କହିଥିଲେ ଯେ, ଏହି ସବୁ ହତ୍ୟା ଘଟଣାରର ଉପଯୁକ୍ତ ତଦନ୍ତ ନ ହୋଇ ତତ୍‌କାଳୀନ ବିଜେଡି ସରକାର ସଂପୃକ୍ତ ଆସାମୀ ମାନଙ୍କୁ ଛାଡି ଦେବା ପାଇଁ ଚକ୍ରାନ୍ତ କରିଥିଲେ। ସେହି ସବୁ ଘଟଣା ଉପରୁ ପରଦା ହଟାଇବା ପାଇଁ ସିବିଆଇର ତଦନ୍ତ ଜରୁରୀ ବୋଲି ସେ ମତ ପ୍ରକାଶ କରିବା ସହିତ ଏହି ହତ୍ୟା ଘଟଣା ଓଡ଼ିଶାବାସୀଙ୍କ ମନରେ ଏବେ ବି ସନ୍ଦେହର କୁହେଳିକା ମଧ୍ୟରେ ହଜିଯିବାକୁ ବସିଛି। ତତ୍‌କାଳୀନ ରାଜ୍ୟ ସରକାର ଏହି ସବୁ ଘଟଣାରେ ସେତେବେଳେ ଯେଉଁ ତଦନ୍ତ କରିଥିଲେ ସେହି ତଦନ୍ତ ଉପରେ ଓଡ଼ିଶାବାସୀଙ୍କର କୌଣସି ବିଶ୍ୱାସ ନାହିଁ। ତେଣୁ ରାଜ୍ୟ ସରକାର ଅବିଳମ୍ବେ ଏହି ସବୁର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ମିଶ୍ରଙ୍କର ଏହି ମନ୍ତବ୍ୟ ପରେ ଗୃହରେ କିଛି ସମୟ ପାଇଁ ସରକାରୀ ଓ ବିରୋଧି ଦଳ ମଧ୍ୟରେ କଥା କଟାକଟି ଓ ବାକ୍ୟ ବିନିମୟ ହୋଇଥିଲା। ବିରୋଧି ସଦସ୍ୟ ପ୍ରତାପ ଦେବ କହିଥିଲେ ଯେ, ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ରହିଛି। ସେମାନଙ୍କ ହାତରେ ସିବିଆଇ, ଇଡି, ପୋଲିସ ଓ କ୍ରାଇମବ୍ରାଞ୍ଚ ଭଳି ତଦନ୍ତକାରୀ ସଂସ୍ଥା ରହିଛି। ତେଣୁ ସରାକର ଚାହିଁଲେ ଏହା ଉପରେ ତଦନ୍ତ କରିବାକୁ କାହାର ଆପତ୍ତି ନାହିଁ।



## ଦୁର୍ନୀତିଗ୍ରସ୍ତ ସରପଞ୍ଚଙ୍କୁ କ୍ଷମା ନାହିଁ : ମନ୍ତ୍ରୀ

ଭୁବନେଶ୍ୱର,୧୧।୯ (ମହାଭାରତ): ବିଧାନସଭା ଚାଲିଥିବା ବେଳେ ବିଧାୟକ ପ୍ରଶାନ୍ତ ବେହେରା ପ୍ରଶ୍ନ କରିଥିଲେ ରାଜ୍ୟର କେତେଜଣ ସରପଞ୍ଚଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିବାବେଳେ ତାହାର ତଦନ୍ତ ହୋଇ, କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାର ଉତ୍ତରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଲିଖିତ ଉତ୍ତର ରଖିଥିଲେ। ଲିଖିତ ଉତ୍ତରରେ କୌଣସି ପଞ୍ଚାୟତରୁ ସରପଞ୍ଚଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଲେ ତାଙ୍କୁ କ୍ଷମା ନାହିଁ ବୋଲି ମନ୍ତ୍ରୀ ରବି ନାୟକ କହିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, କୌଣସି ସରପଞ୍ଚଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଲେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪, ଧାରା ୧୧୫ ଅନୁସାରେ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ । ଏହାସହ ଉକ୍ତ ସରପଞ୍ଚଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯିବାର ବ୍ୟବସ୍ଥା ରହିଛି । ଏହି ଆଧାରରେ ଗତ ୫ ବର୍ଷରେ ୮୧ ଜଣ ସରପଞ୍ଚଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

## ଦୟାନଦୀରେ ହେବ ୫ ମେଗା ପାନୀୟ ଜଳ ପ୍ରକଳ୍ପ

ଭୁବନେଶ୍ୱର,୧୧।୯ (ମହାଭାରତ): ଦୟା ନଦୀରେ ହେବ ୫ଟି ମେଗା ପାନୀୟ ଜଳ ପ୍ରକଳ୍ପ । ବିଧାନସଭା ପ୍ରଶ୍ନୋତ୍ତର କାଳରେ ଉତ୍ତର ରଖିଲେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ। ମନ୍ତ୍ରୀ ଉତ୍ତର ରଖି କହିଛନ୍ତି, ପୂର୍ବ ସରକାର କେନ୍ଦ୍ରର ଜଳ ସମ୍ପଦ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଚାହୁଁ ନଥିଲେ। ଯେଉଁଥିଲାଗି ଅନେକ ପ୍ରକଳ୍ପ ବିଳମ୍ବ ହୋଇଛି।



ଠିକ୍ ସମୟରେ ସର୍ଭେ, ଡିପିଆର ପ୍ରସ୍ତୁତ ହୋଇନାହିଁ । ଆମେ ଯେତେ ଚେଷ୍ଟା କଲେ ବି କିଛି ପ୍ରକଳ୍ପ କାମ ୨୦୨୬ରେ ଶେଷ ହେବ। ଦୟାରୁ ଜଳ ଉଠାଣ ପାଇଁ ୫ଟି ମେଗା ପାନୀୟ ଜଳ ପ୍ରକଳ୍ପ ଡେଲାଙ୍ଗରେ ହେବ। ଦୟା ନଦୀରେ ଜଳଭଣ୍ଡାର ନିର୍ମାଣ ହେବ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ । ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ପରାମର୍ଶ ରହିଲା ଯେ, ପ୍ରଦୂଷଣ ମୁକ୍ତ ଜଳ ସଂରକ୍ଷଣକୁ ସରକାର ଗୁରୁ ଦିଅନ୍ତୁ । ସମୁଦ୍ରର ଲୁଣି ପାଣିକୁ ପିଇବା ପାଣିରେ ପରିବର୍ତ୍ତନ କରିବା ପାଇଁ ଗୋଟେ କମ୍ପାନୀ ଖୁବ୍‌ଶୀଘ୍ର ଓଡିଶାକୁ ଆସିବାକୁ ଯାଉଛି । ଯେଉଁ କମ୍ପାନୀ ପ୍ରାରମ୍ଭିକ ପର୍ଯ୍ୟାୟରେ ଲୁଣି ପାଣିକୁ ପରୀକ୍ଷା କରିବା ପରେ ନିଷ୍ପତ୍ତି ନିଆଯାଇ ପାରିବ। ବିଧାନସଭାରେ ସୂଚନା ଦେଲେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ।

## ଜାତିଗତ ରାଜନୀତି

ଓଡ଼ିଶାବାସୀ ଜାତିଗତ ରାଜନୀତିକୁ ଅଗ୍ରାହ୍ୟ କଲେ। ନବେ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କହିଥିଲେ ଯେ, ଗରିବର ଜାତି ନାହିଁ। ବାସ୍ତବରେ ଏହା ହିଁ ଠିକ୍। ଓଡ଼ିଶା ଏକ ଗରିବ ରାଜ୍ୟ ଏବଂ ଏଠାରେ ଅଧିକାଂଶ ବ୍ୟକ୍ତି ଦାରୀଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ତେଣୁ ସେମାନଙ୍କ ପାଇଁ ଜାତି ବା ଧର୍ମ ନୁହେଁ, ଆର୍ଥିକ ବିକାଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଠାରେ କୌଣସି ନିର୍ଦ୍ଦିଷ୍ଟ ଜାତି ନୁହେଁ, ସାମଗ୍ରୀକଭାବେ ଗରିବଙ୍କ ଉତଥାନ ଆବଶ୍ୟକ। କିନ୍ତୁ କିଛି ଲୋକ ଏଠାରେ ଜାତିକୁ ନେଇ ସଂକୀର୍ଣ୍ଣ ରାଜନୀତି କରିବାକୁ ବରାବର ପ୍ରୟାସ କରି ଆସୁଛନ୍ତି। ଲୋକେ ସେମାନଙ୍କୁ ବାରମ୍ବାର ଅଗ୍ରାହ୍ୟ କରୁଛନ୍ତି। ଏବେ ପୁଣି କିଛି ରାଜନୈତିକ ଦଳ ଏହାକୁ ଅସ୍ତ୍ର କରିଛନ୍ତି। ସଂରକ୍ଷଣ ପ୍ରସଙ୍ଗରେ ଓଡ଼ିଶା ବିଧାନସଭାରେ ତୁମୁଳ ହଟ୍ଟଗୋଳ ଚାଲିଛି। ରାଜ୍ୟରେ ଜାତି ଭିତ୍ତିକ ଜନଗଣନା ହେଉ ଏବଂ ସଂରକ୍ଷଣ ସୀମା ବୃଦ୍ଧି କରାଯାଉ ବୋଲି ବିଜେଡି ଓ କଂଗ୍ରେସ ସମସ୍ୱରରେ ଦାବି କରୁଛନ୍ତି। ବିଜେଡି ଗତ ୨୪ ବର୍ଷ ହେବ ରାଜ୍ୟରେ କ୍ଷମତାସୀନ ଥିଲା। ଅଥଚ କେବେ ଜାତିଭିତ୍ତିକ ଜନଗଣନା କଥା ଉଠାଉନଥିଲା। ସମ୍ବିଧାନରେ ଉଲ୍ଲେଖ ଅଛି ଯେ, କୌଣସି ପରିସ୍ଥିତିରେ ବି ମୋଟ ସଂରକ୍ଷଣ ପରିମାଣ ୫୦%ରୁ ଅଧିକ ହେବ ନାହିଁ। ସେଥିପାଇଁ ଓଡ଼ିଶାରେ ଓବିସି ବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ମିଳୁନି। ତେଣୁ ସଂରକ୍ଷଣ ସୀମାରେ କଟକଣା ହଟାଇଦେବାକୁ କିଛି ବିରୋଧୀ ଦଳ ଦାବି କରୁଛନ୍ତି। ସର୍ବଭାରତୀୟ ସ୍ତରରେ ଏସଟି/ଏସସି ବର୍ଗଙ୍କୁ ୨୨ ପ୍ରତିଶତ ସଂରକ୍ଷଣ ସୁବିଧା ମିଳୁଛି। ତେଣୁ ମଣ୍ଡଳ କମିଶନ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବାକୁ ସୁପାରିସ କରିଥିଲେ। ଯଦି ୫୦% କଟକଣା ନଥାନ୍ତା ତେବେ ମଣ୍ଡଳ କମିଶନ ଓବିସିଙ୍କ ପାଇଁ ହୁଏତ ୫୦% ସଂରକ୍ଷଣ ବ୍ୟବସ୍ଥା କରିଥାଆନ୍ତେ। ଓଡ଼ିଶାରେ ଏସଟି/ଏସି ବର୍ଗଙ୍କ ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ୩୮% ସଂରକ୍ଷଣ ବ୍ୟବସ୍ଥା ରହିଛି। ସେଥିପାଇଁ ଓବିସି ଏବଂ ଏସଇବିସିଙ୍କ ପାଇଁ ସର୍ବାଧିକ ୧୨% ବା ତାଠାରୁ କମ ସଂରକ୍ଷଣ ସମ୍ଭବ ହୋଇପାରୁଛି। ତେଣୁ ଓଡ଼ିଶାରେ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ କରିବାକୁ ଦାବି ହେଉଛି। ଏଥିପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ। କେବଳ ଓଡ଼ିଶା ନୁହେଁ, ଅନ୍ୟ କେତେକ ରାଜ୍ୟରେ ମଧ୍ୟ ସମାନ ଦାବି ହେଉଛି। ଅଧିକାଂଶ ଅଣବିଜେପି ଦଳ ଏପରିକି ଶାସକ ଏନଡିଏର ଅନେକ ଅଂଶୀଦାର ଦଳ ମଧ୍ୟ ଏହି ଦାବି କରୁଛନ୍ତି। ନୀତିଶ କୁମାର, ଚିରାଗ ପାଶ୍ୱାନ, ଜିତନ ରାମ ମାଂଝୀ ଜାତିଭିତ୍ତିକ ଜନଗଣନା ଦାବିକୁ ସମର୍ଥନ କରୁଛନ୍ତି। ରାହୁଲ ଗାନ୍ଧି ବାରମ୍ବାର ଏହି କଥା କହୁଛନ୍ତି ଯେ, କଂଗ୍ରେସ କ୍ଷମତାକୁ ଆସିଲେ ଜାତିଭିତ୍ତିକ ଜନଗଣନା କରିବେ। ସମ୍ବିଧାନରେ ଥିବା ୫୦% ସଂରକ୍ଷଣ ସୀମା କଟକଣାକୁ ହଟାଇଦେବେ। ଯେଉଁ ଜାତିର ସଂଖ୍ୟା ଯେତିକି ସେହି ଜାତିକୁ ସେତିକି ସଂରକ୍ଷଣ ସୁବିଧା ମିଳିବ। ଏହା ଏକ ଅତି ବିପଜ୍ଜନକ ଚିନ୍ତାଧାରା। କ୍ଷମତା ବା ରାଜନୈତିକ ଫାଇଦା ପାଇଁ ଜାତି ଆଧାରରେ ଦେଶକୁ ବିଭାଜିତ କରିବାକୁ ଏହା ଉଦ୍ଦିଷ୍ଟ। ଜଣେ ପ୍ରକୃତ ରାଷ୍ଟ୍ରନୀତିଜ୍ଞ କେବେ ହେଲେ ଏଭଳି ଚିନ୍ତା କରିପାରିବ ନାହିଁ। ଯେଉଁ ଜାତିର ସଂଖ୍ୟା ଯେତିକି ସେହି ଜାତିକୁ ସେତିକି ସଂରକ୍ଷଣ ମିଳିବ ଏଭଳି ଚିନ୍ତାଧାରା ଏକ ରୁଗଣ ମାନସିକତା। ୟୁପି, ବିହାରରେ ଜାତିଭିତ୍ତିକ ରାଜନୀତି କରୁଥିବା ଦଳମାନେ ଏଭଳି କଥା କହୁଛନ୍ତି। କିନ୍ତୁ ଓଡ଼ିଶାରେ ବିଜେଡି ଏଭଳି ଦାବି କରିବା ବିସ୍ମୟଜନକ। ଦୀର୍ଘ ୨୪ ବର୍ଷ ହେବ ଯେଉଁ ଦଳ ରାଜ୍ୟରେ କ୍ଷମତାସୀନ ରହିଥିଲା, ସେହି ଦଳ କେବେ ବି ଜାତିଭିତ୍ତିକ ଜନଗଣନା ଏବଂ ସଂରକ୍ଷଣ ସୀମା କଟକଣା ହଟାଇବାକୁ ଦାବି କରୁନଥିଲା। ଏବେ ବିଜେଡିର ମତ ଏବଂ ସ୍ୱର ପରିବର୍ତ୍ତନ କିପରି ହେଲା? ଏହାକୁ କହନ୍ତି ସଂକୀର୍ଣ୍ଣ ରାଜନୀତି।

## ସୁପ୍ରିମକୋର୍ଟରେ ବଂଶବାଦ

“

*ବିଗତ ଦିନଗୁଡିକରେ ଦେଶର ବିଚାର ବ୍ୟବସ୍ଥାର ଅବ୍ୟବସ୍ଥାକୁ କେନ୍ଦ୍ରକରି ଢେର ଢେର ଲେଖାମାନ ପ୍ରକାଶ ପାଇଛି। ସାମ୍ବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଦେଶର ତଳ କୋର୍ଟ ପାଇଁ ବିଧିବଦ୍ଧ ଭାବେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବିଚାରପତି ନିଯୁକ୍ତି ବ୍ୟବସ୍ଥା ରହିଥିଲେ ମଧ ଉପର କୋର୍ଟ (ହାଇକୋର୍ଟ, ସୁପ୍ରିମକୋର୍ଟ) ଗୁଡିକ ପାଇଁ ସେପରି ବ୍ୟବସ୍ଥା ନାହିଁ। ସମ୍ବିଧାନର ଧାରା ୧୨୪(୨) ଏବଂ ୨୧୭ରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ଜଜ୍ (ବିଚାରପତି)ମାନଙ୍କର ନିଯୁକ୍ତି ସଂପର୍କରେ ଉଲ୍ଲେଖ ରହିଛି।*

॥ ସୌମେନ୍ଦ୍ର ଜେନା ॥

ଗତ କିଛିମାସ ହେବ ଦେଶର ନ୍ୟାୟିକ ବ୍ୟବସ୍ଥା, ନ୍ୟାୟାଳୟର କାର୍ଯ୍ୟସମୟ, ବିଚାରପତିଙ୍କ ସୁବିଧା ସୁଯୋଗ, ଦେଶରେ ମାମଲାର ବଢୁଥିବା ସଂଖ୍ୟା,ଉଚ୍ଚ ଅଦାଲତରେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାକୁ କେନ୍ଦ୍ରକରି ଅନେକ ଆଲୋଚନା-ସମାଲୋଚନା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଦେଶର ଗଣମାଧ୍ୟମଗୁଡିକ ଆଜି ପର୍ଯ୍ୟନ୍ତ କେବଳ ରାଜନୀତି, ରାଜନେତା ଏବଂ ରାଜନୈତିକ ଦଳଗୁଡିକୁ କେନ୍ଦ୍ରକରି ଖବର ପ୍ରସାର କରୁଥିବା ବେଳେ ଦେଶର ସବୁ ସମସ୍ୟାର ମୂଳ କେବଳ ସେମାନେ ବୋଲି କୁହାଯାଇଆସିଛି, ଦର୍ଶାଯାଇ ଆସିଛି । କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାର ଏହା ଏକମାତ୍ର ଅଂଶବିଶେଷ, ସବୁକିଛି ନୁହେଁ ବୋଲି ଆମକୁ ଗ୍ରହଣ କରିବାକୁ ହେବ । ଅଥଚ ଦେଶର ରାଜନୀତିରେ ପିତାପରେ ପୁତ୍ରର ରାଜନୀତିକୁ ବଂଶବାଦର ଆଖ୍ୟା ପ୍ରଦାନ କରାଯାଉଥିଲା ବେଳେ ବଡ ବ୍ୟବସାୟୀର ପୁତ୍ର ଆହୁରି ବଡ ବ୍ୟବସାୟୀ ହେବା, ସିନେ ତାରକାଙ୍କ ପୁଅଝିଅମାନେ ବାପାମାଆଙ୍କ ପରି ସିନେ ଜଗତକୁ ଦଖଲ କଲେ ମଧ ସେଠାରେ ବଂଶବାଦକୁ ନେଇ କେହି ଏଠି ଆଲୋଚନା କରୁନାହିଁ । ସେମିତି ଦେଶର ବିଚାର ବ୍ୟବସ୍ଥାରେ ମଧ ବଂଶବାଦ ଆଧାରିତ ପରମ୍ପରା ଅଧିକ ସୁଦୃଢ ହେଉଥିବା ସମୟରେ ତାକୁ କେହି ଦୋଷ ଦେଉନାହାନ୍ତି । ଏବି ବଂଶବାଦୀ ଧରାଧରି ବ୍ୟବସ୍ଥା ଯୋଗୁ ଅନେକ ଯୋଗ୍ୟ ବିଚାରପତି ଉଚ୍ଚନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)କୁ ଆସିବାର ସୁଯୋଗ ନପାଇ ତଳ ଅଦାଲତରେ ନିଜର କାର୍ଯ୍ୟକାଳ ଶେଷ କରିବାକୁ ବାଧ ହେଉଛନ୍ତି । ଦେଶର କଲେଜିୟମ ବ୍ୟବସ୍ଥା ଯୋଗ୍ୟ ବିଚାରପତିମାନଙ୍କୁ ସ୍ଥାନ ନଦେଇ ସଂପର୍କୀତ ଏବଂ ନିକଟତର ବିଚାରପତିମାନଙ୍କୁ ପଦପଦବୀରେ ଆସୀନ କରୁଥିବା ହେତୁ ଅସଲ ସଙ୍କଟ ସୃଷ୍ଟି ହେଉଥିବା କଥା କୁହାଯାଉଛି । ଗତ କିଛିଦିନ ତଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଋପୁଡାମାରି ଜେଲରେ ଥିବା ଦେଶର ଗରିବ, ଆଦିବାସୀମାନଙ୍କ ଅସହାୟତା କଥା ପ୍ରକାଶ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ । ଜମି ନଥିବାରୁ ସେମାନେ କିପରି ଜାମିନଦାର ନ ପାଇବା, ସର୍ବହରା ହେବା ଭୟରେ ଅଦାଲତକୁ ନଯିବା କଥା କହିଥିଲେ । ଆଇନମନ୍ତ୍ରୀ କିରଣ ରିଜିଜୁ ମଧ ବିଚାର ବ୍ୟବସ୍ଥାରେ ପାରଦର୍ଶିତା,ନିଯୁକ୍ତିରେ ସ୍ୱଚ୍ଛତା, ଯୋଗ୍ୟତା ଚୟନରେ ବିଶ୍ୱସନୀୟତା ରହିବା ଉପରେ ଜୋର ଦେଇ ଦେଶର କଲେଜିୟମ ବ୍ୟବସ୍ଥାକୁ ପରୋକ୍ଷରେ ଇଙ୍ଗିତ କରିଥିଲେ।

ବିଗତ ଦିନଗୁଡିକରେ ଦେଶର ବିଚାର ବ୍ୟବସ୍ଥାର ଅବ୍ୟବସ୍ଥାକୁ କେନ୍ଦ୍ରକରି ଢେର ଢେର ଲେଖାମାନ ପ୍ରକାଶ ପାଇଛି । ସାମ୍ବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଦେଶର ତଳ କୋର୍ଟ ପାଇଁ ବିଧିବଦ୍ଧ ଭାବେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବିଚାରପତି ନିଯୁକ୍ତି ବ୍ୟବସ୍ଥା ରହିଥିଲେ ମଧ ଉପର କୋର୍ଟ (ହାଇକୋର୍ଟ, ସୁପ୍ରିମକୋର୍ଟ) ଗୁଡିକ ପାଇଁ ସେପରି ବ୍ୟବସ୍ଥା ନାହିଁ । ସମ୍ବିଧାନର ଧାରା ୧୨୪(୨) ଏବଂ ୨୧୭ରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ଜଜ୍ (ବିଚାରପତି)ମାନଙ୍କର ନିଯୁକ୍ତି ସଂପର୍କରେ ଉଲ୍ଲେଖ ରହିଛି । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରାଯାଇନାହିଁ । ବ୍ୟବସ୍ଥା ଅନୁଯାୟୀ ୧୨୪(୨) କହେ ଯେ ସୁପ୍ରିମକୋର୍ଟ ଓ ହାଇକୋର୍ଟର ଜଜ୍‌ମାନଙ୍କୁ ନିଯୁକ୍ତି ପାଇଁ ରାଷ୍ଟ୍ରପତି ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ପାଇଁ ସେ ଅନ୍ୟ ବିଚାରପତିମାନଙ୍କ ସହ ଆଲୋଚନା କରିଥାନ୍ତି । ତେବେ ସମ୍ବିଧାନର ୨୧୭ଧାରା ଅନୁଯାୟୀ ହାଇକୋର୍ଟର ବିଚାରପତିଙ୍କ ନିଯୁକ୍ତି ରାଷ୍ଟ୍ରପତିଙ୍କ ଦ୍ୱାରା ହେଉଥିଲେ ମଧ ସେ ସଂପୃକ୍ତ ରାଜ୍ୟର ରାଜ୍ୟପାଳ ଏବଂ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି ।

ଦେଖିବାକୁ ଗଲେ ଏବେ ପ୍ରଚଳିତ କଲେଜିୟମ ବ୍ୟବସ୍ଥା ମୂଳ ସମ୍ବିଧାନରେ ନଥିଲା । ୨୮ ଅକ୍ଟୋବର ୧୯୯୮ରେ ୩ଜଣିଆ ଜଜ୍ ମାମଲାରେ ସୁପ୍ରିମକୋର୍ଟର ରାୟ ମାଧମରେ ଏହାକୁ ଦେଶରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ବ୍ୟବସ୍ଥା ଅନୁସାରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ୪ଜଣ ବରିଷ୍ଠ ଜଜ୍‌ଙ୍କୁ ନେଇ ଗଠିତ କମିଟି (କଲେଜିୟମ) ଦେଶର ବିଚାରପତି (ଜଜ୍)ମାନଙ୍କୁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନିଯୁକ୍ତି ଦେଇଥାନ୍ତି, ବଦଳିପାଇଁ ସୁପାରିଶ କରିଥାଆନ୍ତି । କଲେଜିୟମର ସୁପାରିଶକୁ ସ୍ୱୀକୃତି ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥାଏ । ସେହି ତାଲିକାରେ ମତଭେଦ ଥିଲେ ସରକାର କିଛି ନୂଆ ପ୍ରସ୍ତାବିତ ନାମ ତାଲିକା ସହ ସଂଶୋଧନ ନିମନ୍ତେ କଲେଜିୟମକୁ ପଠାଇଥାନ୍ତି । କଲେଜିୟମ ସରକାରଙ୍କ ସଂଶୋଧନକୁ ଗ୍ରହଣ କରନ୍ତି କିମ୍ବା ନିଜ ମୁତାବକ ତାଲିକା କରି ପୁଣିଥରେ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥାନ୍ତି । ତେବେ ଦ୍ୱିତୀୟଥର ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ ହୋଇଥାନ୍ତି ।

ଗତ ୨୫ ବର୍ଷରେ ଯାହା ଦେଖାଯାଇଛି ଏହି ବ୍ୟବସ୍ଥାରେ କେତେକ ହାତଗଣା ପରିବାର ବର୍ଗ ଉପକୃତ ହୋଇଛନ୍ତି । ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିବା ବେଳେ କଲେଜିୟମ ବନାମ ସରକାର ସ୍ଥିତି ଉପୁଜିଲେ ଅଯଥା ବର୍ଷ ବର୍ଷ ସମୟ ନଷ୍ଟ ହୋଇଥାଏ, ନିଯୁକ୍ତି ବିଳମ୍ବିତ ହୋଇଥାଏ । କଲେଜିୟମ ସରକାରଙ୍କ ଆପତ୍ତିକୁ ଗ୍ରହଣ ନ କଲେ ସରକାର ମଧ କଲେଜିୟମର ବିରୋଧୀ ହୋଇଥାନ୍ତି । ଫଳସ୍ୱରୂପ ମକଦ୍ଦମା ସଂଖ୍ୟା ବଢୁଥାଏ, ବିଚାରକାଳ ଗଡୁଥାଏ । ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରି କେତେ ସମୟ ମଧରେ ନିଯୁକ୍ତି ଦେବେ ତାହା ସ୍ପଷ୍ଟ ନଥିବାରୁ ସରକାର ଟାଳଟୁଳନୀତି ଅବଲମ୍ବନ କରିଥାନ୍ତି । କଲେଜିୟମ ବ୍ୟବସ୍ଥାକୁ ବର୍ତ୍ତମାନର ସରକାର ବିରୋଧ କରିବାର କାରଣ ହେଲା ଯେ ଏହି ବ୍ୟବସ୍ଥା ପ୍ରିୟାପ୍ରୀତି ତୋଷଣକୁ ପ୍ରୋତ୍ସାହିତ କରିଆସୁଛି । ଏଥିରେ କେନ୍ଦ୍ର ସଚିବାଳୟ କିମ୍ବା ଅନ୍ୟ କାର୍ଯ୍ୟାଳୟର ଭୂମିକା ରହୁନାହିଁ । ୫ଜଣ ଜଜ୍ ବନ୍ଦ କୋଠରୀ ମଧରେ ଯାହା ସ୍ଥିର କରୁଛନ୍ତି ତାକୁ ସର୍ବମାନ୍ୟ ଭାବେ ଗ୍ରହଣ କରାଯାଉଛି । ଏହି ଚୟନ ପ୍ରକ୍ରିୟା ଆଦୌ ଯୋଗ୍ୟତା ଏବଂ ପ୍ରତିଯୋଗିତାଭିତ୍ତିକ ନହୋଇ ବ୍ୟକ୍ତିଗତ ସଂପର୍କଭିତ୍ତିକ ହୋଇ ଆସିଛି । ଏଥିରେ ଅସ୍ୱଚ୍ଛତା ରହିଥିବା ହେତୁ ସନ୍ଦେହର ଘେରରେ ରହିଆସିଛି ।

ତେଣୁ କଲେଜିୟମ ବ୍ୟବସ୍ଥାର ସଂଶୋଧନ ପାଇଁ ୧୫ ଅଗଷ୍ଟ ୨୦୧୪ରେ ତତ୍କାଳୀନ ସରକାର ରାଷ୍ଟ୍ରୀୟ ନ୍ୟାୟାଳୟ ନିଯୁକ୍ତି ଆୟୋଗ (ଏନ୍‌ଜେଏସି) ଗଠନ କରିଥିଲେ । ଯାହାକୁ ୧୬ ଅକ୍ଟୋବର ୨୦୧୫ରେ ସୁପ୍ରିମକୋର୍ଟ ଆସାମ୍ବିଧାନିକ ଆଖ୍ୟା ଦେଇଥିଲେ । ଏଥିରେ ୬ଜଣିଆ ସଦସ୍ୟଙ୍କ ବ୍ୟବସ୍ଥା ଥିଲା । ଏହାର ପ୍ରମୁଖ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଥିଲାବେଳେ ୨ ସୁପ୍ରିମକୋର୍ଟ ଜଜ୍, କେନ୍ଦ୍ର ଆଇନମନ୍ତ୍ରୀ ଏବଂ ଭିନ୍ନ ଭିନ୍ନ କ୍ଷେତ୍ରରେ ୨ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଏହାର ସଦସ୍ୟ କରାଯିବା ଲାଗି ବ୍ୟବସ୍ଥା ରହିଥଲା । ଏହି ଦୁଇଜଣ ସଦସ୍ୟଙ୍କ ଚୟନ ବିରୋଧୀଦଳ ନେତାଙ୍କ କମିଟି ସ୍ଥିର କରିବାକୁ ଥିବା ହେତୁ ସୁପ୍ରିମକୋର୍ଟ ସରକାରଙ୍କ ପ୍ରସ୍ତାବରେ ଅରାଜି ହୋଇଥିଲେ । (କ୍ରମଶଃ)

## ଭୋକର ଯନ୍ତ୍ରଣାରୁ ମୁକ୍ତି କେବେ ?

॥ ଗୋପାଳ ମହାପାତ୍ର ॥

ଦେଶରେ ଯଦି କୌଣସି ବ୍ୟକ୍ତି ରାତ୍ରୀରେ ଭୋକରେ ଶୁଏ ତେବେ କହିବାକୁ ହେବ ଯେ ଦେଶର ସୌଭାଗ୍ୟ ଶୋଇପଡ଼ିଲା । କିନ୍ତୁ ଯଦି କେହି ଖାଦ୍ୟାଭାବରୁ ମୃତ୍ୟୁମୁଖରେ ପଡ଼େ ତେବେ କୁହାଯିବ ଯେ ସ୍ୱାଧୀନତାର ୭୫ବର୍ଷ ପରେ ମଧ ଦୁର୍ଭାଗ୍ୟ ଆମ ପିଛା ଛାଡୁନାହିଁ । କୋରନା ମହାମାରୀ ସମୟରେ ଏମିତି ଘଟିଥିଲା । ଏହି ସମୟରେ ହଜାର ହଜାର ଭୋକିଲା ଶ୍ରମିକ ନିଜ ପିଲାଛୁଆମାନଙ୍କୁ ଧରି ଶହ ଶହ କିଲୋମିଟର ଚାଲୁଥିବାର ଦେଖାଯାଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଚନ୍ଦ୍ରଶେଖର ତାଙ୍କ ଆତ୍ମକଥାରେ ଲେଖିଛନ୍ତି ଯେ ଯୁଗସ୍ଲୋଭିଆର ଜଣେ ପ୍ରଫେସର ଯିଏ ବିଶ୍ୱର ଶରଣାର୍ଥୀ ମାନଙ୍କ ସମ୍ପର୍କରେ ଗବେଷଣା କରୁଥିଲେ ତାଙ୍କୁ ଖାଦ୍ୟାଭାବ ସମ୍ପର୍କରେ ପ୍ରଶ୍ନ କରିଥିଲେ । ଯୁଗସ୍ଲୋଭିଆର ପ୍ରଫେସରଙ୍କ ପ୍ରଶ୍ନର ଉତ୍ତରରେ ଚନ୍ଦ୍ରଶେଖର କହିଥିଲେ ଯେ ମହାତ୍ମା ଗାନ୍ଧୀ ମଧ ଦାରିଦ୍ର୍ୟର ଯନ୍ତ୍ରଣାକୁ ଅନୁଭବ କରିଥିଲେ ଯେତେବେଳେ ତାଙ୍କୁ ଦକ୍ଷିଣ ଆଫ୍ରିକାରେ ଅନେକ ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେଥିରୁ ପ୍ରେରଣା ପାଇ ସେ ଗରୀବ ଲୋକଙ୍କ ଜୀବନ ସହ ଯୋଡ଼ି ହୋଇଯାଇଥିଲେ । ମହାତ୍ମା ବୁଦ୍ଧଙ୍କର ଅସଲ ଜ୍ଞାନ ସେତେବେଳେ ଉଦୟ ହୋଇଥିଲା ଯେତେବେଳେ ସେ ସୁଜାତାଙ୍କ ଠାରୁ କ୍ଷୀରି ଖାଇବା ପାଇଁ ବାଧ ହୋଇଥିଲେ । ଭୋକର ଯନ୍ତ୍ରଣାକୁ ନବୁଝିଲେ କେହି ଭୋକ ମେଣ୍ଟାଇ ପାରେନାହିଁ ।

କିଛିଦିନ ତଳେ ସୁପ୍ରିମକୋର୍ଟରେ ସାମାଜିକ କାର୍ଯ୍ୟକର୍ତ୍ତା ଅଳି ଭରଦ୍ୱାଜ, ହର୍ଷ ମନ୍ଦର ଏବଂ ଜଗଦୀପ ଛୋକରଙ୍କ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ମାମଲା ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ପରିଚାଳନା କରୁଥିଲେ । ମାମଲାଟିର ବିଚାର କରୁଥିଲେ ବିଚାରପତି ଏମ୍.ଆର. ଶାହା ଓ ବିଚାରପତି ହିମା କୋହଲି । ମାମଲାର ଶୁଣାଣୀ କରି ଦୁଇ ବିଚାରପତି କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ କେନ୍ଦ୍ର ସରକାର ସୁନିଶ୍ଚିତ କରନ୍ତୁ ଯେ ଦେଶରେ କୌଣସି ବ୍ୟକ୍ତି ଭୋକରେ ଶୋଉନାହିଁ । ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ଖାଦ୍ୟପଦାର୍ଥ ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର । ଖଣ୍ଡପୀଠ କୋରନା ମହାମାରୀ ଏବଂ ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକଙ୍କ ଅବସ୍ଥା ସମ୍ବନ୍ଧୀତ ମାମଲାର ଶୁଣାଣୀ କରୁଥିଲେ ।

ଉପନିଷଦର ଏକ ପୌରାଣିକ କଥା ଅନୁସାରେ ଜଣେ ବ୍ରହ୍ମଚାରୀ ଥରେ ଜଣେ ଋଷିଙ୍କ ପାଖକୁ ଯାଇଥିଲେ । ବ୍ରହ୍ମଚାରୀ ଜଣକ ଋଷିଙ୍କୁ କହିଲେ ଗୁରୁବର ମୋତେ ବ୍ରହ୍ମଜ୍ଞାନ ଦିଅନ୍ତୁ । ଋଷି ବ୍ରହ୍ମଚାରୀଙ୍କୁ ଧ୍ୟାନ କରିବାକୁ କହିଲେ । ଅନେକ ସମୟ ଧ୍ୟାନରେ ବସିବା ପରେ ବ୍ରହ୍ମଚାରୀ ଜଣକ ଧ୍ୟାନ ଭାଙ୍ଗି ଠିଆ ହୋଇପଡ଼ିଲେ । ଋଷି ତାଙ୍କୁ ପୁନର୍ବାର ଧ୍ୟାନ କରିବା ପାଇଁ କହିଲେ । କିନ୍ତୁ ସେ ବସି ଧ୍ୟାନ କରିବା ପରିବର୍ତ୍ତେ ଋଷିଙ୍କୁ ଅବଜ୍ଞା କରି ଉଚ୍ଚ ସ୍ୱରରେ ବସି ପାରିବେ ନାହିଁ ବୋଲି କହିବା ସହ ଭୋକରେ ଆଉଟୁପାଉଟୁ ହୋଇଯାଉଥିବା କହିଲେ । ଏପରିକି ତାଙ୍କୁ ଖାଦ୍ୟ (ଅନ୍ନ) ଦରକାର ବୋଲି କହିଲେ । ଋଷି ହସି ହସି କହିଲେ ଯେ ପ୍ରଥମ ପାଠ ହେଉଛି ଅନ୍ନ ହିଁ ବ୍ରହ୍ମ ଏବଂ ଅନ୍ନ ବିନା କିଛି ହୋଇପାରିବ ନାହିଁ । ସେହିପରି ତୈତରୀୟ ଉପନିଷଦରେ କୁହାଯାଇଛି ଯେ ଅନ୍ନ ହେଉଛି ବ୍ରହ୍ମ । କାରଣ ଅନ୍ନରୁ ହିଁ ସବୁ ପ୍ରାଣୀ ଉତ୍ପନ୍ନ ହୋଇଥାନ୍ତି, ଉତ୍ପନ୍ନ ହୋଇ ଅନ୍ନରେ ହିଁ ଜୀବିତ ରହିଥାନ୍ତି, ଶେଷରେ ସଂସାରରୁ ପ୍ରୟାଣ କରି ପୁଣି ଅନ୍ନରେ ପ୍ରବିଷ୍ଟ ହୋଇଯାଆନ୍ତି ।

୧୮୬୭-୬୮ରେ ପ୍ରଥମେ ଦେଶରୁ ଗରୀବି ଦୂର କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ୧୯୩୮ରେ ସୁବାଷ ଚନ୍ଦ୍ର ବୋଷ ମଧ ସେକଥା କହିଥିଲେ । ୧୯୪୭ରେ ଦେଶ ସ୍ୱାଧୀନ ହେବାବେଳେ ପ୍ରତି ୩ଜଣରେ ଦୁଇଜଣ ଗରୀବ ଥିଲେ । ଏବେ କୁହାଯାଉଛି ଯେ ପ୍ରତି ୩ଜଣରେ ଜଣେ ଗରୀବ । ଦେଶ ସ୍ୱାଧୀନ ହେବା ପରେ ଗରୀବ ହଟାଅ, ଦେଶ ବଞ୍ଚାଅ ଧ୍ୱନୀ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ୧୯୭୪ରେ ଦେଇଥିଲେ । ରାଜୀବ ଗାନ୍ଧୀ ମଧ ଏହି ଧ୍ୱନୀର ପୁନରାବୃତ୍ତି କରିଥିଲେ । ପଞ୍ଚବାର୍ଷିକ ଯୋଜନାରେ ଏହାକୁ ସାମିଲ୍ କରାଯାଇଥିଲା । ଏବେ ବି ଦେଶରେ ଖାଦ୍ୟାଭାବ (ଭୋକ)ରେ ମରୁଥିବା କଥା ନଜରକୁ ଆସୁଛି କିନ୍ତୁ ସରକାର ଘଟଣାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଘଣ୍ଟ ଘୋଡାଇବାର ଉଦ୍ୟମ କରୁଛନ୍ତି । ଏହା ଦୁର୍ଭାଗ୍ୟପୂର୍ଣ୍ଣ ନିଷ୍ପତ୍ତି ।

ଭୋଜନ ହେଉଛି ମନୁଷ୍ୟର ଜନ୍ମସିଦ୍ଧ ଅଧିକାର । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜଭେଲ୍‌ଟ ଏକଥା ଉଠାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜାତିସଂଘ ଏ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଇ ପ୍ରସଙ୍ଗକୁ ହାତକୁ ନେଇଥିଲା ଓ ୧୯୪୮ରେ ଆର୍ଟିକିଲ୍ -୨୫ ଅନୁସାରେ ଭୋଜନକୁ ଅଧିକାର ଭାବେ ମୁରୀ ଦେଇଥିଲା । ସୁଖଦ କଥା ହେଉଛି ସୁପ୍ରିମକୋର୍ଟ ଏବେ ଏ ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । ମାନ୍ୟବର କୋର୍ଟ ଇ-ଶ୍ରମ ପୋର୍ଟାଲ୍‌ରେ ପିକୃତ ପ୍ରବାସୀ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ସଂଖ୍ୟା ବାବଦରେ ତାଜା ରିପୋର୍ଟ ଦାଖଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ମାନ୍ୟବର କୋର୍ଟ କହିଛନ୍ତି ଯେ କେନ୍ଦ୍ର ସରକାର ଏ ପ୍ରସଙ୍ଗରେ କିଛି କରୁନାହିଁ ବୋଲି ଆମେ କହୁନାହୁଁ, କିନ୍ତୁ ଆମକୁ ଦେଖିବାକୁ ପଡ଼ିବ ଯେ ବ୍ୟବସ୍ଥା ଜାରି ରହିଛି । ଶୁଣାଣୀ ବେଳେ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ସରକାର କହୁଛନ୍ତି ଲୋକଙ୍କ ଆୟ ବଢିଛି, କିନ୍ତୁ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ତଳକୁ ଖସି ଆସିଛି। କଥା ହେଉଛି ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସର ୨୦୨୨ ରିପୋର୍ଟରେ ଭାରତର ସ୍ଥିତି ଖରାପ ବୋଲି ଦର୍ଶାଯାଇଛି । ୧୨୧ଦେଶର ର୍ୟାଙ୍କିଙ୍ଗ୍‌ରେ ଭାରତ ୧୦୭ ସ୍ଥାନରେ ରହିଛି । ଆମଠାରୁ ଆମ ପଡ଼ୋଶୀ ବଙ୍ଗଳା ଦେଶ ଓ ନେପାଳର ସ୍ଥିତି ଭଲ ବୋଲି ରିପୋର୍ଟରେ କୁହାଯାଇଛି । ଏବେ ଦେଖିବାକୁ ବାକି ରହିଲା ସେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ପରେ କେନ୍ଦ୍ର ସରକାର କ'ଣ ପଦକ୍ଷେପ ନେଉଛନ୍ତି ଓ ଭାରତ କ୍ଷୁଧାମୁକ୍ତ ଭାରତରେ କେବେ ପରିଣତ ହେଉଛି ?

**ରାମଚନ୍ଦ୍ରପୁର, ରଣପୁର**
**ମୋ-୯୪୩୮୪୮୫୦୯୪**

## କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ କେବେ ?

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ପଛୁଆ ଜାତି ତାଲିକାରେ ଓଡ଼ିଶାରୁ ଆଉ ୨୨ଟି ଜାତିର ନାମ ଯୋଡ଼ିବା ପାଇଁ ରାଜ୍ୟ ପଛୁଆବର୍ଗ କମିଶନ ସରକାରଙ୍କୁ ସୁପାରିଶ କରିଥିବାବେଳେ ଏଯାବତ କିନ୍ତୁ ଜାତିଭିତ୍ତିକ ଜନଗଣନା ହୋଇନାହିଁ କିମ୍ବା ଏହି ବର୍ଗର କ୍ୱାଣ୍ଟିଫିଏବୁଲ ଡାଟା ସଂଗୃହୀତ ହୋଇପାରିନାହିଁ। ଭାରତର ଶେଷ ଜାତିଭିତ୍ତିକ ଜନଗଣନା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ୧୯୩୧ ମସିହାରେ ହୋଇଥିଲା। ବିଶ୍ୱନାଥ ପ୍ରତାପ ସିଂହଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୯୦ ଦଶକରେ ପ୍ରଥମ ଭାଗରେ ମଣ୍ଡଳ କମିଶନ ସୁପାରିଶ ଆଧାରରେ ପଛୁଆବର୍ଗଙ୍କ ପାଇଁ ସରକାରୀ ଚାକିରିରେ ୨୭% ସ୍ଥାନ ସଂରକ୍ଷଣ କରାଯିବା ବେଳେ ମଧ ଜାତିଭିତ୍ତିକ ଜନଗଣନା ହୋଇନଥିଲା। ଏଠାରେ ଉଲ୍ଲେଖନୀୟ ଯେ ୭୦ ଦଶକରେ ଶେଷ ଭାଗରେ ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ବିହାରର ଜଣେ ବରିଷ୍ଠ ରାଜନେତା ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧକ୍ଷତାରେ ଏହି କମିଶନ ଗଢ଼ାଯାଇଥିଲା।

ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୫୦% ମଧରେ ସୀମିତ ରଖିବା ଲାଗି ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ଅନୁପାଳନ କରି କେନ୍ଦ୍ର ସରକାର ପଛୁଆବର୍ଗଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। କାରଣ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଜନସଂଖ୍ୟା ଆଧାରରେ ୨୨.୫% ସ୍ଥାନ ସଂରକ୍ଷଣ ଦିଆଯାଇଥିବାରୁ କେନ୍ଦ୍ର ସରକାର ଏହା ରଖିବାକୁ ବାଧ ହୋଇଥିଲେ। ସେତେବେଳେ ଓଡ଼ଶା ସରକାର ମଣ୍ଡଳ କମିଶନଙ୍କ ସୁପାରିଶ ଗ୍ରହଣ କରିନଥିଲେ ଏବଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଜଷ୍ଟିସ ନବ କିଶୋର ଦାସ କମିଶନ ବସାଇଥିଲେ। ଏହି କମିଶନ ମଧ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୫୦ ପ୍ରତିଶତ ସୁପାରିଶ କରିଥିଲେ।

ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସଂଖ୍ୟା ଜାତୀୟ ହାର ଠାରୁ ଢ଼େର ଅଧିକ। ଆମ ରାଜ୍ୟରେ ଜନସଂଖ୍ୟା ଭିତ୍ତିରେ ଏହି ଦୁଇ ବର୍ଗଙ୍କ ଲାଗି ଚାକିରି କ୍ଷେତ୍ରରେ ୩୮.୭୫% ସ୍ଥାନ ସଂରକ୍ଷଣ ଥିବାରୁ ରାଜ୍ୟ ସରକାର ପଛୁଆବର୍ଗଙ୍କ ପାଇଁ ୨୭% ବଦଳରେ ୧୧.୨୫% ଆସନ ସଂରକ୍ଷିତ ରଖିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣତି କରି ରାଜ୍ୟ ସରକାର ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦେଇଥିଲେ ମଧ ଏହା ଅଦାଲତରେ କାଟ୍ ଖାଇଯାଇଥିଲା। ଓଡ଼ିଶା ସରକାରଙ୍କ ୨୭% ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କରିବା ବେଳେ ଅଦାଲତ ସ୍ପଷ୍ଟ ଭାବେ କହିଥିଲେ ଯେ ପଛୁଆବର୍ଗଙ୍କ ପ୍ରସଙ୍ଗରେ କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ କରାଯିବା ଆବଶ୍ୟକ।

ଏହାଛଡ଼ା ଏହି ସଂରକ୍ଷଣ ପ୍ରସଙ୍ଗକୁ ମଧ ସମ୍ବିଧାନର ୩୨ (କ) ଧାରା ଅନୁଯାୟୀ ନବମ ଅନୁଚ୍ଛେଦରେ ସ୍ଥାନିତ କରାଯିବା କଥା। ତେବେ ରାଜ୍ୟ ସରକାରଙ୍କ ଏହି ୨୭% ସଂରକ୍ଷଣ ଆଇନ ପ୍ରାୟ ୧୦ ବର୍ଷ ତଳୁ ରଦ୍ଦ ହୋଇଯାଇଥିଲେ ମଧ ଏଯାବତ କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ ସହିତ ଏହି ବର୍ଗର କ୍ରିମିଲେୟାରମାନଙ୍କୁ ଚିହ୍ନଟ କରାଯାଇନାହିଁ। ଓଡ଼ିଶାରେ କେଉଁ ଜାତିର କେତେ ଲୋକ ଅଛନ୍ତି ତାହା ଜାଣିବା ପାଇଁ ଜାତୀୟ ଜନଗଣନା ଜାତିଭିତ୍ତିକ ତଥ୍ୟ ଆବଶ୍ୟକ। କିନ୍ତୁ କେନ୍ଦ୍ରସରକାର ଜାତିଭିତ୍ତିକ ଜନଗଣନା ଉପରେ ଗୁରୁତ୍ୱ ଦେଉନଥିବା ବେଳେ ବିହାର ସରକାର ନିଜ ଆଡୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ତାହାକୁ ବିରୋଧ କରି ଆଇନ ଅଦାଲତରେ ମଧ ମାମଲା ରୁଜୁ ହୋଇଛି। ଏ ପରିପ୍ରେକ୍ଷୀରେ ଓଡ଼ିଶା ସମେତ ବହୁ ରାଜ୍ୟଙ୍କ ନଜର ବିହାର ମାମଲା ଉପରେ ରହିଛି।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



ମହାଭାରତ
# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ତାଳପଦା ଗ୍ରାମରେ କୃଷି ଭିତ୍ତିକ ପର୍ବ ବାଲିଯାତ୍ରା ଶେଷ



କରଞ୍ଜିଆ,(ମହାଭାରତ) କୃଷି ଭିତ୍ତିକ ପର୍ବ ବାଲିଯାତ୍ରା ତାଳପଦା ଗ୍ରାମରେ ବୁଧବାର ଦିନ ଠାରୁ ଆରମ୍ଭ ହୋଇ ଆଜି ଉଦଯାପନୀ ହୋଇଛି । ପୂର୍ବପୁରୁଷ ରୁ ବାଲିଯାତ୍ରା ପ୍ରତି ଏକ ବର୍ଷ ଅନ୍ତରରେ ଥରେ ଅନୁଷ୍ଠିତ ଅନୁଷ୍ଠିତ ହୋଇଥାଏ ଗତ ବର୍ଷ ଡାଳ ପର୍ବ ହୋଇଥିବା ବେଳେ ଏବର୍ଷ ବାଲି ଯାତ୍ରା ମହାସମାରୋହ ରେ ପାଳିତ ହୋଇଯାଇଛି ।ବାଲିଯାତ୍ରା ୭ ଦିନ ଧରି ଗ୍ରାମରେ ଅନୁଷ୍ଠିତ ହେଉ ଥିବା ବେଳେ ପ୍ରଥମ ଦିନ ଧାନ ବିଲ ମଝିରେ ଥିବା ଚୁଆ ରୁ ବାଲି ଡ଼ଲା ରେ ଅଣାଯିବା ସହିତ ଧାନ ବିଲରୁ ଧାନ ଗଛ ଅଣାଯାଇ ଗ୍ରାମରେ ଥିବା ଗ୍ରାମ ଦେବତୀ ମାଆ ସୁକେଶ୍ୱରୀ ଙ୍କ ଠାରେ ଥିବା ଏକ ଗୃହରେ ରଖା ଯାଇଥିଲା ।ସେଠାରେ ରଖା ଯାଇଥିବା ଏହି ବାଲି ଡଲା ସହ ମା ଲକ୍ଷ୍ମୀ ଙ୍କ ପ୍ରତୀକ ଧାନ ଗଛ କୁ ନିର୍ଦ୍ଦିଷ୍ଟ ଗାୟକ ଙ୍କୁ ନେଇ ୭ ଦିନ ବ୍ୟାପି ଗ୍ରାମ ର ମହିଳା ମାନେ ବିଷୟବସ୍ତୁ ଆଧାରିତ ପାରମ୍ପରିକ ଗୀତ ଗାନ କରି ଆଜି ଉଦଯାପିତ କରାଗଲା । ଭଲ ଚାଷ ପାଇଁ ବାଲି ଡଲା କୁ ପୂଜା କରି ବାଲି ଆଣିବାର ୭ ଦିନ ପରେ ଆଜି ଶେଷ ଦିନରେ ଗାଁ ଦେହୁରୀ ଙ୍କ ଦ୍ୱାରା ସେଠାରେ ପୂଜା ଅର୍ଚ୍ଚନା କରାଯାଇ ଗ୍ରାମ ଦେବତୀ ଙ୍କ ସମ୍ମୁଖ ସ୍ଥାନରେ ବାଲି ଯାତ୍ରା ର ଉଦଯାପନ ଦିବସରେ ଓପବାସ କାରୀ ମାନେ କାଳୀସୀ ଆସିବା ସହିତ ପୂର୍ବରୁ ପ୍ରସ୍ତୁତ କା ପିଢା,କୋରଡ଼ା ମାଡ ସହିତ ବିଭିନ୍ନ ପ୍ରକାର କଳା କୌଶଳ ପଦର୍ଶନ କରି। ଶେଷରେ ମାଟିରେ ନିର୍ମିତ ଏକ ଗଣ୍ଡା କୁ ତୀର ମାରି ବନ୍ଧ କରା ଯାଇଥିଲା। ଆରମ୍ଭ ହୋଇଥିବାଏହି ବାଲି ଯାତ୍ରା କାର୍ଯ୍ୟକ୍ରମ ରେ ପୂଜକ ରାଜେନ୍ଦ୍ର ନାଏକ ,ଗ୍ରାମର ସ୍ୱେଚ୍ଛାସେବୀ ଆମର ବିଶ୍ୱାଳ ,ଯୁଧିଷ୍ଠିର ଦାସ ,ଅଶ୍ୱିନୀ ତଳସୂରୁଡ଼ା ,କ୍ଷେତ୍ରମୋହନ ବିଶ୍ୱାଳ ,ପ୍ରତାପ ବଂସୁଳିଆ, କର୍ମଚନ୍ଦ ଗିରି, କୀର୍ତ୍ତନ ଦାନାକୁଳିଆ ପ୍ରମୁଖବାଲିଯାତ୍ରା କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ସର୍ବ ଶେଷରେ ବିଧି ମୁତାବକ ପୂଜାର୍ଚ୍ଚାନ କରି ସନ୍ଧ୍ୟା ରେ ମେଲାଣି ଦିଆଗଲା ।

## ନିମିନା ପଞ୍ଚାୟତ ରେ ନଳ ଯାତ୍ରା ଅନୁଷ୍ଠିତ



ଆସିକା (ମହାଭାରତ): ଆସିକା ବ୍ଲକ ନିମିନା ଗ୍ରାମ ରେ ବିଜେ ମାଆଁ ରତନେଇ ଠାକୁରାଣୀ, ରଙ୍ଗ ଚିଟିଆ ପାହାଡ଼ ର ପାଦ ଦେଶରେ ପୂଜା ପାଉଥିବା କାନ୍ଧୁଣି ଦେବୀ, ଗିରି ଉପରେ ବିଜେ ବନ ଦୁର୍ଗାଙ୍କ ପାଖରେ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ମଙ୍ଗଳବାର ରେ ନଳ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ମଧ୍ୟ ଯଥା ରୀତିନୀତି ଅନୁସାରେ ନଳ ଯାତ୍ରା ବା ଗିରିପୂଜା ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ରୁ ମାଜଣା,ପୂଜା, ହୋମ ଉପଚାର ପୂଜା କରାଯାଇଛି ।ଗ୍ରାମର ପଣ୍ଡିତ କୈଳାଶ ଚନ୍ଦ୍ର ମହାପାତ୍ର, ଜିତେନ୍ଦ୍ର ମହାପାତ୍ର ଙ୍କ ଦ୍ୱାରା ପୂଜା, ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବାଜା ବାଜଣା ରେ ତିନି ଗୋଟି ନୂତନ ନଳ କୁ ଗ୍ରାମ ପରିକ୍ରମା କରାଯାଇଥିଲା । ପ୍ରକାଶ ଥାଉକି ଗ୍ରାମ ରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ତେଣୁ ଚାଷ ର ଉନ୍ନତି, ପଶୁ ପକ୍ଷୀ ରୋଗ ପୋକ ରୁ ନିୟନ୍ତ୍ରଣ , ଚାଷ କ୍ଷେତ୍ରରେ ରୋଗ ନିୟନ୍ତ୍ରଣ, ଗ୍ରାମର ସାମଗ୍ରିକ ଉନ୍ନତି, ଶାନ୍ତି ପ୍ରତିଷ୍ଠା ସକାଶେ ପ୍ରତିବର୍ଷ ଏଭଳି ନଳଯାତ୍ରା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ରେ ନିମିନା ସରପ□ ବିଦ୍ୟାନ୍ତ ଚର୍ଛି, ଖଣ୍ଡାୟତ କୂଳ ସଭାପତି ଶିବ ନାୟକ, ନରସିଂହ ନାୟକ, ଫଂଚନନ ପ୍ରଧାନ, ଭଗବାନ ଚର୍ଛି, କାମରାଜୁ ଚର୍ଛି, ପଞ୍ଚୁ ପ୍ରଧାନ, ଶିବ ପାତ୍ର, ପିଣ୍ଟୁ ପାତ୍ର, ବାବୁ ନାୟକ, ନୀଳମଣି ଜେନା, କୃଷ୍ଣ ଚର୍ଛି, ବଟ କୃଷ୍ଣ ଚର୍ଛି, ସିମାଞ୍ଚଳ ନାୟକ, ମୁନା ପ୍ରଧାନ, ଶମ୍ଭୁ ରାଉତ, ଭାସ୍କର ସାହୁ, ଜଗନ୍ନାଥ ପ୍ରଧାନ, ଦେବ ପ୍ରଧାନ ସମେତ ଗ୍ରାମବାସୀ ପ୍ରମୁଖ ସହଯୋଗ ଦେଇଥିଲେ ।

## ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ତରଫରୁ ସିଡିପିଓ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଆସିକା (ମହାଭାରତ): ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ଆସିକା ଶାଖା ସଙ୍ଘ ସଭାନେତ୍ରୀ ମିନତୀ ବରଡଙ୍କ ଦ୍ୱାରା ନୂତନ ଭାବେ କାର୍ଯ୍ୟରେ ଯୋଗଦେଇ ଥିବା ଆସିକା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଇନ୍ଦିରା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ଶିଶୁ ବିକାଶ ପ୍ରକଳ୍ପ ପଦବୀରେ ଗତ ୦୩/୦୯ରେ ଇନ୍ଦିରା ମହାପାତ୍ର ଯୋଗ ଦେଇଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବ ରେ ସଙ୍ଘ ପକ୍ଷରୁ ନୂତନ ସିଡିପିଓ ଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇଥିଲା । ଏବଂ ଆସିକା ବ୍ଲକର ବିଭିନ୍ନ ଅଙ୍ଗନବାଡି ଗୁଡିକରେ ଲାଗିରହିଥିବା ସମସ୍ୟା ବିଷୟରେ ସଙ୍ଘ ପକ୍ଷରୁ ଆଲୋଚନା ମଧ୍ୟ କରାଯାଇଥିଲା । ଏହି ଉତ୍ସବ ରେ ଆସିକା ଶାଖା ସହ ସଂପାଦକ ଉଷା ରାଣୀ ସାହୁ, କୋଷାଧ୍ୟକ୍ଷ ଚୁମି କୁମାରୀ ଭୂୟାଁ, ସଂଗଠକ ଗୀତାଞ୍ଜଳି ପ୍ରଧାନ, ଆଇନ ପରାମର୍ଶ ଦାତା ବି ସୁନୀତା ଦେବୀ, ଉପସଭାନେତ୍ରୀ କାମିନୀ ମହାପାତ୍ର, ସହ ସଂପାଦକ ସୁଧାଞ୍ଜଳୀ ଆପଟ ଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଅଞ୍ଚଳ ନେତ୍ରୀ ଓ ଅଙ୍ଗନୱାଡି କର୍ମୀ ମାନେ ସ୍ୱାଗତ ସମ୍ବର୍ଦ୍ଧନାରେ ଯୋଗ ଦେଇ ଶ୍ରୀମତି ମହାପାତ୍ରଙ୍କୁ ସ୍ୱାଗତ କରିଥିଲେ।

# ମହିଳାଙ୍କ ଯୌନ ନିର୍ଯାତନା ପ୍ରତିରୋଧ ପାଇଁ ବୈଠକ



ଦେବଗଡ଼ (ମହାଭାରତ: ଆଜି ଦେବଗଡ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଯୌନ ନିର୍ଯାତନା ପ୍ରତିରୋଧ ପାଇଁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ କାର୍ଯ୍ୟାଳୟରେ ମହିଳା କର୍ମଚାରୀମାନେ କାର୍ଯ୍ୟ କରିଥାନ୍ତି ,କର୍ମକ୍ଷେତ୍ରରେ କେତେକ ମହିଳାଙ୍କ ପ୍ରତି ହଉଥିବା ଯୌନ ନିର୍ଯାତନାରେ ଶିକାର ହୋଇଥାନ୍ତି । ତାଙ୍କର ପ୍ରତିରୋଧ କରିବା ପାଇଁ ତଥା ସେମାନଙ୍କ ସୁରକ୍ଷା ତଥା ଅଭିଯୋଗ ଶୁଣାଣି ପାଇଁ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଅଧିନିୟମ ପ୍ରତେକ ସ୍ତରରେ କଡାକଡି ଭାବେ ଲାଗୁ କରିବା ପାଇଁ ଓ ପ୍ରତେକ କାର୍ଯ୍ୟାଳୟରେ ୧୦ ରୁ ଅଧିକ କର୍ମଚାରୀ ଅଛନ୍ତି ।ସେହି ସ୍ତରରେ ଏକ ଅଭ୍ୟନ୍ତରୀୟ ଅଭିଯୋଗ କର୍ମ ତଥା ଜିଲ୍ଲାସ୍ତରରେ କମିଟି ଗଠନ ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଗୋଷ୍ଠୀ ଉନ୍ନୟନ ତିଲେଇବଣୀ ରଘୁନାଥ ପାଣିଗ୍ରାହୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଅତିରିକ୍ତ ତହସିଲଦାର ସୂର୍ଯ୍ୟ କାନ୍ତ ବରିହା, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ କୁମାର ସିଂ, ଡେପୁଟି କଲେକ୍ଟର ଇଲେକ୍ସନ ମମତାଜ ମହାରଣା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ସଂଯୁକ୍ତା ପ୍ରିୟଦର୍ଶିନୀ ନାଏକ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ପଞ୍ଚାୟତ ସମିତି ବୁଢ଼ାପାଳ ଅଧାପକ ଭାରତ ଭୂଷଣ ନନ୍ଦ, ଅଧାପକ ବାରକୋଟ ଜିତେନ୍ଦ୍ର କୁମାର ସାହୁ, ଅଧକ୍ଷ ସୁଗୁଡା ମହାବିଦ୍ୟାଳୟ ସନ୍ତୋଷ କୁମାର ଦେବତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲା ଅଧିକାରୀ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଭାଇଚାରା ସୃଷ୍ଟି ପାଇଁ ପ୍ରୟାସ

ଅନୁଗୋଳ,(ମହାଭାରତ):କାଣ୍ଡସର ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ କାଣ୍ଡସର ଗ୍ରାମରେ ପୂଜା ପାଉଥିବା ସମସ୍ତ ଗଣେଶ ପୂଜା କମିଟି କୁ ମାନପତ୍ର ପ୍ରଦାନ ସହିତ ପୂଜା କମିଟି ର ସଭାପତି ମହୋଦୟ ମାନଙ୍କୁ ନିଜ ନିଜ ର ପୂଜା ମଣ୍ଡପ ସମ୍ମୁଖରେ ଉତ୍ତରୀୟ ଓ ମେଡାଲ ଦେଇ ସମ୍ମାନରେ ସମ୍ମାନିତ କରାଯାଇଛି । କାଣ୍ଡସର ଗ୍ରାମବାସୀ ଓ ଯୁବକ ମାନଙ୍କ ମଧ୍ୟରେ ଭାତୃଭାବ ସୃଷ୍ଟି କରି ଏକ ଆଧାତ୍ମିକ ଚେତନା ସୃଷ୍ଟି କରିବା ପାଇଁ ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ସଭାପତି ଶ୍ରୀ ଅନନ୍ତ ବାରିକ, ସାଧାରଣ ସମ୍ପାଦକ ଶ୍ରୀ ସୁଧାକର ସାହୁଙ୍କ ତ୍ତ୍ୱାବଧାନରେ କାଣ୍ଡସର ଗ୍ରାମ ରେ ୧୦ ଟି ପୂଜା କମିଟି କୁ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଜିଲ୍ଲାର ବରିଷ୍ଠ ସମାଜ ସେବୀ ଚିନ୍ମୟୀ ଦାସ,ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଉପଦେଷ୍ଟା ଶ୍ରୀ ଶ୍ରୀକାନ୍ତ କୁମାର ସାହୁ ଉପସ୍ଥିତ ରହି ସମସ୍ତ ପୂଜା କମିଟି ର ସଭାପତି ମହୋଦୟ ମାନଙ୍କୁ ନିଜ ନିଜ ର ପୂଜା ମଣ୍ଡପ ସମ୍ମୁଖରେ ଉ□ରୀୟ ଦେଇ ସମ୍ମାନରେ ସମ୍ମାନିତ କରି ଉତ୍ସାହିତ କରିଥିଲେ ସମ୍ମାନରେ ସମ୍ମାନୀତ ହୋଇଥିବା ପୂଜା କମିଟି ଗୁଡିକ ହେଲେ ସାଇ ସୋସିଆଲ କ୍ଲବ (ସ୍କୁଲ୍ ସାହି), ଶିବଶକ୍ତି କ୍ଲବ (ଗଉଡସାହି), ତ୍ରିନାଥ କ୍ଲବ (ପ□ାୟତ ଅଫିସ୍ ସାହି),ଶ୍ରୀ ଗଣେଶ ପୂଜା କମିଟି (ରଗୁଡି ତଳସାହି), ଶ୍ରୀ ଗଣପତି କ୍ଲବ (ରଗୁଡି ଉପର ସାହି), ଗଜାନନ କ୍ଲବ (ରଗୁଡି ଉପର ସାହି), ୟାଇ.ସି.କେ.କ୍ଲବ (ଦେଉଳ ସାହି),ବି ବି ସି କ୍ଲବ (ଦେଉଳ ସାହି), ସିଣ୍ଡିକେଟ ଫ୍ୟାମିଲ କ୍ଲବ (ଆନନ୍ଦ ନଗର ସାହି) , ବେଙ୍ଗଲ ଟାଇଗର କ୍ଲବ( ମହୁଲବୁରୀ ସାହି )କୁ ସମ୍ମାନିତ କରାଯାଇଥିଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସମସ୍ତ ପୂଜା କମିଟି ଗୁଡିକ ଅମଙ୍ଗଳ ଜିନିଷ ତଥା ଡିଜେ ସାଉଣ୍ଡ ବଜାଇବା ,ହଜାର ହଜାର ଟଙ୍କାର ବାଣ ଫୁଟାଇ ବାୟୁମଣ୍ଡଳ ପରିବେଶ ଦୂଷିତ ଇତ୍ୟାଦି ବିଷୟରେ ଆଲୋକପାତ କରାଇବା ସହ ଶାନ୍ତି ଶୃଙ୍ଖଳାରେ ଉତ୍ସାଣୀ ଉତ୍ସବ ପାଳନ କରିବା କୁ ସମସ୍ତ ପୂଜା କମିଟି କୁ ନିବେଦନ କରିଥିଲେ ଏଥିରେ ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଶ୍ରୀ ସନ୍ତୋଷ ନାୟକ, ରାମଚନ୍ଦ୍ର ପ୍ରଧାନ, ପ୍ରକାଶ ମହାକୁଡ଼, ସନ୍ତୋଷ ବେହେରା, ଛବିନ୍ଦ୍ର ନାୟକ, ସନ୍ତୋଷ ମହାକୁଡ଼,ସମୀର ରଞ୍ଜନ ବିଶ୍ୱାଳ ଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ସମସ୍ତ କାର୍ଯ୍ୟକର୍ତ୍ତା ସଦସ୍ୟ ଗଣ ଉପସ୍ଥିତ ରହି ଉତ୍ସାହିତ କରି ସଂପୂର୍ଣ୍ଣ ସହଯୋଗ କରିଥିଲେ ଏହିଭଳି କାର୍ଯ୍ୟ କୁ ଗ୍ରାମବାସୀ ଖୁସି ପ୍ରକାଶ କରି ସ୍ୱେଚ୍ଛାସେବୀ ଅନୁଷ୍ଠାନ କୁ ଧନ୍ୟବାଦ୍ ଜଣାଇବା ସହିତ ପ୍ରଶଂସା କରିଥିଲେ।

## ୧୦ କିଲୋ ବାରହା ମାଂସ ସହ ଜଣ ଜଣେ ଗିରଫ



ଆସିକା (ମହାଭାରତ):ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ଆସିକା ରେଞ୍ଜ ର ଗୁଣ୍ଡପଡା ପଞ୍ଚାୟତ ଗୋଲାବନ୍ଧ ପଲ୍ଲୀ ରାସ୍ତା ବିଲ ପାର୍ଶ୍ୱରେ ବାରହା ମାଂସ ବିକ୍ରି କରୁଥିବା ବେଳେ ଗିରଫ କରିଛି ଆସିକା ବନ ବିଭାଗ । ପ୍ରକାଶ ଥାଉକି କୌଣସି ବିଶେଷ ସୂତ୍ରରୁ ଖବର ପାଇଁ ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ଙ୍କ ନେତୃତ୍ୱ ବନପାଳ ଶରତ ଚନ୍ଦ୍ର ବେହେରାଙ୍କୁ ନେଇ ଏକ ଟିମ ଗୁଣ୍ଡପଡା ନିକଟରେ ଥିବା ଗୋଲାବନ୍ଧ ପଲ୍ଲୀ ରେ ବନ୍ୟ ପ୍ରାଣୀ ମାଂସ ବିକ୍ରି ହେଉଥିବା ଖବର ପାଇ ସଦଳ ବଳେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ପ୍ରାୟ ୧୦ କିଲୋ ବାରହା କଞ୍ଚା ମାଂସକୁ ଜବତ କରା ସହ ଏହି ମାଂସ ବିକ୍ରି କରୁଥିବା ଗୁଣ୍ଡପଡା ଗ୍ରାମର ଅମୁଲ୍ୟ ଗୌଡ଼ କୁ ଗିରଫ କରିଛି ବନ ବିଭାଗ। ଆସିକା ବନ ବିଭାଗ କେସ ନମ୍ବର ୧୦୮/୨୪ ପ୍ରକାରେ ଏକ ମାମଲା ରୁଜୁ କରି ଏକ ବନ୍ୟ ପ୍ରାଣୀ ସଂରକ୍ଷଣ ଆଇନ ଉଲଂଘନ ଆଇନ ପ୍ରକାରେ ଗିରଫ କରା ଯାଇ ଆସିକା କୋର୍ଟ କୁ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ବନରକ୍ଷୀ ବିଷ୍ଣୁ ପ୍ରିୟା ପ୍ରଧାନ, ପ୍ରଭାକର ଗୌଡ଼, ବାଳ କୃଷ୍ଣ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ପେଶା ରେ ସଫ୍ଟଓୟାର ଇଞ୍ଜିନିୟର ନିଶା ଜଙ୍ଗଲ ନିର୍ମାଣ



କାକଟପୁର,(ମହାଭାରତ) - କାକଟପୁର ବ୍ଲକ ଅଧିନସ୍ଥ ବାଙ୍ଗୁରିଗାଁ ଗ୍ରାମପଞ୍ଚାୟତ ତେନ୍ତୁଳିଆ ଗ୍ରାମର ତାପସ କୁମାର ସାହୁ ପେସା ରେ ଜଣେ ସଫ୍ଟୱାର ଇଂଜିନିଏର କିନ୍ତୁ ନିଶା ଖୁବ ନିଆରା । ଖରାଦିନେ ପଶୁ, ପକ୍ଷୀ ମାନେ ପାଣିର ଅଭାବରୁ ମୃତ୍ୟୁ ମୁଖରେ ପଡ଼ିବାର ନଜିର କୁ ହୃଦୟଙ୍ଗମ କରି ଗଭୀର ଜଙ୍ଗଲକୁ ଯାଇ ସେମାନଙ୍କ ପାଇଁ ଗଛରେ ବିଭିନ୍ନ ପାତ୍ର ବାନ୍ଧି ପାଣି ଓ ଦାନା ରଖିଥାନ୍ତି, ତୃଷା ବାଟୋଇ ମାନଙ୍କୁ ରୁଦ୍ରତାପରୁ ତୃଷା ମେଣ୍ଟେଇବା ପାଇଁ ଦହି ଲେମ୍ବୁ ରେ ନିଜେ ପ୍ରସ୍ତୁତ ସରବତ କରି ବିର୍ଭିନ୍ନ ସ୍ଥାନରେ ବାଣ୍ଟି ଥାନ୍ତି। ଏହି କାମରେ ତାଙ୍କ ସହ ଧର୍ମିଣୀ ଶିକ୍ଷୟତ୍ରୀ ଅନୁପମା ସାହୁ ସହଯୋଗ କରିଥାନ୍ତି। ଛୁଟି ଦିନ ହେଲେ ସେ ବାହାରି ପଡନ୍ତି ଅନୁସାଙ୍ଗିକ କୋଦାଳ ବାଉଁଶ, ହାତୁଡି, ରଶି ଓ ଗଛ ଧରି ନିଜ ବୁଲେଟ ବା କାର ନେଇ କେନାଲ ବନ୍ଧ ,ନଦୀ ପଠା, ବିଭିନ୍ନ ସ୍କୁଲ,କଲେଜ ରାସ୍ତା କଡ଼ ଖୋଲା ଯାଗାରେ ନିଜେ କୋଦାଳ ଧରି ଗାତ ଖୋଳି ବିର୍ଭିନ୍ନ ଗଛ ଲଗାଇ ଛୁଟିର ମଜା ନିଅନ୍ତି, ମାଟି ମା ପାଇଁ ଗଛଟିଏ ର ଫ୍ଳେକ୍ସ ପାଖରେ ନିଜର ସେଲ୍ଫି ନିଅନ୍ତି ଓ ସାଙ୍ଗ ସାଥି ମାନଙ୍କୁ ସୋସିଆଲ ମେଡ଼ିଆ ମାଧ୍ୟମରେ ଗଛ ଲଗାନ୍ତୁ ପରିବେଶ ସୁସ୍ଥ ରଖନ୍ତୁ ବାର୍ତ୍ତା ଦିଅନ୍ତିୟ ଏହି ନିଆରା ପ୍ରୟାସ ତାଙ୍କର ପିଲାବେଳୁ ରହିଆସିଛି କିନ୍ତୁ ଆଜକୁ ୫ବର୍ଷ ହେବ କୋଭିଡ ମହାମାରୀ ଠାରୁ ଏହାକୁ ତନ ମନ ଓ ଧନ ଲଗାଇ ନିସ୍ୱାର୍ଥପର ଭାବେ କରିଆସୁଛନ୍ତି। ଗୋପ, କୁସୁପୁର ନିମାପଡା କାକଟପୁର ଓ କୋଣାର୍କ ଅଂଚଳରେ ବିର୍ଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସେ ଜଡିତ ହୋଇ ସ୍କୁଲ,କଲେଜ, ମନ୍ଦିର,ଡାକ୍ତରଖାନା ଓ ରାସ୍ତାକଡ଼ ଇତ୍ୟାଦିରେ ସଫାଇ କାର୍ଯ୍ୟ କରିଥାନ୍ତି ଓ ବୃକ୍ଷ ରୋପଣ କରି ବିଭିନ୍ନ ସାଙ୍ଗ ସାଥି ସ୍ଥାନୀୟ ଯୁବକ ମାନଙ୍କୁ ଉତ୍ସାହିତ ଆତ୍ମସନ୍ତୋଷ ପାଇଥାନ୍ତି। ନିକଟରେ ସବୁଜ ସକଳ୍ପ ଅନୁଷ୍ଠାନ ର କର୍ମକର୍ତ୍ତାଙ୍କ ସହିତ ଯୋଗଦେଇ ୧୫୦୦ ରୁ ଉର୍ଦ୍ଧ ତାଳ ମଞ୍ଜି ଧାନୁଆ ନଦୀ ପଠା ରେ ରୋପଣ କରିଥିଲେ । ନିଜ ତତ୍ୱାବଧାନ ରେ ୧୦ହଜାରରୁ ଉର୍ଦ୍ଧ ଗଛ ଲଗାଇଥିବା ଓ ଗାତ ଖୋଳନ୍ତୁ ଗଛ ନିଅନ୍ତୁ କହି ଲୋକ ମାନଙ୍କୁ ଘରେ ଘରେ ଗଛ ବାଣ୍ଟି ଥାନ୍ତି। ବର୍ଷା ଦିନେ ଗଛ ଲଗାଇଲେ ପାଣି ବେଶୀ ଦେବାକୁ ପଡ଼ିନଥାଏ ଓ ଏହା ପ୍ରକୋଷ୍ଟ ସମୟ ବୋଲି ମତ ଦେଇ ଥାନ୍ତି। ନିଜେ ନିଜର ଗାଁ, ସ୍କୁଲ ଖେଳ ପଡିଆ, ରାସ୍ତା କଡ଼ ରେ ଗଛ ଲଗାନ୍ତୁ ନିଜ ପାଇଁ ଓ ମାଟି ମା ପାଇଁ ଗଛଟିଏ ଲଗାଇ ପରିବେଶକୁ ସୁସ୍ଥ ରଖିବା ପାଇଁ ଆହ୍ୱାନ ଦେଇ ଯୁବପିଢ଼ି ଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି।

## ସୁଭଦ୍ରା ଯୋଜନାର ଆବେଦନ ପ୍ରକ୍ରିୟାକୁ ତଦାରଖ ନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ଗୁରୁଦାୟିତ୍ୱ

ରାୟଗଡ(ମହାଭାରତ): ସୁଭଦ୍ରା ଯୋଜନାର ଜିଲ୍ଲାସାରକ୍ଷ ଆବେଦନ ପ୍ରକ୍ରିୟା ଚାଲୁରହିଛି । ଜିଲ୍ଲାର ୨୧ବର୍ଷରୁ ଉର୍ଦ୍ଧ ୬୦ବର୍ଷରୁ କମ ବୟସ୍କ ମହିଳା ଯାହାଙ୍କ ବାର୍ଷିକ ପାରିବାରିକ ଆୟ ୨ଲକ୍ଷ ୫୦ହଜାରରୁ କମ ହୋଇଥିବ, ସେମାନେ ଆବେଦନ କରିବା ପାଇଁ ଉତ୍ସାହିତ କରାଯାଉଛି । ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ପ୍ରତ୍ୟେକ୍ଷ ତ□ବଧାନରେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟପ୍ୟା ହାତକୁ ନିଆଯାଉଛି । ଏନେଇ ଅନଲାଇନରେ ଆବେଦନ ପ୍ରକ୍ରିୟାକୁ ତଦାରଖ କରିବା ନିମନ୍ତେ ଜିଲ୍ଲାପାଳ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ବିଭିନ୍ନ ବ୍ଲକ୍, ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ଗୁଡିକ ର ଦାୟିତ୍ୱ ବଣ୍ଟନ କରିଛନ୍ତି ।ଅତିରକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତଙ୍କୁ ଜିଲ୍ଲାର ବିଷମକଟକ, ମୁନିଗୁଡା ଓ ଚନ୍ଦ୍ରପୁର ବ୍ଲକକୁ ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ସେହିପରି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ, ଜିଲ୍ଲାପରିଷଦ ଶ୍ରୀ ନିହାରରଞ୍ଜନ କହଁରଙ୍କୁ ଜିଲ୍ଲାର କୋଲନରକ୍ଷ, ଗୁଣୁପୁର, ରାୟଗଡ ପୌରପରିଷଦ ଓ ଗୁଣୁପୁର ପୌର ପରିଷଦ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି । ଗୁଣୁପୁର ଉପଜିଲ୍ଲାପାଳ ସୁଶ୍ରୀ କିରଣଦୀପ କୌର ସହଟାଙ୍କୁ ଜିଲ୍ଲାର ପଦ୍ମପୁର, ଗୁଡ଼ାରୀ ଓ ଗୁଡ଼ାରୀ ବିଜ୍ଞାପିତ ଅଂଚଳ ପରିଷଦ ଓ ରାମନାଗୁଡ଼ା ବ୍ଲକରେ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଉପଜିଲ୍ଲାପାଳ ରାୟଗଡ, ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ଦୋଙ୍କୁ ରାୟଗଡ଼, କାଶୀପୁର ଓ କଲ୍ୟାଣସିଂହପୁର ବ୍ଲକର ତଦାରଖ ନିମନ୍ତେ ଦାୟିତ୍ୱ ଦିଆଯାଇଛି ।

## ସୋର୍ଲୁକୋଣ୍ଡା ବ୍ୟାରେଜର ୨ ଟି ଗେଟ ଅଚଳ

# ବନ୍ୟା ଜଳ କିପରି ନିଷ୍କାସିତ ହେବ ତାକୁ ନେଇ ଉଠୁଛି ପ୍ରଶ୍ନ



ମାଲକାନଗିରି,(ମହାଭାରତ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ରହିଛି ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟାଳୟ। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ଚାଷୀଙ୍କୁ ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ସୋର୍ଲୁକୋଣ୍ଡା ଠାରେ ଥିବା ବ୍ୟାରେଜରୁ ତମସା ଏବଂ ଗମ୍ପାକୋଣ୍ଡା ୨ଟି ମୁଖ୍ୟ କେନାଲ ଦ୍ୱାରା ଚାଷ ପାଇଁ ଆବଶ୍ୟକ ହେଉଥିବା ଜଳ ଯୋଗାଇ ଦିଆଯାଉଛି। ତେବେ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୪୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ପୂର୍ବେ ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ସୋର୍ଲୁକୋଣ୍ଡାଠାରେ ଏହି ବ୍ୟାରେଜ ନିର୍ମିତ ହୋଇଥିଲା। ତେବେ ବ୍ୟାରେଜର ୫ ଟି ମୁଖ୍ୟ ଫାଟକ ମଧ୍ୟରୁ ବର୍ତ୍ତମାନ ୩ ନମ୍ବର ଓ ୫ ନମ୍ବର ଦୁଇ ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡି ରହିଛି। ମୁଖ୍ୟତଃ ସୋର୍ଲୁକୋଣ୍ଡା ବ୍ୟାରେଜକୁ ପ୍ରାୟ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି। ସେଠାରେ ଥିବା ଗୋଟିଏ ଜେନେରେଟରରୁ ବାହାରୁଥିବା ବିଦ୍ୟୁତ ଦ୍ୱାରା ଗେଟ ଗୁଡିକ ଖୋଲିବା ଏବଂ ବନ୍ଦ କରାଯାଉଛି ।ବ୍ୟାରେଜକୁ ନୂତନ ଭାବେ ବିଦ୍ୟୁତ ସଂଯୋଗ କରିବା ପାଇଁ ବିଭାଗ ପକ୍ଷରୁ ଏଷ୍ଟିମେଟ କରି ତତ୍କାଳୀନ ଅଧିକ୍ଷଣ ଯନ୍ତ୍ରୀ ଅଭିରାମ ବେଉରିଆଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଏଷ୍ଟିମେଟକୁ ତତ୍କାଳୀନ ମୁଖ୍ୟ ନିର୍ମାଣଯନ୍ତ୍ରୀ ଚନ୍ଦ୍ର ଶେଖର ମିଶ୍ର ଅନୁମୋଦନ ମଧ୍ୟ କରିଥିଲେ ମଧ୍ୟ କେଉଁ କାରଣରୁ ବିଦ୍ୟୁତ ସଂଯୋଗ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଗଲା ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ ।ବର୍ତ୍ତମାନ ପ୍ରାୟ ଏକ ସପ୍ତାହ ପୂର୍ବେ ପୁନର୍ବାର ଏଷ୍ଟିମେଟ କରି ଟିପିଏସ ଓଡ଼ିଏଲରୁ ବିଦ୍ୟୁତ ଆଣିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ବ୍ୟାରେଜ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଦୀନବନ୍ଧୁ ପାତ୍ର କହିଛନ୍ତି ।ପ୍ରାୟ ୩/୪ମାସ ହେବ ବ୍ୟାରେଜର ୩ ନମ୍ବର ମୁଖ୍ୟ ଫାଟକଟି ଯାନ୍ତ୍ରିକ ତ୍ରୁଟି ଯୋଗୁ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡି ରହିଥିବା ବେଳେ ପ୍ରାୟ ଏକ ସପ୍ତାହ ପୂର୍ବେ ବିଜୁଳି ମାରିବାରୁ ବ୍ୟାରେଜର ୫ ନମ୍ବର ମୁଖ୍ୟ ଫାଟକର ଗିଅର ବକ୍ସ ଭାଙ୍ଗି ଯିବାରୁ ବର୍ତ୍ତମାନ ବ୍ୟାରେଜରେ ଥିବା ମୋଟ ୫ଟି ଫାଟକରୁ ୨ଟି ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡି ରହିଛି। ଏହି ୨ଟି ଗେଟ ମରାମତି ନହୋଇ ପଡି ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।ଲଘୁଚାପ ଯୋଗୁ ଜିଲ୍ଲାରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରୀ ରହିଥିବାରୁ ବର୍ଷା ଜଳ ନଦୀରେ ପ୍ରବେଶ କରୁଥିବାରୁ ନଦୀ ଫୁଲିବା ସହ ବ୍ୟାରେଜର କ୍ଷମତା ଠାରୁ ଅଧିକ ପରିମାଣର ପାଣି ହେବାରୁ ଫାଟକ ଗୁଡିକ ଉପର ଦେଇ ବହୁବାର ପାଣି ନିଷ୍କାସିତ ହୋଇଥିଲା ବୋଲି ଅ□ଳବାସୀ କହିଛନ୍ତି। ଅନ୍ୟ ୩ଟି ଗେଟ ଜଳ ନିଷ୍କାସନ ପାଇଁ ଖୋଲାଯାଇଛି । ଅନ୍ୟପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ବ୍ୟାରେଜରେ ହୋଇପାରୁନାହିଁ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କି ଅଚଳ ହୋଇ ପଡ଼ିଥିବା ୩ ଓ ୫ ନମ୍ବର ଫାଟକକୁ ମରାମତି ମଧ୍ୟ କରାଯାଉ ନାହିଁ। ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବାରୁ ନଦୀର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବା ଜଣାପଡ଼ିଛି ।ଏ ସମ୍ପର୍କରେ ବ୍ୟାରେଜ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ,ଅଚଳ ଥିବା ଦୁଇଟି ଗେଟକୁ ମରାମତି କରିବା ନିମନ୍ତେ ଜୟପୁର ଆମ୍ବାଗୁଡା ଠାରେ ଥିବା ମେକାନିକାଲ ଡିଭିଜନକୁ ରିକୁଏସନ ପଠାଯାଇଛି। ଦୁଇ ତିନି ଦିନ ତଳେ ଡିଭିଜନ ପକ୍ଷରୁ ଜଣେ କନିଷ୍ଠଯନ୍ତ୍ରୀ ଆସି ସର୍ଭେ କରି ଯାଇଥିବା କନିଷ୍ଠଯନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତେ।ଏ ସମ୍ପର୍କରେ ଆମ୍ବାଗୁଡା ମେକାନିକାଲ ଡିଭିଜନରୁ ଆସିଥିବା କନିଷ୍ଠଯନ୍ତ୍ରୀ ଜ୍ୟୋର୍ତିମୟ ବାଡ଼ତିଆଙ୍କୁ ପଚାରିବାରୁ ସେ କହିଥିଲେ ଯେ ୫ନମ୍ବର ଫାଟକର ଯନ୍ତ୍ରାଂଶ ମଗାଯାଇଛି। ଏହାର ମରାମତି କାର୍ଯ୍ୟ ଶୀଘ୍ର କରାଯିବ ଏବଂ ୩ ନମ୍ବର ଫାଟକ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଛି ତେଣୁ ଏହାକୁ ମରାମତି କରିବା ପାଇଁ ଅଧିକ ସମୟ ଲାଗିବ ବୋଲି ସୂଚନା ଦେଇଛନ୍ତି।

## ଗ୍ରାମ ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଆସିକା (ମହାଭାରତ): ଆସିକା ବ୍ଲକ କୋଟିନାଡ଼ା ଥାନା ଅନ୍ତର୍ଗତ ଖରିଆ ଗ୍ରାମ ପୋଖରୀ ରେ ବୁଡି ଜଣେ ବୃଦ୍ଧାଙ୍କ ମୃତ ବରଣ କରିଛି । ଏନେଇ ପରିବାର ପକ୍ଷରୁ ଥାନାରେ ଏକ ଲିଖିତ ଅଭିଯୋଗ ପରେ କୋଟିନଡ଼ା ଥାନା ପକ୍ଷରୁ ଥାନା କେସ ନମ୍ବର ୭/୨୪ ପ୍ରକାରେ ଏକ ଅପମୃତ୍ୟୁ ମାମଲା ପୋଲିସ ରୁଜୁ କରିଛି । ପ୍ରକାଶ ଥାଉକି ଆଜି ସକାଳ ସମୟରେ ଖରିଆ ଗ୍ରାମର ରାମ ପ୍ରଧାନ (୬୦) ନିଜ ବିଲରୁ କାମ କରି ଗ୍ରାମରେ ଥିବା ମଝି ବନ୍ଧ ରେ ଗାଧୋଇବା ସମୟରେ ଗୋଡ଼ ଖସି ପୋଖରୀ ରେ ବୁଡ଼ି ଯାଇଥିଲା । କିଛି ସମୟ ପରେ ଗ୍ରାମ ବାସୀ ଜଣେ ଲୋକ ଭାସୁଥିବା ଦେଖି ସଙ୍ଗେ ସଙ୍ଗେ ପୋଖରୀରୁ ରାମ ଙ୍କୁ ଉଦ୍ଧାର କରି ୧୦୮ ଯୋଗେ ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ଚିକିତ୍ସା ପାଇଁ ଆଣିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ । ଖବର ପାଇ କୋଟିନଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଆସିକା ମେଡିକାଲ ରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନର କରାଯାଇଛି ।

## ଜିଲ୍ଲାପାଳଙ୍କ ଜିଲ୍ଲା ସଂସ୍କୃତି ଭବନ ପରିଦର୍ଶନ



ରାୟଗଡ:(ମହାଭାରତ): ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ, ଜିଲ୍ଲା ସଂସ୍କୃତି ଭବନ ପରିଦର୍ଶନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ନିମନ୍ତେ ନୂତନ କୋଠା ନିର୍ମାଣ ନିମନ୍ତେ ସଠିକ ସ୍ଥାନ ନିରୂପଣ ଉପରେ ଅନୁଧ୍ୟାନ କରଥିଲେ । ନୂତନ କଥାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ,ସୂଚନା କେନ୍ଦ୍ର ଓ ପାଠାଗାର,ଦୃଶ୍ୟ ଶ୍ରାବ୍ୟ ଭଣ୍ଡାର ଗୃହ, ପ୍ରେସ ଲାଉଞ୍ଜ ପାଇଁ ବ୍ୟବସ୍ଥା କରାଯିବ । ଜିଲ୍ଲା ସାଂସ୍କୃତିକ ଭବନ ଭିତରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଜିଲ୍ଲାସଂସ୍କୃତି କାର୍ଯ୍ୟାଳୟ, ଜିଲ୍ଲାପାଠାଗାର ଓ ମ୍ୟୁଜିମ ରଥିବା ଦେଖିଲେ । ଜିଲ୍ଲାସଂସ୍କୃତି ଭବନରେ ପାଠାଗାର କାର୍ଯ୍ୟକାରୀ ହେଉଥିବାରୁ ଓ ପାଠକ ମାନଙ୍କ ନିମନ୍ତେ ସୁସ୍ଥ ପରିବେଶ ଆବଶ୍ୟକ ହେଉଥୁବାରୁ ପୂର୍ବତନ ଜିଲ୍ଲାପାଳ ଜିଲ୍ଲାସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ପ୍ରେସ୍ ଲାଉଞ୍ଜ ପରିଚଳନା ନିମନ୍ତେ ଜିଲ୍ଲାସଂସ୍କୃତି ଭବନ ପଛପଟେ ଥିବା ଖାଲି ଜାଗାକୁ ଲୋକସମ୍ପର୍କ ବିଭାଗକୁ ଅକ୍ଷବଣ୍ଟିତ କରିଥିଲେ । ଏହି ସ୍ଥାନରେ ନିର୍ମାଣ ନିମନ୍ତେ ବଜେଟ ଅଟକଳ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ପଠାଇବା ପୂର୍ବରୁ ବର୍ତ୍ତମାନ ଜିଲ୍ଲାପାଳ ଶ୍ରୀମତୀ ପଟାଓ୍ୱରୀ ବିସ୍ତୃତ ଭାବରେ ଅନୁଧ୍ୟାନ କରିଥିଲେ ଓ କୋଠାବାଡି ବିଭକ୍ଷଗର ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ ।ଆଜି ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଜିଲ୍ଲା ସୂଚନା ଓ ଲାକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲାସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ରାସ୍ତା ଓ କୋଠାବାଡି ନିର୍ମାଣ ବିଭାଗର ଏସଡ଼ିଓ, କନିଷ୍ଠ ଯନ୍ତ୍ରୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ସଂସ୍କୃତିକ ବିଭାଗର ସମସ୍ତ କର୍ମଚାରୀ,କିଛି ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,(ମହାଭାରତ): ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ବଣଁରପାଳ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୧୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୧୬ଟି ବ୍ୟକ୍ତିଗତ ଓ ୧୧ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ରେଡକ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ୧୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରଣୋନ୍ଦୁ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଶ୍ରୀ ଅନିଲ କୁମାର ବେଉରିଆ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଦ୍ମନାଭ ସାମନ୍ତରାୟ, ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସୁସ୍ମିତା ସାହୁ, ବଣଁରପାଳ ତହସିଲଦାର ଶ୍ରୀ ରବିନାରାୟଣ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଉପଜିଲ୍ଲାପାଳଙ୍କ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ପରିଦର୍ଶନ



ଗଜପତି(ମହାଭାରତ): ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ନିର୍ଦ୍ଦେଶ କ୍ରମେ ଆଜି ଉପଜିଲ୍ଲାପାଳ ଅନୁପ ପଣ୍ଡା ନୂଆଗଡ ବ୍ଲକ୍ ର ଏନ୍.ଝାଲାରସିଂ, କିରାମା ଓ ଅନୁଗୁର ସମେତ ଅନ୍ୟ ଜନ ସେବା କେନ୍ଦ୍ର ଏବଂ ମୋ ସେବା କେନ୍ଦ୍ରକୁ ଅଚନକ ପରିଦର୍ଶନ କରିଥିଲେ ।ସୁଭଦ୍ରା ଯୋଜନାର ଆବେଦନ ଫର୍ମର ସ୍ଥିତି ଅନୁଧ୍ୟାନ କରିବା ଏବଂ ଜନସାଧାରଣଙ୍କୁ ସାମଗ୍ରିକ ସେବା ପ୍ରଦାନ କରିବା ପାଇଁ ସମସ୍ତ ଜନସେବା କେନ୍ଦ୍ରର ପରିଚଳକ ମାନଙ୍କୁ ଅନୁରୋଧ କରିଥିଲେ । ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ବ୍ୟକ୍ତି ଗତ ଭାବେ କେନ୍ଦ୍ରଗୁଡ଼ିକରେ ଉପସ୍ଥିତ ହିତାଧିକାରୀଙ୍କ ସହ ଆଲୋଚନା କରି ଆବେଦନ ପ୍ରକ୍ରିୟା ଏବଂ ପ୍ରଦାନ କରାଯାଉଥିବା ସେବା ସମ୍ପର୍କରେ ପ୍ରତ୍ୟକ୍ଷ ହିତାଧିକାରୀଙ୍କ ସହିତ ଆଲେଚନା କରିଥିଲେ । ସୁଭଦ୍ରା ଯୋଜନାର ସଫଳ ରୂପାୟନ ରେ ସେମାନଙ୍କର ଭୂମିକାର ଗୁରୁତ୍ୱ ଉପରେ କେନ୍ଦ୍ର ପରିଚାଳକମାନଙ୍କୁ ଉପଜିଲ୍ଲାପାଳ ବୁଝାଇ ଥିଲେ ଓ ଆବଶ୍ୟକ ଦସ୍ତାବିଜ ଉପରେ ଆବେଦନକାରୀଙ୍କୁ ସ୍ୱଷ୍ଟ ମାର୍ଗଦର୍ଶନ, ସଠିକ ସମୟରେ ପ୍ରକ୍ରିୟା କରଣ ଏବଂ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖି କେନ୍ଦ୍ର ଗୁଡ଼ିକୁ ଆସୁଥିବା ହିତାଧିକାରୀମାନେ ଯେମିତି ସଠିକ ଭାବେ ସୁଭଦ୍ରା ପୋର୍ଟାଲ ରେ ପଞ୍ଜିକରଣ କରିବେ ସେଥି ପ୍ରତି ଧ୍ୟାନ ଦେବା ପାଇଁ କେନ୍ଦ୍ରର କର୍ମଚାରୀମାନଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଯଦି କୌଣସି ଜନ ସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର କାର୍ଯ୍ୟରେ ଅବହେଳା କିମ୍ବା ଅନିୟମିତତା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

## ମା ମର୍କମା +୩ ମହାବିଦ୍ୟାଳୟରେ ବାୟୁସେନା ପକ୍ଷରୁ ନିଯୁକ୍ତି ଭିତିକ ପରାମର୍ଶ କାର୍ଯ୍ୟକ୍ରମ

ବିଷମ କଟକ(ମହାଭାରତ) ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ମା ମାର୍କମା +୩ ମହାବିଦ୍ୟାଳୟରେ ଆଜି ଭାରତୀୟ ବାୟୁସେନା ପକ୍ଷରୁ ନିଯୁକ୍ତି ଭିତିକ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟ ର ଅଧକ୍ଷ ଡକ୍ଟର ଅଶ୍ୱିନି କୁମାର ପଣ୍ଡା ଙ୍କ ପରୋହିତ୍ୟ ରେ ଆରମ୍ଭ ହୋଇଥିଲା । ଭୁବନେଶ୍ୱର ବାୟୁସେନା ର ପଦାଧିକାରୀ କମାଣ୍ଡେଡ ଅଫିସର ରାଜଲକ୍ଷ୍ମୀ ପୃଥିରାଜ,ବାୟୁସେନା ଅଫିସର ବିପିନ୍ କୁମାର ସାହୁ ଓ ଜିଲ୍ଲା କୌଶଳ ବିକାସ ଓ ନିଯୁକ୍ତି ଅଫିସର ତପସ୍ୱିନି ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ବାୟୁସେନା ରେ ଯୋଗଦେବା ନିମନ୍ତେ ଯେଉଁସବୁ ପରୀକ୍ଷା ନିରୀକ୍ଷା ର ସମ୍ମୁଖୀନ ହେବାକୁ ହୁଏ ସେ ସଂପର୍କରେ ସର୍ବିଶେଷ ତଥ୍ୟ ପ୍ରଦାନ କରିବା ପରେ ଦ୍ ସମ୍ପର୍କ ରେ ପ୍ରଶ୍ନପଚାରି ଜଗ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ ।

## କିଡନୀ ରୋଗରେ ଆକ୍ରାନ୍ତ କୃଷ୍ଣକୁ ସହାୟତାର ହାତ ବଢ଼ାଇଲା ଓଡ଼ିଶା ସଙ୍ଗଠନ

ହିଞ୍ଜିଳିକାଟୁ: (ମହାଭାରତ)ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ଦୁର୍ବନ୍ଧ ଗ୍ରାମ ପଂଚାୟତରେ ଏକ ଦୁଃଖ ଭରା କରୁଣ କାହାଣୀ ସାମ୍ନାକୁ ଆସିଛି ।ଜନ୍ମ କଲା ମା'ର ଆଶା ଥିଲା ପୁଅ ବଡ଼ ହେବ ନିଜ ଗୋଡ଼ରେ ନିଜେ ଠିଆ ହେବ ।କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲାୟ ଯେଉଁ ଆଶା ନେଇ ମାଆ ସପନ ଦେଖିଥିଲା ସେ ସ୍ୱପ୍ନ ଆଜି ଧୂଳିସାତ ହୋଇ ଯାଇଛି । ସାହାରା ଦେବା ରୋଜଗାରିଆ ପୁଅ ରୋଗରେ ପଡି ନିଜେ ସହାୟତା ମାଗୁଛି । ମିଳିଥିବା ସୂଚନା ଅନୁଯାୟୀ କିଛି ଦିନ ତଳେ ପୁଅର କିଡ୍ନୀ ଦୁଇଟି ଖରାପ ହୋଇଥିବା ଡାକ୍ତର କହିଥିଲେ ।ଚିକିତ୍ସା ପାଇଁ ଜନ୍ମ କଲା ମା ଏକ କିଡ୍ନୀ ପୁଅକୁ ଦେଇ ନିଜେ ରୋଗାକ୍ରାନ୍ତ ହୋଇପଡିଛନ୍ତି ।ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର ଦୁର୍ବନ୍ଧ ଗ୍ରାମ ବେଲପଡା ସାହିର ସ୍ୱର୍ଗତ ଲୋକନାଥ ସାହୁଙ୍କ ୨୪ ବର୍ଷୀୟ ପୁଅ କୃଷ୍ଣଚନ୍ଦ୍ର ସାହୁଙ୍କ କ୍ଷେତ୍ରରେ । ବାପଛେଉଣ୍ଡ ପୁଅ, ମା ର ଦୁଃଖ ବୁଝିବା ପରିବର୍ତ୍ତେ ସେ ଏବେ କିଡ୍ନୀ ରୋଗରେ ରୋଗାକ୍ରାନ୍ତ ।ସେ ଦୁଇ ମାସ ହେବ ଭୁବନେଶ୍ୱର ସ୍ଥିତ ଆମ୍ରୀ ହସ୍ପିଟାଲ ରେ ଚିକିତ୍ସିତ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ୧୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣିଯଏବେ ଉଭୟ ମାଆ ପୁଅ ଭୁବନେଶ୍ୱର ସ୍ଥିତ ଆମ୍ରୀ ମେଡ଼ିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଉଛନ୍ତି । କିନ୍ତୁ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ । ଡକ୍ଟର ଙ୍କ କହିବା ମୁତାବକ ପ୍ରାୟ ୬ଲକ୍ଷ ଟଙ୍କା ଦରକାର ।ଏହା ଶୁଣି ପରିବାର ଲୋକ ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ।ଏହି ଖବର



ବିପଦର ବନ୍ଧୁ ସଙ୍ଗଠନ ପାଖରେ ପହଞ୍ଚିବା ପରେ ବିପଦର ବନ୍ଧୁ ସଙ୍ଗଠନ ର ସଦସ୍ୟ ମାନେ ତାଙ୍କ ଘରେ ପହଞ୍ଚି ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆଜି ତାଙ୍କ ଘରେ ବିପଦର ବନ୍ଧୁ ଓଡ଼ିଶା ସଂଗଠନର ପ୍ରତିଷ୍ଠାତା ଜି.ଶିବରାମ ପାତ୍ର,ସମ୍ପାଦକ କୃଷ୍ଣଚନ୍ଦ୍ର ସୁଆଁସିଆ,ନୀଳାଞ୍ଚଳ ମୁନି,ସୁଶାନ୍ତ ସିଅ,କାହ୍ନା ସାହୁ,ସନ୍ତୋଷ ମହାନ୍ତି ଏବଂ ହିଞ୍ଜିଳିକାଟୁ ବ୍ଲକ ମୁଖ୍ୟ ନୀଳ ଭଉଳ ଙ୍କ ଉପସ୍ଥିତିରେ କୃଷ୍ଣଙ୍କ ଆଇଙ୍କୁ ୪୧,୦୦୦ ସହାୟତା ରାଶିକୁ ପ୍ରଦାନ କରିଥିଲେ । ସଂଗଠନର ଏଇଭଳି କାର୍ଯ୍ୟକୁ ଗ୍ରାମବାସୀ ଉଚ୍ଚ ପ୍ରଶଂସା କରିବା ସହ କୃଷ୍ଣର ଆଶୁ ଆରୋଗ୍ୟ ପାଇଁ ଚିନ୍ତା ପ୍ରକଟ କରିଥିବା ଦେଖିବାକୁ ମିଳିଛି ।

## ପ୍ରଶାସନର ଲୋକଦେଖାଣିଆ ଗଣେଶ ପୂଜା ପ୍ରସ୍ତୁତି ବୈଠକ



ଗଜପତି(ମହାଭାରତ):ଗଣେଶ ପୂଜା ପାଇଁ ଥରେ କି ଦୁଇ ଥର ନୁହଁ ଚାରି ଥର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ହେଲେ କାର୍ଯ୍ୟକାରୀ ଘର ଶୂନ ଓ ଜଟଣୀର ସାଧାରଣ ଜନତାମାନେ ଏବେ ଠିକ୍ ରେ ଜାଣି ସାରିଲାଣି ପ୍ରଶାସନ ପ୍ରସ୍ତୁତି ବୈଠକ କେବଳ ଲୋକ ଦେଖାଣିଆ ବୋଲି ଓ ବୈଠକ ବେଳେ ସବୁ ସମସ୍ୟା ର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସବୁ ବିଭାଗର ଅଧିକାରୀ ମାନେ ଓ ହେଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଭିଉ ପୂଜା ମଣ୍ଡପରେ ପୂଜା କରାଯାଉଛି । ସତ ଯଦି ଲୋକ ମାନେ ଦେଖିବାକୁ ନ ଆସିବେ ଆମେ କଣ ପାଇଁ ପୂଜା କରିବୁ ବୋଲି ପ୍ରଶ୍ନ କରିଛନ୍ତି ବଜାର କମିଟି ର ସଭାପତି ଆଉ ସଦସ୍ୟ ମାନେ ଓ କେବେଳ ଗଣେଶ ପୂଜା ଆସିଲେ ବାରମ୍ବାର ଲୋକ ଦେଖାଣିଆ ବୈଠକ କରି ବରା, ସିଙ୍ଗଡା ପ୍ୟାକେଟ୍ ଦେଇ ସବୁ କରିଦବୁ ବୋଲି ମିଛ ପ୍ରତିଶୃତି ଦେଇ ଲୋକ ମାନଙ୍କୁ ହଇରାଣ ହରକତ କରିବା ଛଡା ଏହା ପ୍ରଶାସନର ନିତିଦିନିଆ ଘଟଣା ବୋଲି ବ୍ୟାବସାୟୀ ମାନେ କହିଛନ୍ତି । ଅନ୍ୟ ପଟେ ବ୍ୟାବସାୟୀ ମହାସଂଘ ବଜାର ସମସ୍ୟା ଦିଗ ରେ ଧ୍ୟାନ ନ ଦେଇ ବୈଠକରେ ମଟନ୍ ଭାତ କରିବାରେ ବ୍ୟସ୍ତ ବୋଲି ବଜାର ର କିଛି ସଭାପତି ମାନେ ମତ ଦେଇଛନ୍ତି ।ମୁଖ୍ୟତଃ ବଡ଼ ବଜାର, ଗୋଲେଇ ମାର୍କେଟ୍, ରାଜା ବଜାର, କୁଦିଆରୀ ବଜାର, ପୋଷ୍ଟ ଅଫିସ ଛକ, ମାଛ ମାର୍କେଟରେ ରାସ୍ତା ର ସମସ୍ୟା ଯୋଗୁଁ ଲୋକ ମାନେ ସେଠାକୁ ଗଣେଶ ଦେଖିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି ଓ ରାସ୍ତା ରେ ବଡ଼ ବଡ଼ ଖାଲକୁ ତା ସହିତ ପାଣି ଆଉ କାଦୁଅ ରହୁଛି ଯିଏ ଥରେ ଯିବ ସେ ଜାଗା କୁ ଆଉ ଥରେ ଯିବାକୁ ମଙ୍ଗୁନି ବୋଲି ବ୍ୟାବସାୟୀ ମାନେ କହୁଛନ୍ତି । ଏଭଳି ଯୁଦ୍ଧ କାଳୀନ ଭିତ୍ତିରେ ଏହି ସମସ୍ୟା ର ତୁରନ୍ତ ସମାଧାନ କରିବା ପାଇଁ ପ୍ରଶାସନ କୁ ଅନୁରୋଧ କରିଛନ୍ତି ।

## ମୁଣ୍ଡା ଗାଁର ସୁଶାନ୍ତ ଠାକୁର ଟାଙ୍ଗି ରେ ଆକ୍ରମଣ ଘଟଣା ତିନି ଅଭିଯୁକ୍ତ କୋର୍ଟ ଚାଲାଣ

କଳାହାଣ୍ଡି(ମହାଭାରତ):ଇଭମଷକ୍ଷ୍କ୍ଵ - ମଙ୍ଗଳବାର ସକାଳ ୭ ଘଣ୍ଟା ସମୟରେ ନର୍ଲା ଥାନା ଅନ୍ତର୍ଗତ ମୁଣ୍ଡା ଗାଆଁ ର ସୁଶାନ୍ତ ଠାକୁର ୪୦ ବର୍ଷୀୟ ଯୁବକ ନିକଟସ୍ତ ଦୋକାନକୁ ସାମଗ୍ରୀ କିଣିବା ପାଇଁ ଯାଉଥିବା ବେଳେ କୌଣସି କଥା କୁ ନେଇ ଚୈତନ୍ୟ ପାତ୍ର ,ଯୁବରାଜ ପାତ୍ର ଅନିଲ ପାତ୍ର, ଧନୁ ପାତ୍ର ଙ୍କ ସହିତ ଯୁକ୍ତିତର୍କ ହୋଇଥଲା । ଏଥିରେ ଉତ୍ୟକ୍ତ ହୋଇ ଚୈତନ୍ୟ ପାତ୍ର ଏକ ଟାଙ୍ଗୀ ସାହାଯ୍ୟରେ ଆକ୍ରମଣ କରିଥିଲେ । ଆକ୍ରମଣ ରେ ଶୁଶାନ୍ତ ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଘଟଣା ସ୍ଥଳରୁ ଚାରିଜଣ ବ୍ୟକ୍ତି ଫେରାର ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଶୁଶାନ୍ତ କୁ ଉଦ୍ଧାର କରି ନର୍ଲା ମେଡ଼ିକାଲ୍ କୁ ଆଣି ପ୍ରାଥମିକ ଚିକିତ୍ସା କରିବା ପରେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ସ୍ଥିତ ମେଡ଼ିକାଲ କୁ ପଠାଇ ଦିଆଯାଇଥିଲା ।ଏ ନେଇ ଶୁଶାନ୍ତ ଙ୍କ ଭାଇ ମଙ୍ଗବାର ରାତ୍ର ଆଠ ଘଣ୍ଟା ସମୟରେ ଥାନାକୁ ଆସି ଚାରିଜଣ ଙ୍କ ନାମରେ ଅଭିଯୋଗ କରୁଥିଲା ଅଭିଯୋଗ ପାଇ ନର୍ଲା ପୋଲିସ ଚୈତନ୍ୟ ପାତ୍ର ୬୪ ପିତା -ରାମ ସିଂ ପାତ୍ର, ଧନୁ ପାତ୍ର ୪୦, ଅନିଲ ପାତ୍ର ୨୧ ପିତା ଚୈତନ୍ୟ ପାତ୍ର ମୁଣ୍ଡା ଗାଁ ରୁ ତିନି ଅଭିଯୁକ୍ତ ଙ୍କୁ ଗିରଫ କରି ଥାନାରେ ଅଟକ ରଖିଥିଲା ବୁଧବାର କେଶ୍ ନମ୍ବର -୨୧୦/ ୧୦/୦୯/୨୦୨୪ ୧୧୫(୨)୧୦୯(୨)୩(୫) (ବି ଏନ୍ ଏସ୍)ମାମଲାରେ ଏକ ମାମଲା ରୁଜୁ କରି ଆଜି ଅପରାହ୍ନ ଦୁଇ ଘଣ୍ଟା ସମୟରେ ତିନି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ସଡକ ସୁରକ୍ଷା କମିଟି ବୈଠକ

ଅନୁଗୋଳ ,(ମହାଭାରତ):ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଅଗଷ୍ଟ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥୁବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥୁଲା ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଅଗଷ୍ଟ ମାସରେ ଜିଲ୍ଲାରେ ମୋଟ୍ ୨୬ଟି ଦୁର୍ଘଟଣା ଘଟିଥିବା ବେଳେ ୧୫ ଜଣଙ୍କର ମୃତ୍ୟୁ ଘଟିଛି । ୦୮ ଜଣ ଗୁରୁତର ଆହତ ୦୩ ଜଣ ସାମାନ୍ୟ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ମଧ୍ୟରୁ ଗତ ମାସରେ ୧୫ଟି ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଛି । ଗତ ମାସରେ ୮୫୫ ଜଣ ବିନା ହେଲମେଟ୍, ୫୭ ଜଣ ବିନା ସିଟବେଲ୍ଟ ଓ ୯୧୩ ଜଣଙ୍କ ଠାରୁ ଦ୍ରୁତ ଗାଡି ଚାଳନା ପାଇଁ ଜୋରିମନା ଆଦାୟ କରାଯାଇଥିବା ବେଳେ ୨୬୭ ଜଣଙ୍କର ଲାଇସେନ୍ସ ନିଲମ୍ବନ କରାଯାଇଥୁଲା, ୪୬ ଜଣ ମଦ୍ୟପାନ କରି ଗାଡିଚାଳନା ଓ ୪୬ଟି ଗାଡି ଜବତ କରାଯାଇଥିଲା । ପୋଲିସ ଓ ପରିବହନ ବିଭାଗର ଅଧୁକାରୀ ମିଳିତ ଚଢାଉ କରି ଯାନବାହାନ, ହେଲମେଟ୍, ସିଟ୍ ବେଲ୍ଟ ଇତ୍ୟାଦିର କଡାକାଡି ଯାଞ୍ଚ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବୈଠକରେ ଅନୁଗୋଳ ବାଇପାସ୍ ରାସ୍ତାର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା । ଉକ୍ତ ରାସ୍ତାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜାତୀୟ ରାଜପଥର ଅଧିକାରୀମାନଂକୁ ଜିଲ୍ଲାପାଳ ନିର୍ଦ୍ଦେଶ



ଦେଇଥିଲେ । ବୈଠକରେ ଜାତୀୟ ରାଜପଥ ୧୪୯ (ତାଳଚେର ଠାରୁ ପାଲଲହଡା) ର ମରାମତି ନିମନ୍ତେ ପରିବହନ ବିଭାଗ ତରଫରୁ ପ୍ରସ୍ତାବ ରଖାଯାଇଥିଲା । ଉକ୍ତ ଜାତୀୟ ରାଜପଥ(ଢେଙ୍କାନାଳ ଶାଖା)ର ଅଧିକାରୀମାନେ ବୈଠକରେ ଯୋଗ ଦେଇ ନ ଥିବାରୁ ଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିବା ସହ ଆସନ୍ତା ବୈଠକରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅନୁଗୋଳ ଆଞ୍ଚଳିକ ପରିବହନ ଅଧୁକାରୀ ଶ୍ରୀ ନିଖୁଲ କୁମାର ପଟ୍ଟନାୟକ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ବୁଜ କୁମାର ଗଡନାୟକ, ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁଶାନ୍ତ କୁମାରଙ୍କ ସମେତ ଜାତୀୟ ରାଜପଥ ଓ ବିଭିତ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଟଣା ପ୍ରେସ କ୍ଲବ ପକ୍ଷ ରୁ ସାମ୍ବାଦିକ ନିରଞ୍ଜନ ନାୟକ ଙ୍କ ବିୟୋଗରେ ଶୋକ

ପାଟଣା-(ମହାଭାରତ) ଜଣେ ସାମ୍ବାଦିକତା କ୍ଷେତ୍ରରେ ସୁପରିଚିତ ବ୍ୟକ୍ତି ବିଶେଷ ନୁହଁନ୍ତି ଏକା ଧାରାରେ ଜଣେ ସଂଗଠକ ସମ୍ପାଦକ ଭାବେ ଉଭୟ ସାହିତ୍ୟ,କବି ନିରଞ୍ଜନ ନାୟକ(୬୫)ଙ୍କ ଅକାଳ ବିୟୋଗ ରେ ପାଟଣା ପ୍ରେସ କ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଏଭଳି ଅସମୟରେ ଈଶ୍ୱର ତାଙ୍କର ପରିବାର କୁ ସହାୟ ହୁଅନ୍ତୁ ବୋଲି ପ୍ରାର୍ଥନା କରାଯାଇଛି ।ଅତୀତରେ ଉଚ୍ଚ କୋଟିର ସାହିତ୍ୟ ପତ୍ରିକା ଶାଳନ୍ଦୀ ଓ ନବେଦଶକରୁ କେନ୍ଦୁଝର ଟାଇମସ କୁ ବଞ୍ଚାଇ ରଖି ଆସିଥିବା ଶ୍ରୀ ନାଏକ ଙ୍କ ଅକାଳ ବିୟୋଗ ଜିଲ୍ଲା ପାଇଁ ଅପୁରଣୀୟ କ୍ଷତି ହେଲା ବୋଲି କ୍ଲବ ତରଫରୁ ଶୋକ ପ୍ରକାଶ କରାଯାଇଛି ।କ୍ଲବର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ,ସଭାପତି କିଶୋର ଚନ୍ଦ୍ର ମହାନ୍ତ,ସମ୍ପାଦକ ବିଜୟରତ୍ନ ପତି, ଅଭିମନ୍ୟୁ ରାଉତ, ଉପସଭାପତି ଅଞ୍ଜନ କୁମାର ରଣା ପ୍ରମୁଖ ଶ୍ରୀ ନାୟକ ଙ୍କ ବିୟୋଗ ମର୍ମାହତ ବୋଲି କହିଛନ୍ତି ।

## ଦେବଗଡ ଜିଲ୍ଲାପାଳ ଙ୍କ ଜନ ଶୁଣାଣିୟ

ଦେବଗଡ଼ (ମହାଭାରତ): ମଙ୍ଗଳବାର, ବାରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୨୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୯ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି ଯ ବିଶେଷ କରି୦.୦୪ ଜମିର ପଟ୍ଟା,ଗ୍ରାମ କୁ କଂକ୍ରିଟ ରାସ୍ତା, ନୂତନ ରାସନ୍ କାର୍ଡ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଯୁବତୀଙ୍କୁ ବିବାହ ପ୍ରଲୋଭନ:ଗଣ ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ ଆଣିଲେ ପରିବାର,ସ୍ୱାମୀ ଗିରଫ

କେନ୍ଦ୍ରାପଡା(ନିପ୍ର): ଦଳିତ ଯୁବତୀଙ୍କୁ ପ୍ରେମ କରି ଫସାଇ ଅପହରଣ ପରେ ନୋଟାରୀ ବିବାହ କରାଯାଇଥିଲା । ମାତ୍ର ଜାତିଗତ ବିଭେଦତା ପାଇଁ ପରିବାର ଲୋକ ଗ୍ରହଣ କରିନଥିଲେ । ପରେ ଯୁବତୀଙ୍କୁ ପ୍ରେମିକର ସାଥି ଓ ଭାଇ ମିଶି ଗଣ ଦୁର୍ଷ୍କମ କରି ମାରିଦେଇଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଛି । ଏପରି ଏକ ଘଟଣା କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଥାନା ଓଲ୍ତି ଗ୍ରାମରେ ଘଟି ଯାଇଛି । ଘଟଣାର ପ୍ରକାଶ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଧିନ ଦେଉଳି ଗ୍ରାମର ବିଲୋଦ ମଲ୍ଲିକ ଙ୍କ ଝିଅ ରଶ୍ମିତା ମଲ୍ଲିକ ବିଏସି ନରସିଙ୍ଗ ପରେ ସେହି ଅ□ଳରେ ଏକ ଫାଥୋ ଲ୍ୟାବରେ କାମ କରୁଥିଲା । ଡେରାବିଶ ଥାନା ଓଲ୍ତି ଗ୍ରାମର ରାଜ କିଶୋର ବେହେରାଙ୍କ ପୁଅ ଶମ୍ଭୁନାଥ ବେହେରା ତାକୁ ପ୍ରେମ ଜାଲରେ ଫସାଇ ଥିଲେ । ଗତ ଜୁନ୍ ମାସ୧୪ ତାରିଖ ପ୍ରଥମ ରଜ ଦିନ ରଶ୍ମିତାକୁ ଧର୍ମଶାଳା ଅଞ୍ଚଳରୁ ଅପହରଣ କରିଆଣି ଜୋର ଜବରଦସ୍ତ ଶାରିରୀକ ସମ୍ପର୍କ ରଖିବା ସହ ନୋଟାରୀରେ ଜାଲିଆତି କରି ବିବାହ କରିଥିଲା । ମାତ୍ର ରଶ୍ମିତା ଭିନ୍ନ ଜାତି ଦଳିତ ସମ୍ପ୍ରଦାୟର ହୋଇଥିବାରୁ ଉଭୟଙ୍କୁ ରାଜ କିଶୋର ବେହେରା ଓ ତାର ବାଡ ପୁଅ ଭ୍ରମରବର ବେହେରା ୩ ପୁଅ, ଝିଅ, ବୋହୂ ଓ ସ୍ତ୍ରୀ ମିଶି ମାରଧର କରି ଘରେ ପୁରାଇ ଦେଇନଥିଲେ । ଉଭୟ ସେହି କୁମ୍ଭାର ସାହିରେ ଘରଭଡା ନେଇ ସାନ ଭାଇ ବାବୁ ବେହେରା ସହ ରହୁଥିଲେ । ଏହାର ସୁଯୋଗ ନେଇ ବାବୁ ବେହେରା ମଧ ଶାରିରୀକ ସମ୍ପର୍କ ରଖିବାକୁ ବାଧକରି ମାଡ ମାରେ । ପୁଅ ଘର ପରିବାର ଲୋକ ଧମକ ଦେଇ ୨ଲକ୍ଷ ଟଙ୍କା ଆଣିଲେ ତୁମେ ଦୁଇଜଣ ଘରଭଡା ଦେଇ ସେଇଠି ରହିବ ନହେଲେ ତତେ ବିଦା କରିବୁ କିମ୍ବା ମାରିଦେବୁ ବୋଲି ହତ୍ୟା ଧମକ ସହ ଭୟଭିତ କରାଇ ମାନସିକ ଓ ଶାରିରିକ ଆଘାତ ଦେଉଥିଲେ । ଯାହାକି ଅଗଷ୍ଟ ୮ ତାରିଖରେ ରଶ୍ମିତା ଠାରୁ ନିର୍ଯ୍ୟାତନାର ଖବର ପାଇ ବିନୋଦର ବୋହୂ ଓ



ସାନ ଝିଅ ବୁଝାସୁଝା କରିବାକୁ ଯାଇଥିବା ବେଳେ ତାଙ୍କୁ ମଧ ନିର୍ଯ୍ୟାତନା ଦେଇଥିଲେ ଓ ଏ ସମସ୍ତ କଥା ରଶ୍ମିତା କହିଥିଲା । ଗତକାଲି ଅପରାହ୍ନ ୮ଟା ୪୩ ମିନିଟ୍ରେ ଶମ୍ଭୁନାଥ ରଶ୍ମିତା ମରିଯାଇଛି ବୋଲି ଫୋନ୍ କରି କହିଥିଲା । ମାତ୍ର ରଶ୍ମିତାର ଶରୀରରେ, ମୁହଁରେ ବହୁ କ୍ଷତ ଓ ରକ୍ତ ଶ୍ରାବ ହୋଇଥିବାରୁ ଏହା ଏକ ଗଣ ଦୁଷ୍କର୍ମ ଓ ହତ୍ୟା ବୋଲି ରଶ୍ମିତାର ବାପା ବିନୋଦ ମଲ୍ଲିକ ଓ ଭଉଣୀ ସସ୍ମିତା ମଲ୍ଲିକ ଅଭିଯୋଗରେ ଦର୍ଶା।ଇଛନ୍ତି । ଏନେଇ ଡେରାବିଶ ଥାନାରେ ଏତଲା ଦେବାପରେ ଶମ୍ଭୁନାଥ କୁ ପୁଲିସ ଅଟକ ରଖିବା ପରେ ଗିରଫ କରିଛି । କଟକର ସାଇଣ୍ଟିଫିକ ଟିମ୍ ତଦନ୍ତ କରିଥିବା ବେଳେ ଏସ୍ଡିପିଓ ଦେବେନ୍ଦ୍ର ମଲ୍ଲିକ ତଦନ୍ତ କରି ଶବ ବ୍ୟବଛେଦ କରିଛନ୍ତି ।

## ଗଣେଶ ପୂଜା ଉପଲକ୍ଷେ ଯାତ୍ରାପ୍ରେମୀଙ୍କୁ ବଡ ଉପହାର ଦେଲେ ସିଦ୍ଧେଶ୍ୱର କମିଟି

ଜଟଣୀ(ମହାଭାରତ): ଆରମ୍ଭ ହୋଇଯାଇଛି ଓଡିଶା ପ୍ରସିଦ୍ଧ ଗଣେଶ ପୂଜା ଓ ୨୦୦ ରୁ ଉର୍ଦ୍ଧ ପୂଜା ମଣ୍ଡପ ରେ ପୂଜା ପାଉଛନ୍ତି ଅଗ୍ର ପୂଜ୍ୟ ଗଜାନନ ଓଜଟଣୀ ସହର ଏବେ ବେଶ୍ ଚଳ ଚଞ୍ଚଳ ହେବାରେ ଲାଗିଛି । ଗଜାନନ ଙ୍କ ଦର୍ଶନ ପାଇଁ ରାଜ୍ୟ ବାହାରୁ ମଧ୍ୟ ଲୋକ ମାନଙ୍କ ଭିଡ଼ ଦେଖିବାକୁ ମିଳୁଛି । ସନ୍ଧ୍ୟା ହେଲେ ମୀନା ବଜାର ରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି ତେବେ ଗଣେଶ ପୂଜା ମହଲ କୁ ଅଧିକ ଗରମ୍ କରିବା ପାଇଁ ସ୍ଥାନୀୟ ରେଳ ଆରପିଏଫ ବାରାକ୍ ନିକଟରେ ଥିବା ସିଦ୍ଧେଶ୍ୱର ମହାଦେବ ମନ୍ଦିର କମିଟି ପକ୍ଷରୁ ଆଜକୁ ଦୀର୍ଘବର୍ଷ ଧରି ବିଭିନ୍ନ ପ୍ରକାର ସାଂସ୍କୃତିକ। ଜନହିତକର କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ପ୍ରସିଦ୍ଧ ଗଣେଶ ପୂଜା ଉତ୍ସବ ଅବସରରେ କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ସହିତ ଜନସାଧାରଣ ମନୋରଞ୍ଜନ ନିମି□ ଲୋକୋ କଲୋନୀର ପ୍ରବେଶ ପଥ ନିକଟରେ ଅନୁଷ୍ଠିତ ହେଉଛି ଯାତ୍ରା ମାହୋଲ । ଏହି ଯାତ୍ରା ପେଣ୍ଡାଲକୁ ସିଦ୍ଧେଶ୍ୱର କମିଟିର ସମ୍ପାଦକ ଲଲାଟ କିଶୋର ବଳିଆରସିଂହ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଭ୍ୟ ବିଶ୍ୱରଞ୍ଜନ ବଡଜେନା ରିବନଫିତା କାଟି ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦଙ୍କ ପ୍ରତିନିଧି ସତିଶ ଶର୍ମା, ଯୁବ ନେତା ପ୍ରଶାନ୍ତ ବେହେରା, ପରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ଦିରଗୁଡ଼ିକରେ ମହିଳାଙ୍କ ଅସଦାଚରଣ ହେଉଛି

**ନୂଆଦିଲ୍ଲୀ,୧୧।୯(ଏଜେନ୍ସି):** କଂଗ୍ରେସ ମୁଖପାତ୍ର ରିତୁ ଚୌଧୁରୀ ଏକ ବିବାଦୀୟ ବୟାନ ଦେଇ କହିଛନ୍ତି ଯେ ମନ୍ଦିରଗୁଡ଼ିକରେ ମହିଳାଙ୍କୁ ଅସଦାଚରଣ କରାଯାଉଛି। କନଟ ପ୍ଲେସରେ ଅନୁଷ୍ଠିତ ଏକ ଟିଭି ଚ୍ୟାନେଲର କାର୍ଯ୍ୟକ୍ରମରେ ରିତୁ ଚୌଧୁରୀଙ୍କ ବୟାନ ପରେ ବଡ଼ ବିବାଦ ସୃଷ୍ଟି ହୋଇଛି। ଏହି ବୟାନକୁ ବିରୋଧ କରି ଆଙ୍କରଙ୍କୁ କ୍ଷମା ମାଗିବାକୁ କହିବା ସତ୍ତ୍ୱେ ରିତୁ ଚୌଧୁରୀ ନିଜ କଥାରେ ଅଟଳ ରହିଥିଲେ। ଯେତେବେଳେ କୁହାଗଲା ଯେ କଂଗ୍ରେସ ମୁଖପାତ୍ର ବିକ୍ଷିପ୍ତ ଘଟଣାକୁ ଏକ ସାଧାରଣ କଥା ବୋଲି ବର୍ଣ୍ଣନା କରୁଛନ୍ତି, ତଥାପି ସେ ଅଟଳ ରହିଥିଲେ । ଏଭଳି କୌଣସି ଘଟଣାକୁ ଯୁକ୍ତିଯୁକ୍ତ କରାଯାଇପାରିବ ନାହିଁ ବୋଲି ରିତୁ ଚୌଧୁରୀ କହିଛନ୍ତି । ଏହି ବୟାନକୁ ବିରୋଧ କରି ଆଙ୍କରଙ୍କୁ କ୍ଷମା ମାଗିବାକୁ କହିବା ସତ୍ତ୍ୱେ ରିତୁ ଚୌଧୁରୀ ନିଜ କଥାରେ ଅଟଳ ରହିଥିଲେ । ଯେତେବେଳେ



କୁହାଗଲା ଯେ କଂଗ୍ରେସ ମୁଖପାତ୍ର ବିକ୍ଷିପ୍ତ ଘଟଣାକୁ ଏକ ସାଧାରଣ କଥା ବୋଲି ବର୍ଣ୍ଣନା କରୁଛନ୍ତି, ତଥାପି ସେ ଅଟଳ ରହିଥିଲେ। ଆ ଏକ ପ୍ରଶ୍ନର ଉତ୍ତରରେ ରିତୁ ଚୌଧୁରୀ କହିଛନ୍ତି ଯେ ରାହୁଲ ଗାନ୍ଧୀ ଦେଶର ଅର୍ଥନୀତିରେ ଉନ୍ନତି ଆଣିବା କଥା କହୁଛନ୍ତି ଏବଂ ଏ ଦିଗରେ ଚୀନର ଉଦାହରଣ ଦେଇଛନ୍ତି ।ଏହା ବିଜେପିବାସୀଙ୍କ ପାଇଁ ଅନାବଶ୍ୟକ ସମସ୍ୟା ସୃଷ୍ଟି କରୁଛି । ଯେତେବେଳେ କି ବିଜେପି ଏବଂ ଆରଏସଏସର ଲୋକମାନେ ଚୀନଯାଇ ସେଠାରେ କମ୍ୟୁନିଷ୍ଟ ପାର୍ଟିଠାରୁ ରାଜନୀତି ଶିଖନ୍ତି । ରାହୁଲ ଗାନ୍ଧି କହିଥିଲେ ଯେ ଚୀନ୍ ଏହି ସମୟରେ ବିଶ୍ୱରେ ଶିଳ୍ପ ଉତ୍ପାଦନର କେନ୍ଦ୍ର ପାଲଟିଛି ।

# ମମତାଙ୍କ ଉପରେ ବର୍ଷିଲେ ପୀଡ଼ିତାଙ୍କ ମାଆ

**କୋଲକାତା,୧୧।୯(ଏଜେନ୍ସି):** କୋଲକାତାର ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୩୧ ବର୍ଷ ବୟସ୍କା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା ପୂରା ଗରମ ଥିବା ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ଏକ ମନ୍ତବ୍ୟ ଏବେ ନିଆଁରେ ଘିଅ ଢାଳିବା ପରି ହୋଇଛି। ଟ୍ରେନି ଡାକ୍ତରଙ୍କୁ ନ୍ୟାୟ ପାଇଁ ଲଢେଇ କରି ହଜାର ହଜାର ଲୋକ ପ୍ରତିଦିନ ରାଜରାସ୍ତାକୁ ଓହ୍ଲାଉଥିବା ବେଳେ ମମତା ନିକଟରେ ସେସବୁକୁ ଭୁଲି ଆସୁଥିବା ଦୁର୍ଗାପୂଜା ଉପରେ ଧ୍ୟାନ ଦେବାକୁ କହିଛନ୍ତି । ତାଙ୍କର ଏପରି ଏକ ମନ୍ତବ୍ୟ ଏବେ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ଗତକାଲି ଗଣମାଧ୍ୟମକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସର ମୁଖ୍ୟ ମମତା କହିଛନ୍ତି, ଆପଣ ଏପରି ପ୍ରତ୍ୟେକ ରାତିରେ ରାସ୍ତାରେ ବିରୋଧ କରୁଛନ୍ତି, ଏଥିରେ ଅନେକ ବୃଦ୍ଧ ଲୋକ ହଇରାଣ ହେଉଛନ୍ତି ।



ସେମାନେ ରାତିରେ ଶୋଇ ପାରୁନାହାନ୍ତି। ରାତି ୧୦ଟା ପରେ ମାଇକ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଥିବା ସତ୍ତ୍ୱେ ଆପଣ ତାହାକୁ ବ୍ୟବହାର କରି ବୃଦ୍ଧ ଲୋକଙ୍କ ଶୋଇବାରେ ବାଧା ଉପୁଜାଉଛନ୍ତି । ଘଟଣାକୁ ଏକ ମାସ ବିତିଗଲାଣି (ଅଗଷ୍ଟ ୯ ତାରିଖରେ ଘଟିଥିଲା)। ମୁଁ ଆପଣମାନଙ୍କୁ ନିବେଦନ କରୁଛି ଯେ ଏବେ ପୂଜାକୁ ଫେରନ୍ତୁ । ବର୍ତ୍ତମାନ ତଦନ୍ତ ସିବିଆଇ ହାତରେ ଅଛି। ପୀଡ଼ିତାଙ୍କୁ ନିଶ୍ଚୟ ନ୍ୟାୟ ମିଳିବ''। ମମତାଙ୍କ ଏହି ମନ୍ତବ୍ୟ ଉପରେ ପୀଡିତାଙ୍କ ପିତାମାତାଙ୍କଠାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତାଙ୍କ ମାଆ କହିଛନ୍ତି, ''ଆମେ ଯେତେବେଳେ ଆମ ଝିଅକୁ ହରାଇଛୁ ଆମର ପର୍ବପର୍ବାଣୀ କ'ଣ ହେବ? ଆମେ ପର୍ବପର୍ବାଣୀ ଆମ ଝିଅ ସହ ପାଳନ କରୁ । ଆଗାମୀ କୌଣସି ବର୍ଷରେ ଆମ ପାଇଁ କିଛି ପର୍ବ ନାହିଁ । ତାଙ୍କ ମନ୍ତବ୍ୟ ଆଦୌ ବି ସମ୍ବେଦନଶୀଳ ନୁହେଁ ।''

# ଅଶାନ୍ତ ମଣିପୁରରେ ୫ ଦିନ ପାଇଁ ବନ୍ଦ ହେଲା ଇଣ୍ଟରନେଟ୍

**ନୂଆଦିଲ୍ଲୀ,୧୧।୯(ଏଜେନ୍ସି):** ମିସାଇଲ ଓ ଡ୍ରୋନ୍ ଆକ୍ରମଣ ପରେ ଅଶାନ୍ତ ହୋଇପଡ଼ିଥିବା ମଣିପୁର ସ୍ଥିତି ବେକାବୁ ହୋଇଛି । ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଶିକ୍ଷାର୍ଥୀମାନେ ରାସ୍ତାକୁ ଓହ୍ଲାଇଛନ୍ତି । ଏଥିଯୋଗୁ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳିଛି । ଏହାକୁ ଦୃଷ୍ଟିରେ ରଖି ପୂରା ରାଜ୍ୟରେ ଆସନ୍ତା ୫ ଦିନ ପାଇଁ ଇଣ୍ଟରନେଟ ସେବାକୁ ବନ୍ଦ କରି ଦିଆଯାଇଛି । ସେପ୍ଟେମ୍ବର ୧୫ ଯାଏ ଇଣ୍ଟରନେଟ ସଶଟଡାଉନ ବଳବତ୍ତର ରହିବ ବୋଲି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଯଗୃହ ବିଭାଗ କହିଛି ଯେ ମଣିପୁର ସରକାର ସମସ୍ତ ପ୍ରକାରର ଇଣ୍ଟରନେଟ ଓ ମୋବାଇଲ ଡାଟା ସେବାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମଙ୍ଗଳବାର ଦିନ ୩ଟାରୁ କଟକଣା ଲାଗୁ ହୋଇଥିବା ବେଳେ ରବିବାର ଦିନ ୩ଟା ଯାଏ ଏହା ବଳବତ୍ତର ରହିବ। ବର୍ତ୍ତମାନ କିଛି ଅସାମାଜିକ ବ୍ୟକ୍ତି ସୋଶାଲ ମିଡିଆରେ ବିଭିନ୍ନ ପ୍ରକାରର ଛବି, ଘୃଣା ସୃଷ୍ଟିକାରୀ ବୟାନ ଓ ଭିଡିଓ ଶେୟାରି କରି ଲୋକଙ୍କୁ ଉସକାଉଛନ୍ତି । ବିଭାଜନକାରୀ ଓ ଗୁଜବ ମଧ୍ୟ ସୋଶାଲ ମିଡିଆ, ଏସଏମଏସ ଏବଂ ଡଙ୍ଗଲ ସେବାରେ ମଧ୍ୟରେ ଛଡ଼ା ଯାଉଛି । ଏହା ହିଂସା ସୃଷ୍ଟି କରିପାରେ । ଏଥିଯୋଗୁ ଧନଜୀବନ ନଷ୍ଟ ହୋଇପାରିବେ । ସାଂପ୍ରାଦାୟିକ ସଦଭାବନାକୁ କ୍ଷୁର୍ଣ୍ଣ ହେବାର ଆଶଙ୍କା ଥିବାରୁ ଇଣ୍ଟରନେଟ ଉପରେ କଟକଣା ଲଗା ଯାଇଛି । ସେହିପରି ସେପ୍ଟେମ୍ବର ୧୧ ଓ ୧୨ ତାରିଖରେ ସମସ୍ତ ପ୍ରକାରର ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ମଣିପୁରରେ ବନ୍ଦ ରହିବ । ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଲାଗୁ କରାଯାଇଛି । ସୋମବାର ଅନେକ ସ୍କୁଲ ଓ କଲେଜର ଶିକ୍ଷାର୍ଥୀମାନେ ଇମ୍ଫାଲର Khwairamband ମହିଳା ମାର୍କେଟରେ କ୍ୟାମ୍ପ କରିଛନ୍ତି । ନିକଟରେ ହୋଇଥିବା ଡ୍ରୋନ ଓ ମିସାଇଲ ଆଟାକରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠା ପାଇଁ ସେମାନେ ଦାବି କରୁଛନ୍ତି। ସେମାନେ ଆଜି ନିଜ ଦାବି ପୂରଣ ପାଇଁ ବିଟି ରୋଡ ଦେଇ ରାଜ ଭବନ ଅଭିମୁଖେ ଯିବାକୁ ଚେଷ୍ଟା କରିଥିଲେ । ହେଲେ କଂଗ୍ରେସ ଭବନ ନିକଟରେ ସେମାନଙ୍କୁ ସୁରକ୍ଷାକର୍ମୀମାନେ ଅଟକାଇ ଥିଲେ।ଏଥିଯୋଗୁ ସେଠାରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା । ସୁରକ୍ଷାକର୍ମୀଙ୍କ ପକ୍ଷରୁ ଶିକ୍ଷାର୍ଥୀଙ୍କ ଉପରକୁ ଲୁହ ବୁହା ଗ୍ୟାସ ମାଡ଼ କରାଯାଇଛି । ମହିଳାମାନେ ମଧ୍ୟ ସ୍ୱତନ୍ତ୍ର ଭାବେ ମଶାଲ ରାଲି କରି ରାଜଭବନ ଆଡ଼କୁ ଯିବାକୁ ଚେଷ୍ଟା କରିବା ବେଳେ ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ସଂଘର୍ଷ ହୋଇଛି । ମଣିପୁର ଡିଜିପି ଓ ସୁରକ୍ଷା ପରାମର୍ଶଦାତାଙ୍କୁ ହଟାଇବା ପାଇଁ ସେମାନେ ଦାବି କରିଛନ୍ତି ।

# ଆମେରିକାରେ ରାହୁଲ ଗାନ୍ଧିଙ୍କ 'ଶିଖ' ବୟାନକୁ ନେଇ ଘେରିଲା ବିଜେପି

**ନୂଆଦିଲ୍ଲୀ,୧୧।୯(ଏଜେନ୍ସି):** ଆମେରିକାର କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଦେଇଥିବା 'ଶିଖ' ବୟାନକୁ ନେଇ ଚିହିଁକି ଉଠିଛି ବିଜେପି। ରାହୁଲଙ୍କ ବୟାନକୁ ବିଜେପି ସମାଲୋଚନା କରିବା ସହ ବିଦେଶରେ ଥିବା ବେଳେ କଂଗ୍ରେସ ସାଂସଦ ବିପଦଜନକ ପ୍ରସଙ୍ଗର ପ୍ରଚାର କରୁଛନ୍ତି ବୋଲି ଦଳ ଅଭିଯୋଗ କରିଛି। ଗୋଟିଏ ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି ଯେ ଅପ୍ରତ୍ୟାଶିକ ଭାବେ ସେ(ରାହୁଲ ଗାନ୍ଧି) କହିଛନ୍ତି ଭାରତରେ ଶିଖ ସଂପ୍ରଦାୟର ଲୋକ କାଲେ ପଗଡ଼ି ପିନ୍ଧି ପାରିବେ ନାହିଁ ବୋଲି ଚିନ୍ତାରେ ରହୁଛନ୍ତି। କିନ୍ତୁ ମୁଁ ୬୦ ବର୍ଷ ହେଲାଣି ପଗଡ଼ି ପିନ୍ଧି ଚାଲିଛି । ଏହି ସରକାର (ବିଜେପି ସରକାର) ଶିଖ ସଂପ୍ରଦାୟର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ । ମୁଁ ଭାବୁନି ଏହା ଏକ ପ୍ରସଙ୍ଗ । ୧୯୪୭ ପରେ ପ୍ରଥମଥର ପାଇଁ ଏବେ ଶିଖମାନେ ନିଜକୁ ଅଧିକ ସୁରକ୍ଷିତ ମଣୁଛନ୍ତି ଓ ସମ୍ମାନର ଅଧିକାରୀ ହୋଇଛନ୍ତି । ପୂର୍ବରୁ ଇତିହାସରେ କେବେ ବି ଏମିତି ଘଟିଥିଲା



ବୋଲି ମୁଁ ଜାଣିନି । ରାହୁଲ ଗାନ୍ଧିଙ୍କ ପରିବାର ଲୋକ । ମତାରେ ଥିବା ବେଳେ ଆମେ(ଶିଖ) ଚିନ୍ତା କରୁଥିଲୁ । ନିଜକୁ ଅସୁରକ୍ଷିତ ମଣୁଥିଲୁ ଓ ଆମକୁ ଭୟ ମଧ୍ୟ ଲାଗୁଥିଲା ।୧୯୮୪ରେ ଶିଖ ସଂପ୍ରଦାୟ ବିରୋଧରେ ଗୋଟିଏ ଅଭିଯାନ ଆରମ୍ଭ ହୋଇଥିଲା ।୩୦୦୦ ନିରୀହ ଲୋକଙ୍କୁ ହତ୍ୟା କରାଯାଇଥିଲା। ଲୋକଙ୍କୁ ସେମାନଙ୍କ ଘର ଭିତରୁ ଘୋଷାରି ଅଣା ଯାଉଥିଲା ଓ ସେମାନଙ୍କୁ ବାନ୍ଧି ଜୀବନ୍ତ ଜଳାଇ ଦିଆଯାଉଥିଲା। ଏହାପୂର୍ବରୁ ଆମେରିକାର ଭିରଜିନିଆରେ ରାହୁଲ ଗାନ୍ଧି କହିଥିଲେ ଯେ ପ୍ରଥମେ ଆମକୁ ପ୍ରକୃତରେ କ'ଣ ପାଇଁ ଲଢେ ହେଉଛି, ସେକଥା ବୁଝିବାକୁ ପଡ଼ିବ । ଏହା ରାଜନୀତିକ ଲଢେଇ ନୁହେଁ।ଏହା ସୁପରଫିସିଆଲ । ଜଣେ ଶିଖକୁ ଭାରତରେ ପଗଡ଼ି ପିନ୍ଧିବାକୁ ଅନୁମତି ମିଳିବ କି ନାହିଁ? ଜଣେ ଶିଖକୁ ଭାରତରରେ କଡ଼ା ପିନ୍ଧିବାକୁ ଅନୁମତି ମିଳିବ କି ନାହିଁ? ଜଣେ ଶିଖ ହିସାବରେ ଗୁରୁଦ୍ୱାରା ଯାଇ ପାରିବ କି ନାହିଁ, ବର୍ତ୍ତମାନ ସେହି ଲଢେ ଚାଲିଛି । ଏହି ଲଢେଇ କେବଳ ଶିଖମାନଙ୍କ ପାଇଁ ନୁହେଁ, ସବୁ ଧର୍ମାବଲମ୍ବୀଙ୍କ କ୍ଷେତ୍ରରେ ଘଟୁଛି ।

# 'ଋଷ୍-ୟୁକ୍ରେନ୍‌ଙ୍କୁ କଥା ବାର୍ତ୍ତା କରିବାକୁ ହେବ, ଚାହିଁଲେ ଭାରତ ପରାମର୍ଶ ଦେବାକୁ ପ୍ରସ୍ତୁତ'

**ନୂଆଦିଲ୍ଲୀ,୧୧।୯(ଏଜେନ୍ସି):** ଜର୍ମାନୀର ରାଜଧାନୀ ବର୍ଲିନ୍ ଭାରତ ୟୁକ୍ରେନ୍ ରୁଷିଆରୁ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଆଲୋଚନା ପାଇଁ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଙ୍ଗଳବାର ପୁଣି ଥରେ ସମର୍ଥନ କରିଛନ୍ତି । ଏହାର ଗୋଟିଏ ଦିନ ପୂର୍ବରୁ ସେ ସାଉଦି ଆରବ ରାଜଧାନୀରେ ଭାରତ-ଉପସାଗରୀୟ ସହଯୋଗ ପରିଷଦ (ଜିସିସି)ର ବୈଦେଶିକ ମନ୍ତ୍ରୀମାନଙ୍କ ର ଏକ ବୈଠକ ଅବସରରେ ତାଙ୍କ ରୁଷୀୟ ପ୍ରତିପକ୍ଷ ସେର୍ଗେଇ ଲାଭରୋଭଙ୍କ ସହ ଫଳପ୍ରଦ ଆଲୋଚନା କରିଥିଲେ। ଯୁଦ୍ଧ କ୍ଷେତ୍ରରେ ଏହି ବିବାଦର ସମାଧାନ ହେବ ବୋଲି ଆମେ ଦେଖୁନାହୁଁ । କେଉଁଠି ନା କେଉଁଠି କଥାବାର୍ତ୍ତା ହେବ । ଯେତେବେଳେ କଥାବାର୍ତ୍ତା ହୁଏ, ସେହି ବୁଝାମଣାରେ ମୁଖ୍ୟ ପକ୍ଷ



ରୁଷିଆ ଏବଂ ୟୁକ୍ରେନକୁ ସାମିଲ କରିବାକୁ ପଡିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୁଷିଆ ଓ ୟୁକ୍ରେନ ଗସ୍ତ ସମ୍ପର୍କରେ ସେ କହିଛନ୍ତି ଯେ ଭାରତୀୟ ନେତା ଉଭୟ ମସ୍କୋ ଏବଂ କିଭ୍ ରେ କହିଥିଲେ ଯେ ଏହା ଯୁଦ୍ଧର ଯୁଗ ନୁହେଁ । ଆମେ ଭାବୁନାହୁଁ ଯେ ଆପଣ ଯୁଦ୍ଧ କ୍ଷେତ୍ରରେ କୌଣସି ସମାଧାନ ବାହାର କରିବେ । ଆମେ ବିଶ୍ୱାସ କରୁ ଯେ ଆପଣଙ୍କୁ ବୁଝାମଣା କରିବାକୁ ପଡିବ ଯଦି ଆପଣ ପରାମର୍ଶ ଚାହୁଁଛନ୍ତି, ଆମେ ଏହାକୁ ଦେବା ପାଇଁ ସର୍ବଦା ପ୍ରସ୍ତୁତ ଅଛୁ। ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ ଦେଶ ମଧ୍ୟରେ ମତଭେଦ ଅଛି, ପଡ଼ୋଶୀ ଦେଶମଧ୍ୟରେ ମତଭେଦ ରହିଛି, କିନ୍ତୁ ଯୁଦ୍ଧ ହେଉଛି ମତଭେଦ ଦୂର କରିବାର ଉପାୟ ନୁହେଁ । କଥାବାର୍ତ୍ତା ବେଳେ ସେ କହିଛନ୍ତି ଯେ କ୍ୱାଡ୍ ଏକ ସଫଳ ପରୀକ୍ଷଣ । ଭାରତ କ୍ୱାଡର ଏକ ସଦସ୍ୟ ଅଟେ । ଏହା ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ଏକ ରଣନୈତିକ ନିରାପତ୍ତା ଆଲୋଚନା ମଞ୍ଚ (ଗୋଷ୍ଠୀ) । ଚୀନ୍ କ୍ୱାଡକୁ ଏହାର ଉ□ାନକୁ ରୋକିବା ଉଦ୍ଦେଶ୍ୟରେ ଏକ ମେଣ୍ଟ ଭାବରେ ଦେଖୁଛି । ଏହି ସଙ୍ଗଠନର କଡ଼ା ସମାଲୋଚନା କରୁଛି ଚୀନ୍ ।

# ଓକିଲଙ୍କୁ ଉଚ୍ଚ ସ୍ୱରରେ କଥା ନ କହିବାକୁ ତାଗିଦ କଲେ ସିଜେଆଇ

**ନୂଆଦିଲ୍ଲୀ,୧୧।୯(ଏଜେନ୍ସି):** କୋଲକାତା ଦୁଷ୍କର୍ମ ଓ ହତ୍ୟା ଘଟଣାର ଶୁଣାଣି ବେଳେ ଜଣେ ଓକିଲଙ୍କ ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ । ନିକଟରେ ବିଜେପିରେ ମିଶିଥିବା ଓକିଲ ଜଣଙ୍କ ଉଚ୍ଚ ସ୍ୱରରେ ବାରମ୍ବାର ଶୁଣାଣିରେ ହସ୍ତକ୍ଷେପ କରିବାରୁ ତାଙ୍କ ଉପରେ ଚିଡି ଯାଇଛନ୍ତି ଜଷ୍ଟିସ ଚନ୍ଦ୍ରଚୂଡ଼ । ତାଙ୍କୁ ସେ ସ୍ୱର କମ କରିବାକୁ ତାଗିଦ କରିବା ସହ ସେ ବିଚାରପତିଙ୍କୁ ସମ୍ବୋଧନ କରୁଛନ୍ତି ନା କୋର୍ଟ ବାହାରେ ଥିବା ଗ୍ୟାଲେରୀକୁ ସମ୍ବୋଧନ କରୁଛନ୍ତି ବୋଲି ମଧ୍ୟ ଜଷ୍ଟିସ ଚନ୍ଦ୍ରଚୂଡ଼ ଅତ୍ୟନ୍ତ କ୍ଷୁବ୍ଧ ହୋଇ ପ୍ରଶ୍ନ କରିଛନ୍ତି । କୋଲକାତା ହରର ଶୁଣାଣି କରୁଥିବା ୩ ଜଣିଆ ଖଣ୍ଡପୀଠରେ ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ବ୍ୟତୀତ ଜଷ୍ଟିସ ମନୋଜ ମିଶ୍ରା ଓ ଜଷ୍ଟିସ ଜେବି ପାରଡିୱାଲା ମଧ୍ୟ ରହିଛନ୍ତି । ଶୁଣାଣି ଚାଲିଥିବା ବେଳେ ବରିଷ୍ଠ ଆଇନଜୀବୀ କପିଲ ଶିବଲ କହିଥିଲେ ଯେ ଅଗଷ୍ଟ ୯ରେ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଘଟଣା



ବିରୋଧରେ ହେଉଥିବା ବିକ୍ଷୋଭ ଉପରକୁ ଆଇନଜୀବୀ ପଥର ମାଡ଼ କରୁଥିବାର ଫଟୋ ଭିଡିଓ ତାଙ୍କ ପାଖରେ ରହିଛି । ଉକ୍ତ ଆଇନଜୀବୀ ଜଣଙ୍କ ହେଲେ କୌସ୍ତବ ବାଗଚି । ସେ ଜଣେ ବିଜେପି ନେତା। ଚଳିତ ବର୍ଷ ସେ କଂଗ୍ରେସରୁ ବିଜେପିକୁ ଆସିଛନ୍ତି। ଶିବଲଙ୍କ ପଥର ମାଡ଼ ଅଭିଯୋଗ ଶୁଣି ବାଗଚି ଚିହିଁକି ଉଠିଥିଲେ । ଜଣେ ବରିଷ୍ଠ ଆଇନଜୀବୀ ହୋଇ ମଧ୍ୟ ସେ କେମିତି କୋର୍ଟରେ ଏପରି ବୟାନ ଦେଲେ ବୋଲି ଅତ୍ୟନ୍ତ ଉତ୍ତେଜିତ ଢଙ୍ଗରେ ସେ ପ୍ରଶ୍ନ କରିଥିଲେ । ଏହା ଶୁଣି ଜଷ୍ଟିସ ଚନ୍ଦ୍ରଚୂଡ଼ ବିରକ୍ତି ପ୍ରକାଶ କରିଥିଲେ। ସେ ଆଇନଜୀବୀ ବାଗଚିଙ୍କୁ କହିଥିଲେ ଯେ ଆପଣ କୋର୍ଟ ବାହାରେ ଥିବା ଗ୍ୟାଲେରୀକୁ ସମ୍ବୋଧନ କରିବାକୁ ଚାହୁଁଛନ୍ତି? ମୁଁ ୨ ଘଣ୍ଟା ହେଲାଣି ଆପଣ କେଉଁ ଭଳି ଆଚରଣ କରୁଛନ୍ତି, ସେସବୁ ଦେଖୁଛି । ପ୍ରଥମେ ଆପଣ ନିଜର ସ୍ୱର କମ କରିପାରିବେ କି? ପ୍ରଧାନ ବିଚାରପତିଙ୍କୁ ଶୁଣନ୍ତୁ । ଜୋରରେ କହିବା ବନ୍ଦ କରନ୍ତୁ । ଆପଣ ଏଠାରେ ସାମ୍ନାରେ ଥିବା ୩ ଜଣ ବିଚାରପତିଙ୍କୁ ସମ୍ବୋଧନ କରୁଛନ୍ତି । ଭିଡିଓ କନଫରେନ୍ସରେ ଶୁଣାଣିକୁ ସିଧାସଳଖ ଦେଖୁଥିବା ଲୋକମାନଙ୍କୁ ଆପଣ ସମ୍ବୋଧନ କରୁ ନାହାନ୍ତି । ପ୍ରଧାନ ବିଚାରପତିଙ୍କ ଏପରି ଆଭିମୁଖ୍ୟ ଦେଖି ଆଇନଜୀବୀ ବାଗଚି ନିଜ ଆଚରଣରେ ପରିବର୍ତ୍ତନ କରିଥିଲେ । ଏଥିସହ ସେ ଖଣ୍ଡପୀଠଙ୍କୁ ତୁରନ୍ତ କ୍ଷମା ମାଗିଥିଲେ । ଶୁଣାଣି ସମୟରେ ଅନେକ ଆଇନଜୀବୀ ବିଭିନ୍ନ ପ୍ରକାରର ପ୍ରସଙ୍ଗ ଉଠାଇଥିଲେ । ଏହାକୁ ଶୁଣି ସିଜେଆଇ କହିଥିଲେ ଯେ ମୁଁ ଏଭଳି ଓକିଲାତି କେଉଁଠି ବି ଦେଖିନି । ଗୋଟିଏ ସମୟରେ ୭ରୁ ୮ ଜଣ ଆଇନଜୀବୀ ବିଭିନ୍ନ ପ୍ରସଙ୍ଗ ଉଠାଇବା ମୋତେ ଜଣାନାହିଁ । ଶୁଣାଣି ପରେ ସୁପ୍ରିମକୋର୍ଟ କୋଲକାତା ହରର ଘଟଣାରେ ପୁଣି ଗୋଟିଏ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି । ମଙ୍ଗଳବାର ପୁଣି ଏହାର ଶୁଣାଣି ହେବ ।

## ହେବନି ଆପ୍-କଂଗ୍ରେସ ମେଣ୍ଟ

# ୨୦ଜଣ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କଲା ଆପ୍

**ନୂଆଦିଲ୍ଲୀ,୧୧।୯(ଏଜେନ୍ସି):** ହରିୟାଣା ବିଧାନସଭା ନିର୍ବାଚନକୁ ନେଇ ବଡ ଖବର ଆସୁଛି । ଆମ୍ ଆଦମୀ ପାର୍ଟି (ଆପ୍) ସୋମବାର ୨୦ଟି ସିଟ୍ ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି । ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ହରିୟାଣାରେ ଆପ୍ ଏବଂ କଂଗ୍ରେସ ମଧ୍ୟରେ କୌଣସି ମେଣ୍ଟ ହେବ ନାହିଁ । ଆପ୍ କହିଛି ଯେ ଉଭୟ ଦଳ ସିଟ୍ ବଣ୍ଟନ ଉପରେ ସହମତ ହୋଇପାରିବେ ନାହିଁ। ସୂଚନାନୁସାରେ, ଆପ୍ ୧୦ଟି ସିଟ୍ ଦାବି କରୁଥିବାବେଳେ କଂଗ୍ରେସ ଏହାକୁ ମାତ୍ର ସାତୋଟି ସିଟ୍ ଦେବାକୁ ପ୍ରସ୍ତୁତ ଥିଲା । ଏହାପୂର୍ବରୁ ସୋମବାର ଦିନ ଆମ୍ ଆଦମୀ ପାର୍ଟି ଏବଂ କଂଗ୍ରେସ ମଧ୍ୟରେ ଏକ ମେଣ୍ଟ ହୋଇପାରେ ବୋଲି ଖବର ଆସିଥିଲା । ଗଣମାଧ୍ୟମ ପିଟିଆଇ ଅନୁସାରେ ସୂଚନା ପ୍ରଦାନ କରାଯାଇଥିଲା କଂଗ୍ରେସ ନେତା ଦୀପକ ବାବରିଆ ଏବଂ ଆପ୍ ନେତା ରାଘବ ଚାଙ୍କ ମଧ୍ୟରେ ଆଲୋଚନା ଏକ



ସକାରାତ୍ମକ ଦିଗରେ ଗତି କରୁଛି। ସେପ୍ଟେମ୍ବର ୯ ସୁଦ୍ଧା ଏହି ମେଣ୍ଟ ଚୂଡାନ୍ତ ହେବାର ସମ୍ଭାବନା ରହିଛି ବୋଲି କୁହାଯାଇଥିଲା । ରାଜ୍ୟର ପାଞ୍ଚଟି ଆସନରେ ନିର୍ବାଚନ ଲିବାକୁ ଆପ୍ ରାଜି ହୋଇଛି ବୋଲି ଖବର ଆସିଥିଲା । ତେବେ ଶେଷରେ ଦୁଇ ଦଳ ସିଟ୍ ବଣ୍ଟାକୁ ନେଇ ସହମତି ହୋଇ ନ ଥିବା କୁହାଯାଉଛି । ଆପ୍ ୧୧ ଜଣ କଂଗ୍ରେସ ପ୍ରାର୍ଥୀଙ୍କ ବିରୋଧରେ ନିଜର ପ୍ରାର୍ଥୀ ଦେଇଛି । ରୋହିତକରୁ ବିଜେନ୍ଦ୍ର ହୁଡାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି । ଗୁରୁପାଲ ସିଂ ନାରାୟଣଗଡରୁ ପ୍ରାର୍ଥୀ ହୋଇଛନ୍ତି । ଦଳ ଅନୁରାଗ ଢଣ୍ଡାଙ୍କୁ କାଲାୟତରୁ ପ୍ରାର୍ଥୀ କରିଛି । ଜୟପାଲ ଶର୍ମାଙ୍କୁ ଘରେଣ୍ଡା ଏବଂ ଆସନ୍ଦରୁ ଅମନଦୀପ ଜୁଣ୍ଡଲାଙ୍କୁ ଟିକଟ ଦିଆଯାଇଛି । ସମଲଖାରୁ ବିଟୁ ପେହଲୱାନ, ଉଚାନା କାଲାନରୁ ପୱନ ଫେଜି ଏବଂ ଡାବୱାଲିର କୁଲଦୀପ ଗଦରାନାଙ୍କୁ ଟିକଟ ଦିଆଯାଇଛି । ରାନିଆର ହ୍ୟାପି ରାଣିଆ, ଭବାନୀରୁ ଇନ୍ଦୁ ଶର୍ମା, ମହମରୁ ବିକାଶ ନେହେରା, ବାହାଦୂରଗଡରେ କୁଲଦୀପ ଚିକାରା, ବାଦଲିର ରଣବୀର ଗୁଲିଆ ଏବଂ ବେରୀରୁ ସୋନୁ ଅହଲାୱତ ଶେରିଆ ପ୍ରାର୍ଥୀ ହୋଇଛନ୍ତି।ଏହା ବ୍ୟତୀତ ମହେନ୍ଦ୍ରଗଡରୁ ମନୀଷ ଯାଦବ, ନାରନେଲରୁ ରବିନ୍ଦ୍ର ମଟରୁ, ବାଦଶାହପୁରରୁ ବୀର ସିଂ ସରପଞ୍ଚ, ସୋହାନାରୁ ଧର୍ମେନ୍ଦ୍ର ଖଟାନା ଏବଂ ବାଲଭଗଡ଼ରୁ ରବିନ୍ଦର ଫୌଜଦାରଙ୍କୁ ଟିକଟ ଦିଆଯାଇଛି ।

# ଦେଢ଼ ଲକ୍ଷ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଉଛି ଟିପିଏସ୍‌ଓଡିଏଲ୍

**ବ୍ରହ୍ମପୁର,୧୧।୯ (ମହାଭାରତ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ସମଗ୍ର ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ଦିଗରେ ଉଲ୍ଲେଖନୀୟ ପ୍ରଗତି କରିଛି। ଏଠାକାର ପାହାଡ଼,ଘଞ୍ଚ ଜଙ୍ଗଲ ଭରା ଗ୍ରାମୀଣ ଇଲାକାରେ ସବୁ ପ୍ରକାର ଆହ୍ୱାନକୁ ସଫଳତାର ସହ ମୁକାବିଲା କରି କମ୍ପାନୀ ଗୁଣାତ୍ମକ ବିଦ୍ୟୁତ ସେବା ଜାରି ରଖିଛି। ଏହା ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଭରସାଯୋଗ୍ୟ ବିଜୁଳି ପହଞ୍ଚାଇବା ପାଇଁ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି।

ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ପାଇଁ କମ୍ପାନୀ ନିଷ୍ଠାର ସହ କାମ କରିଆସିଛି। ଯାହା ଫଳରେ ଏହି ଅଞ୍ଚଳର ଉପଭୋକ୍ତାଙ୍କ ଜୀବନରେ ପରିବର୍ତ୍ତନ ଆସିଛି। ଘର, ସ୍କୁଲ, ଡାକ୍ତରଖାନା ଏବଂ ଜରୁରୀକାଳୀନ ସେବାରେ ଗୁଣାତ୍ମକ ବିଜୁଳି ଯୋଗାଣ ସହ ଲୋକଙ୍କ ପାଇଁ ଉନ୍ନତ ମାନର ଜୀବନ ସୁନିଶ୍ଚିତ ହୋଇପାରିଛି। ବିଗତ ତିନି ଆର୍ଥିକ ବର୍ଷ ମଧ୍ୟରେ ଟିପିଏସ୍‌ଓଡିଏଲ୍ ପ୍ରାୟ ୨୭୪ ସର୍କିଟ୍ କିମି ବ୍ୟାପ୍ତ ୩୩ କେଭି ବିଦ୍ୟୁତ ଲାଇନ ବିଛାଇଛି, ଯାହା ଦକ୍ଷିଣ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଉପଭୋକ୍ତାଙ୍କ ପାଇଁ ଭରସାଯୋଗ୍ୟ ବିଦ୍ୟୁତ ସେବାକୁ ସୁଦୃଢ଼ କରିଛି।

୨୦୨୩-୨୪ ଆର୍ଥିକ ବର୍ଷରେ ଟିପିଏସଓଡିଏଲ୍ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୧୨୯.୭୦ ସର୍କିଟ କିମି ୩୩ କେଭି ଲାଇନ୍ ସଫଳତାର ସହ ବିଛାଇଛି। ଏଥିରେ ପ୍ରାୟ ୭୬ ହଜାର ଉପଭୋକ୍ତା ଉପକୃତ ହୋଇଛନ୍ତି। ଗତ ଆର୍ଥିକ ବର୍ଷରେ ୧୨୫.୭୦ ସର୍କିଟ କିଲୋମିଟର ଲାଇନ ସ୍ଥାପନ ହୋଇଥିଲା, ଯାହା ଦ୍ୱାରା ୭୨ ହଜାରରୁ ଅଧିକ ଲୋକ ଉପକୃତ ହୋଇଥିଲେ। ଏହାବ୍ୟତୀତ ୨୦୨୧-୨୨ ଆର୍ଥିକ ବର୍ଷରେ ଟିପିଏସ୍‌ଓଡିଏଲ୍ ୧୯ ସର୍କିଟ କିମି ୩୩ କେଭି ଲାଇନ୍ ସ୍ଥାପନ କରିଛି। ଯାହା ଫଳରେ ୧୦,୯୨୫ ଉପଭୋକ୍ତାଙ୍କ ପାଖରେ ଗୁଣାତ୍ମକ ବିଦ୍ୟୁତ ସେବା ପହଞ୍ଚି ପାରିଛି।

ଚଳିତ ଆର୍ଥିକ ବର୍ଷ ପାଇଁ ମଧ୍ୟ ଟିପିଏସଓଡିଏଲର ମହତ୍ତ୍ୱାକାଂକ୍ଷୀ ଯୋଜନା ରହିଛି। ଏଥିରେ ବର୍ତ୍ତମାନର ଲାଇନ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନୂତନ ଲାଇନ୍ ସ୍ଥାପନ କରାଯିବ।

# ରେସ୍ ଇକୋ ଚେନ୍ ଏବଂ ଗଣେଶ ଇକୋସ୍ଫିୟର ଭାରତର ରିସାଇକେଲ୍ ପିଇଟି ବଜାରକୁ ପ୍ରୋତ୍ସାହିତ କରିଛନ୍ତି

**ଭୁବାନେଶ୍ୱର,୧୧।୯ (ମହାଭାରତ):** ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନାରେ ନିୟୋଜିତ ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନୀ ରେସ୍ ଇକୋ ଚେନ୍ ଲିମିଟେଡ୍ ଘୋଷଣା କରିଛି ଯେ ଏହା ଏବଂ ଭାରତର ସର୍ବବୃହତ ପିଇଟି ରିସାଇକ୍ଲର ଗଣେଶ ଇକୋସ୍ଫିୟର ଲିମିଟେଡ୍ ଗଣେଶ ରିସାଇକ୍ଲିଂ ଚେନ୍ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ ମିଳିତ ଉଦ୍ୟୋଗ ଗଠନ କରିବେ। ଗଣେଶ ଇକୋସ୍ଫିୟର ଲିମିଟେଡ୍ ସହ ମିଳିତ ଉଦ୍ୟୋଗ କରିବାକୁ ବୋର୍ଡ ନୀତିଗତ ଅନୁମୋଦନ ପ୍ରଦାନ କରିଛି। ଯୁଗ୍ମ ଉଦ୍ୟୋଗ ଚୁକ୍ତି ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ କାର୍ଯ୍ୟକାରୀ ହୋଇନାହିଁ। ପିଇଟି ବୋତଲକୁ ପୁନଃବ୍ୟବହାରଯୋଗ୍ୟ ଫ୍ଲେକ୍ସରେ ପରିଣତ କରିବା ପାଇଁ ସମଗ୍ର ଭାରତରେ ଅନେକ ୱାସିଂ ଲାଇନ୍ ଆରମ୍ଭ କରିବା ଏହି ସହଯୋଗର ଲକ୍ଷ୍ୟ । ଏହି ମିଳିତ ଉଦ୍ୟୋଗ ସ୍ଥାୟୀତା କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିବ ବୋଲି ଆଶା କରାଯାଉଛି, ଯେଉଁଥିରେ ରେସ ଇକୋ ଚେନ୍ ୫୧% ପର୍ଯ୍ୟନ୍ତ ଅଂଶଧନ ଅଧିଗ୍ରହଣ କରିବ ଏବଂ ଗଣେଶ ଇକୋସ୍ଫିୟର ୪୯% ଅଂଶଧନ ହାସଲ କରିବ । ଟାର୍ଗେଟ ସଂସ୍ଥା ସାମିଲ ହେବା ପରେ ଏହା ରେସ୍ ଇକୋ ଚେନ୍ ଲିମିଟେଡ୍ ର ସହାୟକ ସଂସ୍ଥାରେ ପରିଣତ ହେବ। ଆଗାମୀ ବର୍ଷଗୁଡ଼ିକରେ, ଏହି ଉଦ୍ୟୋଗ ସମଗ୍ର ଭାରତରେ ଅନେକ ୱାସିଂ ଲାଇନ୍ ସ୍ଥାପନ କରିବାକୁ ଯୋଜନା କରିଛି ଯାହା ଗୁଣାତ୍ମକ ପିଇଟି ଫ୍ଲେକ୍ସ ଉତ୍ପାଦନ ପାଇଁ ବ୍ୟବହୃତ ହେବ, ଯାହା ଦ୍ୱାରା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଯଥେଷ୍ଟ ହ୍ରାସ ପାଇବ ଏବଂ ଏକ ସର୍କୁଲାର ଅର୍ଥନୀତିକୁ ପ୍ରୋତ୍ସାହିତ କରାଯିବ ।

# ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ଓ ମିର୍ଚି ପକ୍ଷରୁ ସ୍ପେଲ୍ ବି ର ୧୪ତମ ସଂସ୍କରଣର ଶୁଭାରମ୍ଭ

**ଭୁବନେଶ୍ୱର,୧୧।୯ (ମହାଭାରତ):** ଦେଶର ସବୁଠୁ ବିଶ୍ୱସନୀୟ ଜୀବନ ବୀମା କମ୍ପାନି ଏସବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ମିର୍ଚି ସହଯୋଗରେ ଏସବିଆଇ ଲାଇଫ୍ ସ୍ପେଲ୍ ବି ୨୦୨୪ର ୧୪ତମ ସଂସ୍କରଣ "ବି ସ୍ପେଲ୍‌ବାଉଣ୍ଡ' ଘୋଷଣା କରାଯାଇଛି। ବିଗତ ବର୍ଷଗୁଡ଼ିକରେ ଏହି ପ୍ଲାଟଫର୍ମ ଭାରତର ବହୁ ପ୍ରତିଭାବାନ୍ ଯୁବବର୍ଗଙ୍କୁ ସାମ୍ନାକୁ ଆଣିଥିବା ବେଳେ ଏଥର ତାହା ଆହୁରି ଉନ୍ନତ ହୋଇ ଫେରିଛି ଯାହା ଏକ ବନାନ ପରୀକ୍ଷାଠାରୁ ଯଥେଷ୍ଟ ଅଧିକ। ଏହି ପ୍ରତିଯୋଗିତାର ୧୪ତମ ସଂସ୍କରଣକୁ ୩୦ରୁ ଅଧିକ ସହରର ୫୦୦ରୁ ଅଧିକ ସ୍କୁଲ୍‌ରେ ଆୟୋଜନ କରାଯିବ ଯେଉଁଥିରେ ୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ସାରା ଦେଶର ଶ୍ରେଷ୍ଠ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଜାତୀୟ ଫାଇନାଲ୍ ପାଇଁ ଚୟନ କରାଯିବ। ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସ୍ୱୀକୃତି ମିଳିବ ଏବଂ ବିଜେତାଙ୍କୁ "ସ୍ପେଲ ମାଷ୍ଟର ଅଫ ଇଣ୍ଡିଆ ୨୦୨୪' ମୁକୁଟ ପ୍ରଦାନ କରାଯିବ। ଏହି ସମ୍ମାନଜନକ ଟାଇଟଲ୍ ବ୍ୟତୀତ ସେ ୧ ଲକ୍ଷ ଟଙ୍କାର ପୁରସ୍କାର ଓ ହଂକଂ ଡିଜନିଲ୍ୟାଣ୍ଡକୁ ଏକ ସ୍ମରଣୀୟ ଭ୍ରମଣ ସୁଯୋଗ ପାଇପାରିବେ। ଚଳିତ ବର୍ଷର ବିଷୟବସ୍ତୁ "ବି ସ୍ପେଲ୍‌ବାଉଣ୍ଡ' ହୋଇଥିବା ବେଳେ ଏଥିରେ ଶ୍ରେଷ୍ଠ ବନାନ କରୁଥିବା ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବା ସହ ଭବିଷ୍ୟତର ଲିଡର ଗଠନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ। ଏସବିଆଇ ବିଶ୍ୱାସ କରେ ଯେ ଶବ୍ଦ କେବଳ ଅକ୍ଷର ନୁହେଁ, ବରଂ ଶସକ୍ତୀକରଣର ଉପକରଣ। ଏହି ପ୍ଲାଟଫର୍ମ ଛାତ୍ରଛାତ୍ରୀମାନଙ୍କୁ ସେହି ଉପକରଣ ଜରିଆରେ ସଶକ୍ତ କରି ପାଠପଢ଼ା ଆହ୍ୱାନର ମୁକାବିଲା କରିବା ଏବଂ ଜୀବନରେ ପ୍ରତିବନ୍ଧକକୁ ଏଡ଼ାଇବାରେ ସହାୟକ ହେବା ଲାଗି ଚାହୁଁଛି। ଏସବିଆଇ ଲାଇଫ୍ ଇନସ୍ୟୁରାନ୍ସରବ୍ରାଣ୍ଡ, କର୍ପୋରେଟ୍ କମ୍ୟୁନିକେସନ୍ ଏବଂ ସିଏସ୍‌ଆର୍ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, "ଏସ୍‌ବିଆଇ ଲାଇଫ୍‌ରେ ଆମେ ସବୁବେଳେ ଏଭଳି ସୁଯୋଗ ସୃଷ୍ଟି କରିବାକୁ ଚେଷ୍ଟା କରୁଛୁ, ଯାହା ଦ୍ୱାରା ବ୍ୟକ୍ତିମାନେ ସେମାନଙ୍କର ପ୍ରକୃତ ସାମର୍ଥ୍ୟ ସହ ପରିଚିତ ହୋଇପାରିବେ।

# ଟପ୍ ୫କୁ ଫେରିଲେ ରୋହିତ ଶର୍ମା



**ମୁମ୍ବାଇ,୧୧।୯:** ବାଂଲାଦେଶ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ପୂର୍ବରୁ ଟିମ ଇଣ୍ଡିଆ। ଅଧିନାୟକ ରୋହିତ ଶର୍ମାଙ୍କୁ ମିଳିଛି ବଡ଼ ସଫଳତା। ସେ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ଟପ୍ ୫ରେ ପ୍ରବେଶ କରିଛନ୍ତି। ୨୦୨୧ ସେପ୍ଟେମ୍ବର ପରେ ପ୍ରଥମଥର ପାଇଁ ରୋହିତ ଶର୍ମା ରାଙ୍କିଙ୍ଗର ଟପ୍ ୫ ଖେଳାଳିଙ୍କ ମଧ୍ୟରେ ରହିବାକୁ ସକ୍ଷମ ହୋଇଛନ୍ତି। ରୋହିତ ରାଙ୍କିଙ୍ଗରେ ଥିବା ସମସ୍ତ ଭାରତୀୟଙ୍କ ତୁଳନାରେ ସବୁଠାରୁ ଉପରେ ରହିଛନ୍ତି।

ବୁଧବାର ଆଇସିସି ପକ୍ଷରୁ ଜାରି ସଂଶୋଧିତ ରାଙ୍କିଙ୍ଗରେ ରୋହିତଙ୍କ ସାଥୀ ଖେଳାଳି ବିରାଟ କୋହଲି ଓ ଯୁବ ଓପନର ଯଶସ୍ୱୀ ଜୈସୱାଲ ମଧ୍ୟ ଗୋଟିଏ ଲେଖାଏ ସ୍ଥାନ ଉପରକୁ ଉଠିଛନ୍ତି। ବିରାଟ ରାଙ୍କିଙ୍ଗର ୭ନଂ ଓ ଜୈସୱାଲ ୬ନଂ ସ୍ଥାନରେ ଅଛନ୍ତି।

ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷରେ ଭାରତ ତା'ର ପ୍ରଥମେ ଟେଷ୍ଟ ଖେଳିବ। ଏହି ମ୍ୟାଚ୍ ଓ ଏହାପରେ ୨୭ରୁ ଆରମ୍ଭ ହେବାକୁ ଥିବା ଟେଷ୍ଟରେ ରୋହିତ, ବିରାଟ ଓ ଜୈସୱାଲ ଦମଦାର ପ୍ରଦର୍ଶନ କରି ରାଙ୍କିଙ୍ଗରେ ସୁଧାର ଆଣିବାକୁ ସୁଯୋଗ ପାଇବେ। ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ରୋହିତ ଓ ଜୈସୱାଲ ଦମଦାର ପ୍ରଦର୍ଶନ କରିଥିଲେ। ଜୈସୱାଲ ସିରିଜରେ ରେକର୍ଡ ୭୧୨ ରନ କରିବା ସହ ୨ଟି ଶତକ ଓ ୩ଟି ଅର୍ଦ୍ଧଶତ ମାରିଥିଲେ। ରୋହିତ ମଧ୍ୟ ୨ଟି ଶତକ ସହ ୪୦୦ ରନ ହାସଲ କରିଥିଲେ। ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଅନୁପସ୍ଥିତ ରହିଥିଲେ।

ଆଜି ଆଇସିସି ଜାରି କରିଥିବା ରାଙ୍କିଙ୍ଗ ତାଲିକାରେ ଶ୍ରୀଲଙ୍କା ବ୍ୟାଟର୍ସଙ୍କୁ ବଡ଼ ସଫଳତା ମିଳିଛି। ନିକଟରେ ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କା ତା'ର ଟେଷ୍ଟ ସିରିଜ ଶେଷ କରିଥିଲା। ସେହିପରି ତୃତୀୟ ଟେଷ୍ଟକୁ ଭ୍ରମଣକାରୀ ଦଳ ଜିତି ଇଂଲଣ୍ଡ ବିପକ୍ଷରେ ୧୦ ଧରି ରହିଥିବା ବିଜୟ ମରୁଡ଼ିରେ ପୂର୍ଣ୍ଣଚ୍ଛେଦ ଟାଣିଥିଲା। ଶ୍ରୀଲଙ୍କାର କୌଣସି ବ୍ୟାଟର ଟପ୍ ୧୦ରେ ପ୍ରବେଶ କରି ନାହାନ୍ତି।

କିନ୍ତୁ ସେମାନଙ୍କ ବ୍ୟକ୍ତିଗତ ରାଙ୍କିଙ୍ଗରେ ସୁଧାର ଆସିଛି। ଶ୍ରୀଲଙ୍କାର ଅଧିନାୟକ ଧନଞ୍ଜୟ ଡି ସିଲଭା, ମଧ୍ୟକ୍ରମ ବ୍ୟାଟର କାମିନ୍ଦୁ ମେଣ୍ଡିସ ଓ ଓପନର ପଥୁମ ନିଶାଙ୍କା ଇଂଲଣ୍ଡ ବିପକ୍ଷରେ ଦମଦାର ପ୍ରଦର୍ଶନ କରିଥିଲେ। ଧନଞ୍ଜୟ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ସହ ରାଙ୍କିଙ୍ଗର ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ମେଣ୍ଡିସ ୬ଟି ସ୍ଥାନ ଉପରକୁ ଉଠି ୧୯ତମ ଓ ୧୨୭ର ଅପରାଜିତ ଇନିଂସ ଖେଳିଥିବା ନିଶାଙ୍କା ୪୨ଟି ସ୍ଥାନ ଉପରକୁ ଉଠି ୩୯ ନମ୍ବରରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡର ଜୋ ରୁଟ ପୂର୍ବଭଳି ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ଅଛନ୍ତି।

# ଶୀତଲଙ୍କଠାରୁ ପ୍ରେରଣା ପାଇ ଅଭ୍ୟାସ କରୁଛନ୍ତି ହାତ, ଗୋଡ଼ ହରାଇଥିବା ନାବାଳିକା

**ଜମ୍ମୁ-କଶ୍ମୀର,୧୧।୯:** ପାରାଲିମ୍ପିକ୍ସରେ ହାତ ନଥାଇ ପଦକ ଜିତିଥିବା ଭାରତୀୟ ତୀରନ୍ଦାଜ ଶୀତଲ ଦେବୀଙ୍କୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲିଛି। ଏବେ ତାଙ୍କଠୁ ପ୍ରେରଣା ନେଇ ଅନ୍ୟଜଣେ ଭାରତୀୟ ମଧ୍ୟ ତୀରନ୍ଦାଜିରେ ଶୀର୍ଷସ୍ତରକୁ ଯିବା ଲକ୍ଷ୍ୟ ରଖିଛନ୍ତି। ଜମ୍ମୁ କଶ୍ମୀରର କିସ୍ତୱର ଅଞ୍ଚଳର ଜଣେ ୧୩ ବର୍ଷୀୟା



ନାବାଳିକାଙ୍କ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ହାତ ଓ ଗୋଡ଼ ନଥିବା ଏହି ନାବାଳିକା ଜଣକ ଲକ୍ଷ୍ୟ ଭେଦ କରିବା ପାଇଁ ଶୀତଲଙ୍କ ପ୍ରଶିକ୍ଷକ କୁଲଦୀପ ଭେଦୱନଙ୍କ ଅଧୀନରେ ଅଭ୍ୟାସ ଜାରି ରଖିଛନ୍ତି। ନାବାଳିକା ଜଣକ କୃତ୍ରିମ ଅଙ୍ଗ ସହାୟତାରେ ପାରା ତୀରନ୍ଦାଜଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ଧନୁରେ ଅଭ୍ୟାସ କରୁଥିବା ଦେଖାଯାଇଛି। ଶାରୀରିକ ଭିନ୍ନକ୍ଷମ ସତ୍ତ୍ୱେ ନାବାଳିକା ଜଣକଙ୍କ ଉତ୍ସର୍ଗୀକୃତ ତଥା ଦୃଢ଼ସଂକଳ୍ପ ମନୋଭାବ ରଖି ତୀରନ୍ଦାଜୀକୁ କ୍ୟାରିୟର କରୁଥିବାରୁ ତାଙ୍କ କାହାଣୀ ମଧ୍ୟ ହୃଦୟସ୍ପର୍ଶୀ ହୋଇପାରିଛି। ଏପରିକି ତାଙ୍କୁ ଶୀତଲ ଦେବୀଙ୍କ ସହିତ ତୁଳନା କରାଯିବା ମଧ୍ୟ ଆରମ୍ଭ ହୋଇଯାଇଛି। ଶୀତଲ ଦେବୀ ମଧ୍ୟ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡିଂରେ ଥିଲେ। ପାରାଲିମ୍ପିକ୍ସରେ ମହିଳା କମ୍ପାଉଣ୍ଡର ଯୋଗ୍ୟତା ପର୍ଯ୍ୟାୟରେ ୭୦୩ ସ୍କୋର କରି ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଥିଲେ। କିନ୍ତୁ ପଦକ ଜିତିପାରି ନଥିଲେ। ପରେ ମିଶ୍ରିତ ଯୁଗଳରେ ରାକେଶ କୁମାରଙ୍କୁ ସାଥୀ କରି କାଂସ୍ୟ ପଦକ ଜିତିଥିଲେ। ପଦକ ଜିତିବା ପରଠୁ ସେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇଯିବା ସହ ଇନ୍‌ଷ୍ଟାଗ୍ରାମରେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ୩.୨୯ ଲକ୍ଷ ଅତିକ୍ରମ କରିଯାଇଥିଲା।

# ଅନୱର ଅଲୀ ୪ ମାସ ବାସନ୍ଦ



**କୋଲକାତା,୧୧।୯ :** ସର୍ବଭାରତୀୟ ଫୁଟବଲ ଫେଡେରେଶନ ପକ୍ଷରୁ ଚୁକ୍ତି ଉଲ୍ଲଂଘନ ମାମଲାରେ ଭାରତୀୟ ଡିଫେଣ୍ଡର ଅନୱର ଅଲୀଙ୍କୁ ୪ ମାସ ପାଇଁ ବାସନ୍ଦ କରାଯାଇଛି। ଏହା ସହିତ ଫୁଟବଲ କ୍ଲବ ମୋହନବାଗାନ ସୁପର ଜାଏଣ୍ଟକୁ ୧୨.୯୦ କୋଟି ଟଙ୍କାର କ୍ଷତିପୂରଣ ପାଇଁ ନିର୍ଦ୍ଦେଶ ମିଳିଛି। ଏଆଇଏଫ୍ଏଫର ପ୍ଲେୟାର୍ସ ଷ୍ଟାଟସ୍ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀ ଏଫ୍‌ସିରୁ ଲୋନ୍‌ରେ ଆସି ମୋହନବାଗାନ ପକ୍ଷରୁ ଖେଳୁଥିଲେ ଅନୱର। ଏହା ମଧ୍ୟରେ ଇଷ୍ଟ ବେଙ୍ଗଲ ପକ୍ଷରୁ ଏକ ଲୋଭନୀୟ ଅଫର ମିଳିବା ପରେ ୫ ବର୍ଷ ପାଇଁ ସେ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହାକୁ ବିରୋଧ କରି ମୋହନବାଗାନ ପ୍ଲେୟାର୍ସ ଷ୍ଟାଟସ୍ କମିଟିର ଦ୍ୱାରସ୍ଥ ହୋଇଥିଲା। ଏହି ଆବେଦନର ବିଚାର କରି ଷ୍ଟାଟସ୍ କମିଟି ଅନୱରଙ୍କୁ ସମସ୍ତ ପ୍ରକାର ପ୍ରଫେଶନାଲ ପ୍ରତିଯୋଗିତାରୁ ୪ ମାସ ପାଇଁ ବାସନ୍ଦ କରିଛି। ଏହା ସହିତ ଦିଲ୍ଲୀ ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ଉପରେ ୨୦୨୪-୨୫ ଓ ୨୦୨୫-୨୬ ସିଜନ ପାଇଁ ଖେଳାଳି ପଞ୍ଜୀକରଣ ଉପରେ ରୋକ ଲଗାଯାଇଛି। ଅନୱରଙ୍କୁ ଦିଲ୍ଲୀ ଏଫ୍‌ସିରୁ ୨ କୋଟି ଟଙ୍କା ଲୋନରେ ଆଣିଥିଲା ମୋହନବାଗାନ। ଚୁକ୍ତି ଖିଲାପ କରିଥିବା କାରଣରୁ ଅନୱର ଅଲୀ, ଦିଲ୍ଲୀ ଏଫ୍‌ସି ଓ ଇଷ୍ଟ ବେଙ୍ଗଲକୁ ମିଳିତ ଭାବରେ ଏହି ଅର୍ଥ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚୁକ୍ତି ଖିଲାପ ବାବଦରେ ୮.୪୦ କୋଟି, ଦିଲ୍ଲୀ ଏଫ୍‌ସି ନେଇଥିବା ୨ କୋଟି ଓ ଅନ୍ୟାନ୍ୟ କ୍ଷତି ବାବଦରେ ୨.୫୦ କୋଟି ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଦଲିପ ଟ୍ରଫି ସ୍କ୍ୱାଡରେ ବଡ଼ ପରିବର୍ତ୍ତନ : ରିଙ୍କୁ ସିଂହଙ୍କୁ ସୁଯୋଗ

**ନୂଆଦିଲ୍ଲୀ,୧୧।୯:** ଦଲିପ ଟ୍ରଫି ୨୦୨୪ର ଦ୍ୱିତୀୟ ରାଉଣ୍ଡ ପାଇଁ ବିସିସିଆଇ ସ୍କ୍ୱାଡରେ ବଡ଼ ପରିବର୍ତ୍ତନ କରିଛି। ଏକାଧିକ ଖେଳାଳି ଜାତୀୟ ଟିମ ପାଇଁ ଚୟନ ହେବାରୁ ବିସିସିଆଇକୁ ସ୍କ୍ୱାଡରେ ପରବର୍ତ୍ତନ କରିବାକୁ ପଡ଼ିଛି। ଏହି କ୍ରମରେ ଅଲରାଉଣ୍ଡର ରିଙ୍କୁ ସିଂହଙ୍କୁ ଦଲିପ ଟ୍ରଫି ପାଇଁ ଡାକରା ମିଳିଛି। ସେ ଇଣ୍ଡିଆ ବିରେ ବଦଳ ଖେଳାଳି ଭାବେ ସାମିଲ ହୋଇଛନ୍ତି। ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଇଣ୍ଡିଆ। ବି'ରୁ ଋଷଭ ପନ୍ତ ଓ ଯଶସ୍ୱୀ ଜୈସୱାଲଙ୍କ ଚୟନ ହୋଇଛି। ତେଣୁ ଉଭୟ ଦଲିପ ଟ୍ରଫିରୁ ଓହରି ଯାଇଛନ୍ତି।

ଦଲିପ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ୧୨ ସେପ୍ଟେମ୍ବରରୁ ଆରମ୍ଭ ହେବ। ୧୯ ସେପ୍ଟେମ୍ବରରୁ ବାଂଲାଦେଶ ବିପକ୍ଷରେ ଭାରତ ଟେଷ୍ଟ ସିରିଜ ଅଭିଯାନ ଆରମ୍ଭ କରିବ। ଏଥିପାଇଁ ଦଲିପ ଟ୍ରଫିର ଇଣ୍ଡିଆ। ଏ ସ୍କ୍ୱାଡରୁ ବିସିସିଆଇ ଅଧିନାୟକ ଶୁବମନ ଗିଲ, କେଏଲ ରାହୁଲ, ଧ୍ରୁବ ଜୁରେଲ, କୁଲଦୀପ ଯାଦବ ଓ ଆକାଶ ଦୀପଙ୍କୁ ରିଲିଜ କରିଛି। ଏମାନେ ଜାତୀୟ ଟିମ ପାଇଁ ଘୋଷଣା ହୋଇଥିବା ସ୍କ୍ୱାଡରେ ରହିଛନ୍ତି। ଏମାନଙ୍କ ବଦଳରେ ପ୍ରଥମ ସିଂହ (ରେଳବାଇ), ଅକ୍ଷୟ ୱାଦକର (ବିଦର୍ଭ), ଶେଖ ରଶିଦ (ଆନ୍ଧ୍ର), ଶାମ୍ସ ମୁଲାନି ଓ ଅକବି ଖାନ (ଉତ୍ତର ପ୍ରଦେଶ)ଙ୍କୁ ଇଣ୍ଡିଆ ଏରେ ସାମିଲ କରାଯାଇଛି। ଗିଲ ନଥିବାରୁ ମୟଙ୍କ ଅଗ୍ରୱାଲଙ୍କ କ୍ୟାପ୍ଟେନ୍ସିରେ ଇଣ୍ଡିଆ ଏ ଦଲିପ ଟ୍ରଫି ଖେଳିବ।

ସଂଶୋଧିତ ଇଣ୍ଡିଆ ଏ ସ୍କ୍ୱାଡ: ମୟଙ୍କ ଅଗ୍ରୱାଲ (ଅଧିନାୟକ), ରିୟାନ ପରାଗ, ତିଲକ ବର୍ମା, ଶିବମ ଦୁବେ, ତନୁଶ କୋଟିୟାନ, ପ୍ରସିଦ୍ଧ କ୍ରିଷ୍ଣା, ଖଲୀଲ ଅହମଦ, ଆବେଶ ଖାନ, କୁମାର କୁଶାଗ୍ରା, ଶାସ୍ୱତ ରାୱତ, ପ୍ରଥମ ସିଂହ, ଅକ୍ଷୟ ୱାଦକର, ଶେଖ ରଶିଦ, ଶାମ୍ସ ମୁଲାନି ଓ ଅକିବ ଖାନ। ଇଣ୍ଡିଆ ବି'ରୁ ଜୈସୱାଲ ଓ ପନ୍ତ



ଜାତୀୟ ଟିମ ପାଇଁ ଚୟନ ହୋଇଛନ୍ତି। ତେଣୁ ଏହି ଦୁଇ ଖେଳାଳିଙ୍କ ବଦଳରେ ସୁୟାଶ ପ୍ରଭୁଦେଶାଇ ଓ ରିଙ୍କୁ ସିଂହଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଛି। ଦ୍ରୁତ ବୋଲର ୟାଶ ଦୟାଲ ପ୍ରଥମ ଥର ପାଇଁ ଜାତୀୟ ଟେଷ୍ଟ ଟିମରେ ସୁଯୋଗ ପାଇଛନ୍ତି। ସେହିପରି ସର୍ଫରାଜ ଖାନ ମଧ୍ୟ ବାଂଲାଦେଶ ବିପକ୍ଷ ୧୬ ଜଣିଆ ସ୍କ୍ୱାଡରେ ରହିଛନ୍ତି। ତେବେ ଉଭୟ ଦଲିପ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ନଜର ଆସିବେ। ତଥାପି ହିମାଂଶୁ ମନ୍ତ୍ରୀ (ମଧ୍ୟପ୍ରଦେଶ)ଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଛି।

ସଂଶୋଧିତ ଇଣ୍ଡିଆ ବି ସ୍କ୍ୱାଡ: ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ସର୍ଫରାଜ ଖାନ, ମୁଶୀର ଖାନ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, ନବଦୀପ ସୈନି, ମୁକେଶ କୁମାର, ରାହୁଲ ଚହର, ଆର ସାଇ କିଶୋର, ମୋହିତ ଅବସ୍ଥୀ, ଏନ ଜଗଦୀଶନ (ୱିକେଟ କିପର), ସୁୟାଶ ପ୍ରଭୁଦେଶାଇ, ରିଙ୍କୁ ସିଂହ ଓ ହିମାଂଶୁ ମନ୍ତ୍ରୀ। ଇଣ୍ଡିଆ ଡିରୁ ଅକ୍ଷର ପଟେଲ ଜାତୀୟ ଟିମକୁ ଯିବାରୁ ତାଙ୍କ ବଦଳରେ ନିଶାନ୍ତ ସାନ୍ଧୁ (ହରିୟାଣା)ଙ୍କୁ ସୁଯୋଗ ମିଳିଛି। ସେହିପରି ଦ୍ରୁତ ବୋଲର ତୁଷାର ଦେଶପାଣ୍ଡେ ଆହତ ହେବାରୁ ସ୍କ୍ୱାଡରୁ ବାଦ ପଡ଼ିଛନ୍ତି। ତାଙ୍କ ବଦଳରେ ଇଣ୍ଡିଆ ଏ'ର ବିଦ୍ୱାତ କାଭେରାପ୍ପା ଡି ସ୍କ୍ୱାଡକୁ ଅଣାଯାଇଛି।

ସଂଶୋଧିତ ଇଣ୍ଡିଆ। ଡି' ସ୍କ୍ୱାଡ: ଶ୍ରେୟସ ଅୟାର, ଅଥର୍ବ ତାଇଦେ, ୟାଶ ଦୁବେଶ, ଦେବଦ ପାଡିକ୍କଲ, ରିକି ଭୁଇ, ସାଂରାସ ଜୈନ, ଅର୍ଶଦୀପ ସିଂହ, ଆଦିତ୍ୟ ଠାକରେ, ହର୍ଷିତ ରାଣା, ଆକାଶ ସେନଗୁପ୍ତା, କେଏସ ଭରତ, ସୌରଭ କୁମାର, ସଞ୍ଜୁ ସାମସନ, ନିଶାନ୍ତ ଦୁବେ ଓ ବିଦ୍ୱାତ କାଭେରାପ୍ପା ଦଲିପ ଟ୍ରଫି ପାଇଁ ଇଣ୍ଡିଆ ସି ସ୍କ୍ୱାଡରେ କୌଣସି ପ୍ରକାରର ପରିବର୍ତ୍ତନ ହୋଇନାହିଁ।

# ହ୍ୟାଟ୍ରିକ ବିଜୟ ସହ ସେମିରେ ଭାରତୀୟ ହକି ଟିମ

**ନୂଆଦିଲ୍ଲୀ,୧୧।୯:** ଚାଇନାରେ ଚାଲିଥିବାର ହିରୋ ଏସିଆନ ଚାମ୍ପିଆନ୍ସ ଟ୍ରଫିରେ ଭାରତୀୟ ପୁରୁଷ ହକି ଟିମର ଦବଦବା ଜାରି ରହିଛି। ଟୁର୍ଣ୍ଣାମେଣ୍ଟରେ ଦଳ ହାସଲ କରିଛି ହ୍ୟାଟ୍ରିକ ବିଜୟ। ହ୍ୟାଟ୍ରିକ ବିଜୟ ସହ ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ଆଜି ଦଳ ମାଲେସିୟା ବିପକ୍ଷରେ ଗୋଲ ବର୍ଷା କରିଛି। ଡିଫେଣ୍ଡିଂ ଚାମ୍ପିୟନ ଭାରତ ୮-୧ରେ ମାଲେସିୟାକୁ ପରାସ୍ତ କରି ନିଜର ଅପରାଜୟ ଧାରା ବଳବତ୍ତର ରଖିଛି। ଭାରତ ପକ୍ଷରୁ ରାଜ କୁମାର ପାଲ ହ୍ୟାଟ୍ରିକ ଗୋଲ ଦେଇଥିବା ବେଳେ ଅରାଇଜିତ ସିଂହ ହୁଣ୍ଡାଲ ୨ଟି, ଯୁଗରାଜ ସିଂହ, ହରମନପ୍ରୀତ



ସିଂହ ଓ ଉତ୍ତମ ସିଂହ ଗୋଟିଏ ଲେଖାଏ ଗୋଲ କରିଛନ୍ତି। ମ୍ୟାଚର ତୃତୀୟ ମିନିଟରେ ରାଜ କୁମାର ପାଲ ଭାରତ ପାଇଁ ଖାତା ଖୋଲିଥିଲେ। ଏହାପରେ ୬ଷ୍ଠ ମିନିଟରେ ହୁଣ୍ଡାଲ ଓ ୭ମ ମିନିଟରେ ଯୁଗରାଜ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅଧିନାୟକ ହରମନପ୍ରୀତ ସିଂହଙ୍କ ଷ୍ଟିକରୁ ଗୋଲ ବାହାରିଥିଲା। ସେ ୨୨ତମ ମିନିଟରେ ଗୋଲ କରିଥିଲେ। ୨୫ତମ ମିନିଟରେ ରାଜ କୁମାର ମ୍ୟାଚରେ ନିଜର ଦ୍ୱିତୀୟ ଗୋଲ ଦେଇଥିଲେ। ୩୩ତମ ମିନିଟରେ ସେ ଆଉ ଏକ ଗୋଲ ସ୍କୋର କରି ହ୍ୟାଟ୍ରିକ ହାସଲ କରିଥିଲେ।

# ଜାତୀୟ ସନ୍ତରଣ: ଓଡ଼ିଶାକୁ ଫ୍ରିଷ୍ଟାଇଲ୍ ରିଲେ କାଂସ୍ୟ

**ଭୁବନେଶ୍ୱର,୧୧।୯:** କର୍ଣ୍ଣାଟକର ମାଙ୍ଗାଲୋର୍ଠାରେ ଚାଲିଥିବା ୭୭ତମ ଜାତୀୟ ବରିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ଐତିହାସିକ ସଫଳତା ଅର୍ଜନ କରିଛି। ପ୍ରଥମ ଥର ପାଇଁ ଜଣେ ଓଡ଼ିଆ। ଖେଳାଳି ଜାତୀୟ ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ବ୍ୟକ୍ତିଗତ ପଦକ ଜିତିବାର ଗୈରବ ପାଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ପଦାର୍ପଣ କରିସାରିଥିବା ପ୍ରତ୍ୟାଶା ରାୟ ୧୦୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ୧ ମିନିଟ୍ ୫.୮୨ ସେକେଣ୍ଡ୍ ସମୟ ନେଇ ରୌପ୍ୟ ପଦକ ଜିତିଛନ୍ତି। ପୂର୍ବରୁ ପୁରୁଷ ହେଉ କି ମହିଳା, ଜାତୀୟ ବରିଷ୍ଠ ପ୍ରତିଯୋଗିତାରୁ କେଣସି ଓଡ଼ିଆ। ପଦକ ଜିତି ନଥିଲେ। ଏହି



ପ୍ରତିଯୋଗିତା ପୂର୍ବରୁ ମଙ୍ଗଳବାର ସକାଳେ ଓଡ଼ିଶାର ମହିଳା ୪ ଗୁଣା ୨୦୦ ମିଟର୍ ଫ୍ରିଷ୍ଟାଇଲ୍ ରିଲେ ଦଳ କାଂସ୍ୟ ପଦକ ଜିତିଥିଲା। ପ୍ରତ୍ୟାଶାଙ୍କ ନେତୃତ୍ୱରେ ଗଠିତ ଏହି ଦଳରେ ସୃଷ୍ଟି ଉପାଧ୍ୟାୟ, ଦିବ୍ୟାଜ୍ୟୋତି ପ୍ରଧାନ ଓ ସୋନିଆ ପଟେଲ୍ ଏହି ସଫଳତା ଆଣିଥିଲେ। ବ୍ୟକ୍ତିଗତ ଭାବେ ଦୁଇ ପଦକ ଜିତିଥିବା ପ୍ରତ୍ୟାଶା ଓଡ଼ିଶା ସନ୍ତରଣ ପାଇଁ ନୂଆ ଧାରା ସୃଷ୍ଟି କରିଛନ୍ତି। କେବଳ ଖେଳ ନୁହେଁ ପାଠ ପାରେ ବି ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ମ୍ୟାଟ୍ରିକ୍, ଯୁକ୍ତ ୨ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ।

# ଚେନ୍ନାଇ ଓ କାନପୁରରେ ହେବ ଲଢ଼େଇ

**ମୁମ୍ବାଇ,୧୧।୯:** ସେଖ୍ ହସିନାଙ୍କ ଗାଦି ଯିବା ପରେ ଭାରତ ପାଇଁ ରାଜନେତିକ ଦୃଷ୍ଟିରୁ ବାଂଲାଦେଶ ଏକ ବଡ଼ ଆହ୍ୱାନ ଭାବେ ଉଭୟ ହୋଇଛି। ସେହିଭଳି ପାକିସ୍ତାନରେ ପ୍ରଥମ ଥର ଟେଷ୍ଟ୍ ଶୃଙ୍ଖଳା ଜିତି (୨-୦) ନୂଆ। ଇତିହାସ ରଚିଥିବା ବାଂଲା କ୍ରିକେଟ୍ ଦଳ ମଧ୍ୟ ଟିମ୍ ଇଣ୍ଡିଆ। ପାଇଁ ମସ୍ତବଡ଼ ଚ୍ୟାଲେଞ୍ଜ୍ ପାଲଟିଛି। ଚେନ୍ନାଇ ଓ କାନପୁରରେ ଦୁଇ ଦେଶର କ୍ରିକେଟ୍ ଦଳ ଦୁଇ ଟିକିଅ। ଟେଷ୍ଟ୍ ଶୃଙ୍ଖଳାରେ ମୁହାଁମୁହିଁ ହେବାକୁ ଯାଉଥିବା ବେଳେ ପାକିସ୍ତାନ ବିଜୟରେ ଉଲ୍ଲସିତ ବାଂଲାଦେଶ ଖେଳାଳିମାନେ ଏବେଠୁ ଶୃଙ୍ଖଳା ଜିତିବାର ବାହାସ୍ଫୋଟ ମାରିବା ଆରମ୍ଭ କରିଦେଲେଣି। ଏପରିକି କିଛି ବାଂଲା ଖେଳାଳି ମଧ୍ୟ ତାରକା ଖଚିତ ଭାରତୀୟ ଦଳକୁ ଆଗୁଆ ଚେତାବନୀ ଦେଇ ସାରିଲେଣି। ଭାରତୀୟ ଖେଳାଳିମାନେ କିନ୍ତୁ ଏକବାର ଚୁପ୍‌ଚାପ୍ ରହିଛନ୍ତି। କେହି କିଛି କହୁ ନାହାନ୍ତି। ଅବଶ୍ୟ ବାଂଲାଦେଶକୁ ହାଲ୍କା ଭାବେ ନେବା ମସ୍ତବଡ଼ ଭୁଲ୍ ହେବ ବୋଲି କିଛି ପୂର୍ବତନ ଭାରତୀୟ କ୍ରିକେଟର୍ ରୋହିତ ବାହିନୀକୁ ଚେତାଇ ଦେଇଛନ୍ତି। ତଥାପି ଦଳୀୟ ସନ୍ତୁଳନ, ଅଭିଜ୍ଞତା ଓ ପୂର୍ବ ରେକର୍ଡ ଏସବୁକୁ ଦେଖିଲେ, ଭାରତ ବିଶେଷ ଚିନ୍ତିତ ହେବାର ଆବଶ୍ୟକତା ନାହିଁ। ତଥାପି ଶ୍ରୀଲଙ୍କା ଗସ୍ତରେ ଭାରତୀୟ ଖେଳାଳି ସ୍ପିନ୍ ଆଗରେ ବିନା ଲଢ଼େଇରେ ଆତ୍ମସମର୍ପଣ କରିବା ଏବଂ ବାଂଲାଦେଶ ପାଖରେ ଦୁଇରୁ ତିନି ଜଣ ଉଚ୍ଚକୋଟୀର ସ୍ପିନର ରହିବା ଟିମ୍ ଇଣ୍ଡିଆ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇପାରେ। ଭାରତ ଶୃଙ୍ଖଳା ପାଇଁ ଦଳ ଘୋଷଣା କରି ସାରିଥିଲା ବେଳେ ବାଂଲାଦେଶ କିନ୍ତୁ ଏବେ ବି ଦଳ ଗଠନ ନେଇ ଦ୍ୱନ୍ଦ୍ୱରେ ରହିଛି। ତଥାପି ପାକିସ୍ତାନରେ ଐତିହାସିକ ଶୃଙ୍ଖଳା ଜିତିଥିବା ବାଂଲା ଦଳରେ ବଡ଼ ଧରଣର ପରିବର୍ତ୍ତନ ହେବାର ଆଶଙ୍କା କମ୍ ରହିଛି। ପୁଣି ଚଳିତ ମାସ ୧୯ ତାରିଖରୁ ଚେନ୍ନାଇର ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ୍ ଏବଂ ୨୭ ତାରିଖରୁ କାନପୁରରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ପିଚକୁ ନେଇ ମଧ୍ୟ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଯାଇଛି। ଉଭୟ ଷ୍ଟାଡିୟମର ପିଚ୍ ପାରମ୍ପରିକ ଭାବେ ସ୍ପିନରଙ୍କୁ ସୁହାଉଥିବାରୁ ଉଭୟ ମ୍ୟାଚର ସ୍ପିନର୍ ନିର୍ଣ୍ଣାୟକ ଭୂମିକାରେ ରହିବେ ବୋଲି ଆଶା କରାଯାଉଛି।

# ପାରା ଅଲିମ୍ପିକ୍ସ ପଦକ ବିଜେତାଙ୍କ ପାଇଁ ପୁରସ୍କାର ଘୋଷଣା

**ନୂଆଦିଲ୍ଲୀ,୧୧।୯:** ନିକଟରେ ଶେଷ ହୋଇଥିବା ପ୍ୟାରିସ ପାରା ଅଲିମ୍ପିକ୍ସରେ ଭାରତୀୟ ଆଥଲେଟମାନେ ରେକର୍ଡ ସଂଖ୍ୟକ ପଦକ ଜିତିଛନ୍ତି। ଭାରତ ପାରା ଅଲିମ୍ପିକ୍ସରେ ୭ ସ୍ୱର୍ଣ୍ଣ ସହ ମୋଟ ୨୯ଟି ପଦକ କବଜା କରିଛି। ପୂର୍ବରୁ କୌଣସି ପାରା ଅଲିମ୍ପିକ୍ସରେ ଭାରତ ଏତେ ସଂଖ୍ୟକ ପଦକ ଜିତି ନଥିଲା। ଏହି ଐତିହାସିକ ସଫଳତା ପାଇଁ ଆଜି ଭାରତ ସରକାର ପଦକ ବିଜେତାଙ୍କ ପାଇଁ ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି।

ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳିଙ୍କୁ କେନ୍ଦ୍ର ସରକାର ୭୫ ଲକ୍ଷ ଟଙ୍କା ଲେଖାଏ ଦେବେ। ସେହିପରି ରୌପ୍ୟ ପଦକ ବିଜେତା ୫୦ ଲକ୍ଷ ଓ ବ୍ରୋଞ୍ଜ ପଦକ ହାସଲ



କରିଥିବା ଖେଳାଳି ୩୦ ଲକ୍ଷ ଟଙ୍କା ପାଇବେ। ସେହିପରି ମିକ୍ସଡ ଟିମ ଇଭେଣ୍ଟରେ ଦକ୍ଷତା ଦେଖାଇଥିବା ତୀରନ୍ଦାଜ ଶୀତଲ ଦେବୀଙ୍କ ଭଳି ଖେଳାଳିଙ୍କୁ ୨୨.୫ ଲକ୍ଷ ଟଙ୍କା ଲେଖାଏ ମିଳିବ। ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆୟୋଜିତ କାର୍ଯ୍ୟକ୍ରମେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଏପରି ଘୋଷଣା କରିଛନ୍ତି।

୨୦୨୮ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ପାରା ଆଥଲେଟମାନେ କେମିତି ଅଧିକ ପଦକ ଜିତିପାରିବେ, ସେସବୁ ସୁବିଧା ଭାରତ ସରକାର ଯୋଗାଇ ଦେବେ ବୋଲି ମଧ୍ୟ ମାଣ୍ଡଭୀୟ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି, ପାରା ଅଲିମ୍ପିକ୍ସ ଓ ପାରା କ୍ରୀଡ଼ାରେ ଭାରତ ଉପରକୁ ଉଠିବାରେ ଲାଗିଛି। ୨୦୧୬ରେ ୪ ପଦକ ଥିବା ବେଳେ ଟୋକିଓରେ ଆମେ ୧୯ ଓ ପ୍ୟାରିସରେ ୨୯ ପଦକ ଜିତି ୧୮ତମ ସ୍ଥାନରେ ପହଞ୍ଚିଛୁ। ଆମେ ପାରା ଆଥଲେଟମାନଙ୍କୁ ସବୁ ପ୍ରକାରର ସୁବିଧା ଯୋଗାଇ ଦେବୁ। ଏହଦ୍ୱାରା ୨୦୨୮ ଏଲଏ ପାରା ଅଲିମ୍ପିକ୍ସ ଆମେ ଅଧିକ ପଦକ ଜିତି ପାରିବା। ଭାରତ ପାରା ଅଲିମ୍ପିକ୍ସରେ ୭ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୩ଟି ବ୍ରୋଞ୍ଜ ପଦକ ହାସଲ କରିଛି। ସେହିପରି ପାରା ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ମଧ୍ୟ ୫୦ ପାର କରିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ